78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା- ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
## The Prajatantra

ସମ୍ବାଦ ବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୧୯୩ ● କଟକ ● ରବିବାର ● ୧୬ ଫେବ୍ରୁଆରୀ-୨୦୨୫ ● ଧନୁ-୭ ● ସାଲ୍ ୧୪୩୧
CUTTACK ● SUNDAY ● 16 FEBRUARY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ଅଭିବୃଦ୍ଧି ୭.୨% ରହିବା ଆକଳନ

**ଭୁବନେଶ୍ୱର,(ପିପିଏସ୍):** ଆର୍ଥିକ ଶୃଙ୍ଖଳା ପାଳନ ଓ ବିଚକ୍ଷଣ ଆର୍ଥିକ ନୀତି ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧି ଓ ବିକାଶ ବଜାୟ ରଖିବାର କ୍ଷମତା ଓଡ଼ିଶାର ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୀତିର ଆକଳନ ୯.୫ଲକ୍ଷ କୋଟି ଟଙ୍କା (୧୧୩ବିଲିୟନ ଆମେରିକୀୟ ଡଲାର)ର ଥିବାବେଳେ ୭.୨% ହାରରେ ବାସ୍ତବ ଅଭିବୃଦ୍ଧି ହେବ ବୋଲି ଆକଳନ କରିଥିବା ରାଜ୍ୟ ସରକାର ଏହି ବର୍ଷରେ ଓଡ଼ିଶା ଅର୍ଥନୀତିର ସମସ୍ତ କ୍ଷେତ୍ରରେ ସୁଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ଦାବି କରିଛନ୍ତି। ବିଭିନ୍ନ ସୁଯୋଗର ଫାଇଦା ଉଠାଇ ମଧ୍ୟମ ଅବଧିରେ ଓଡ଼ିଶା ଉଚ୍ଚ ଅଭିବୃଦ୍ଧି ହାସଲ କରିବାର ସାମର୍ଥ୍ୟରଖିଛି ଓ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟର ବାସ୍ତବ

## ଅର୍ଥନୈତିକ ସର୍ଭେ ରିପୋର୍ଟ



ଅଭିବୃଦ୍ଧି ହାର ୮ରୁ ୮.୫% ରହିବ ବୋଲି ଆକଳନ କରାଯାଇଛି। ଶନିବାର ବିଧାନସଭାରେ ଉପସ୍ଥାପିତ 'ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୪-୨୫'ରେ ରାଜ୍ୟ ସରକାର ଓଡ଼ିଶାର ଗୋଲାପୀ ଅର୍ଥନୀତିର ଚିତ୍ରକୁ ଉପସ୍ଥାପନ କରିବା ସହ ଏକ ଦୃଢ଼ ଆର୍ଥିକ ଭିତ୍ତିଭୂମି ଆଶାରେ ଓଡ଼ିଶା ସରକାର ଏହାର ପରିଚାଳନାରେ ଉନ୍ନତି ଆଣିବା ପାଇଁ ଅନେକ ସଂସ୍କାର ଆଣିଥିବା ଦାବି କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାର ଅର୍ଥନୀତିର ଆକାର ୯.୫ଲକ୍ଷ କୋଟି ଟଙ୍କାର ହେବ। ଖଣିଜ ପଦାର୍ଥକୁ ନେଇ ଭବିଷ୍ୟତର ଶିଳ୍ପ, ସୁଦୀର୍ଘ ଉପକୂଳ, ଅଭିବୃଦ୍ଧି ପାଇ ଅନୁକୂଳ ଓ ଲାଭଦାୟକ ଜନସଂଖ୍ୟାକୁ ଉପଯୋଗ କରି ଓଡ଼ିଶା ଏକ ନୂଆ ଅଭିବୃଦ୍ଧିର ପଥ ପ୍ରଶସ୍ତ କରିପାରିବ। ଆବଶ୍ୟକ ଭିତ୍ତିଭୂମି ବିକାଶରେ ବହୁମୁଖୀ ସୁବିଧା ଆଧାରିତ ପୁଞ୍ଜିନିବେଶରୁ ଭବିଷ୍ୟତରେ ଉଲ୍ଲେଖନୀୟ ଲାଭ ହାସଲ କରିବାର ଆଶା ସହ ଅଗ୍ରଣୀ କ୍ଷେତ୍ରରେ ମହିଳାଙ୍କ ସମେତ ଶିଳ୍ପ ସମ୍ବନ୍ଧୀୟ କର୍ମଚାରୀ ପ୍ରଶିକ୍ଷଣ ଓଡ଼ିଶାର ଅର୍ଥନୀତିରେ ପରିବର୍ତ୍ତନ ଆଣିବ ଏବଂ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଅର୍ଥନୀତିକ ସର୍ଭେ ରିପୋର୍ଟରେ ଦର୍ଶାଇଛନ୍ତି। ପ୍ରଥମଥର ପାଇଁ ରାଜ୍ୟର ଅର୍ଥନୀତିକ ସର୍ଭେ ରିପୋର୍ଟର କଭରପୃଷ୍ଠାରେ 'ବିକଶିତ ଭାରତ'ର ସ୍ଲୋଗାନ ସ୍ଥାନ ପାଇଛି । ଅତ୍ୟାବଶ୍ୟକ ଦରଦାମ ବୃଦ୍ଧିକୁ ନେଇ ବିରୋଧୀ ଦଳଗୁଡ଼ିକ ହୋ-ହାଲ୍ଲା କରୁଥିଲେ ମଧ୍ୟ ଓଡ଼ିଶାର ମୁଦ୍ରାସ୍ଫୀତି ଦୃଷ୍ଟିକୋଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ସକରାତ୍ମକ ମତ ରଖିଥିବା ଏହି ରିପୋର୍ଟରେ ଦାବି କରାଯାଇଛି।

# ଚଳାଇ ଦେଉନାହାନ୍ତି ଗୃହ

## ତୃତୀୟ ଦିନରେ ବି ବିରୋଧୀଙ୍କ ହଙ୍ଗାମା

**ଭୁବନେଶ୍ୱର,(ପିପିଏସ୍):**



ଚାଲିପାରୁନି ଗୃହ। ବିରୋଧୀଙ୍କ ହଟଗୋଳ ଯୋଗୁଁ ବ୍ୟାହତ ହୋଇଛି ପ୍ରଶ୍ନକାଳ। ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ପ୍ରଦର୍ଶନ। ଗୃହ ମଧ୍ୟଭାଗରେ ନାରାବାଜି। ଚାଷୀ ସମସ୍ୟା ନେଇ ହଟ୍ଟଗୋଳ କରୁଛି ବିଜେଡି। ସେପଟେ କଂଗ୍ରେସର ମଧ୍ୟ ସମାନ ଆଭିମୁଖ୍ୟ। ଆଇନଶୃଙ୍ଖଳା ନେଇ ଅସନ୍ତୋଷ ବ୍ୟକ୍ତକରିଛି କଂଗ୍ରେସ। ଫଳରେ ବାଚସ୍ପତି ଗୃହକୁ ମୁଲତବି ପରେ ମୁଲତବି ଘୋଷଣା କରୁଛନ୍ତି। ଦୁଇଦିନ ଧରି ସମାନ ସ୍ଥିତି। ଶନିବାର ମଧ୍ୟ ଆରମ୍ଭରୁ ଚାଲି ପାରିଲା ନାହିଁ ଗୃହ। ଉଭୟ ବିଜେଡି କଂଗ୍ରେସ ସଦସ୍ୟଙ୍କ ପ୍ରତିବାଦ ଯୋଗୁଁ ଆଲୋଚନା ବାଧାପ୍ରାପ୍ତ ହେଉଛି । ସେପଟେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଆଲୋଚନା ମଧ୍ୟ ହୋଇପାରିଲା ନାହିଁ। ଆଇନ, ପୂର୍ତ୍ତ, ପର୍ଯ୍ୟଟନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶ୍ନକାଳ ଆଲୋଚନା ହୋଇପାରିଲା ନାହିଁ । ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଗୃହରେ ଆଲୋଚନା ହୁଏ। ସମସ୍ୟାର ସମାଧାନ ବାହାରେ। ହେଲେ ବିରୋଧୀଙ୍କ ହଟଗୋଳ ଯୋଗୁଁ ଗୃହ ଆରମ୍ଭରୁ ମୁଲତବି ହେଉଛି। ଅଦିନିଆ ବର୍ଷାରେ ଫସଲ ଧୋଇଯିବା ଫଳରେ ଚାଷୀ ହନ୍ତସନ୍ତ ପ୍ରସଙ୍ଗକୁ ଆୟୁଧ କରି ବିଜେଡି ଅଭିଯୋଗ ଆଣିଥିଲା। ଦଳୀୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା ପ୍ରଦର୍ଶନ କରିଥିଲେ।

### ଅଚଳ ହେଲା ପ୍ରଶ୍ନକାଳ ଓ ଶୂନ୍ୟକାଳ, ମୁହାଁମୁହିଁ ବିଜେଡି-ବିଜେପି

### ବିରୋଧୀ ଭୟଭୀତ ଓ ପଳାୟନ ପନ୍ଥୀ: ସଂସଦୀୟ ବ୍ୟାପାର ମନ୍ତ୍ରୀ

ରାଜ୍ୟ ସରକାର କ୍ଷମତାରେ ଆସିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଣ୍ଡିରେ କଟ୍‌ନୀ ଛଟ୍‌ନୀ ହେବନାହିଁ, କିନ୍ତୁ ପ୍ରତି ମଣ୍ଡିରେ ଏବେ ଚାଷୀ କାନ୍ଦୁଛି। ବ୍ୟାପକ କଟ୍‌ନୀ ଛଟ୍‌ନୀ ହେଉଛି। କଂଗ୍ରେସ ସଦସ୍ୟମାନେ ଗୃହରେ ଚାଷୀ ସମସ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତର ପ୍ରତିବାଦ କରିଥିଲେ। ଗୃହ ମୁଲତବି ପରେ ବିଜେଡି ପକ୍ଷରୁ ଏକ ଟିମ୍ ରାଜ୍ୟପାଳଙ୍କୁ ଭେଟି ଚାଷ ଓ ଚାଷୀ ଅବ୍ୟବସ୍ଥା ନେଇ ଫେରାଦ ହୋଇଥିଲା। କଟ୍‌ନୀ ଛଟ୍‌ନୀ ବନ୍ଦ ହେଉ, ଚାଷୀର ସମସ୍ତ ଧାନଉଠୁ, ମିଲର ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ପ୍ରଭାବିତ। ରାଜ୍ୟରେ ଚାଷୀ ମୃତ୍ୟୁହେଉଛି। ତେଣୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ି ଆଜି ଭେଟିବାକୁ ଯାଉଛୁ ବୋଲି କହିଥିଲେ ବିଜେଡି ବିଧାୟକ ପ୍ରତାପ ଦେବ । ଆମେ ଚାଷୀ ଆଲୋଚନା କରିବାକୁ ଶୁକ୍ରବାରଠାରୁ କହୁଛୁ ହେଲେ ବାଚସ୍ପତି ଶୁଣୁନାହାନ୍ତି। ୫୫ ମିନିଟ୍‌ରେ ଚାଷୀ ପ୍ରସଙ୍ଗ ଆଲୋଚନା ହୋଇପାରିବନାହିଁ। ତେଣୁ ଆମେ ଅଧିକ ସମୟ ଚାହୁଁଛୁ ହେଲେ ସରକାର ଚୁପ, ତେଣୁ ଏହାର ପ୍ରତିବାଦ କରି ଆମେ ରାଜ୍ୟପାଳଙ୍କୁ ଭେଟିବାକୁ ଯାଉଛୁ ବୋଲି କହିଛନ୍ତି ବିଜେଡି ବିଧାୟକ ପ୍ରତାପ ଦେବ। କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି, ସରକାରଙ୍କ ଖାମ୍ ଖିଆଲି ମନୋଭାବ ଯୋଗୁଁ ଚାଷୀ ହନ୍ତସନ୍ତ। ସବୁ ମଣ୍ଡିରେ ବ୍ୟାପକ କଟ୍‌ନୀ ଛଟ୍‌ନୀ ହେଉଛି। ସରକାର ଏହାକୁ ବନ୍ଦ କରି ପାରୁନାହାନ୍ତି ତେଣୁ ଏହାର ପ୍ରତିବାଦ କରି ଗୃହରେ ଆମେ ସ୍ୱର ଉଠାଇଥିଲୁ। ସେପଟେ ସରକାରୀ ଦଳ ଏହାକୁ ନାପସନ୍ଦ କରିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ବିରୋଧୀ ଭୟଭୀତ ଓ ପଳାୟନ ପନ୍ଥୀ। ସେମାନେ କେବେ ବିରୋଧୀଦଳରେ ବସି ନଥିଲେ। ତେଣୁ ବିରୋଧୀଦଳ କାର୍ଯ୍ୟ ନିର୍ବାହ କରିପାରୁନାହାନ୍ତି। ପ୍ରଶ୍ନ ଉତ୍ତର



କାଳ ବହୁତ ଗୁରୁତ୍ୱପୂର୍ଣ୍ଣ, ଯାହାକୁ ରାଜ୍ୟବାସୀ ଜାଣିବାର ମାଧ୍ୟମ। ସରକାରୀ ଦଳର ଉତ୍ତର ଶୁଣିବାକୁ ବିରୋଧୀ ସାହସ ରଖିନାହାନ୍ତି। ତେବେ ଶୁକ୍ରବାର କଂଗ୍ରେସ କଟ୍‌ନୀ ଛଟ୍‌ନୀ ନେଇ ଦେଇଥିବା ମୁଲତବି ପ୍ରସ୍ତାବକୁ ଗ୍ରହଣ କରାଯାଇଥିଲା ହେଲେ କାହିଁକି ଆଲୋଚନାକୁ କଂଗ୍ରେସ କି ବିଜେଡି ଆସୁ ନାହାନ୍ତି ? ଯେଉଁ ୧୦୦ଟଙ୍କା ବୋନସ୍ କଥା ବିଜେଡି ସରକାର ଘୋଷଣା କରିଥିଲା, ତାହା ଦେଲାନାହିଁ। ବିଜେପି ୩୧୦୦ ଟଙ୍କା ଦେଲା, ବିରୋଧୀଙ୍କ କୁମ୍ଭୀର କାନ୍ଦଣା ବନ୍ଦ ହେଉ। ଲୋକେ ଦେଖୁଛନ୍ତି ଯେ ସେମାନେ ବିଗତ ଦିନରେ କେମିତି ପ୍ରତାରିତ ହୋଇଛନ୍ତି। ବିଜେଡି ଓ କଂଗ୍ରେସ ଡବଲ୍ ଷ୍ଟାଣ୍ଡାର୍ଡ। ବିଜେଡି ମୋସନ୍ ପାଇଁ କହୁଛି, କଂଗ୍ରେସ ମୁଲତବି ପାଇଁ ଦାବି କରି ପରେ ଉଭୟ ଦଳ ମିଶି ଯାଉଛନ୍ତି।

# ବିଅର କେନ୍‌ରେ ଗାନ୍ଧିଜୀଙ୍କ ଫଟୋ !

**ନୂଆଦିଲ୍ଲୀ,(ପିପିଏସ୍):** ବିଅର କେନ୍‌ରେ ଗାନ୍ଧିଜୀଙ୍କ ଫଟୋ । ଗାନ୍ଧିଜୀଙ୍କୁ ଏପରି ଅପମାନ ଘଟଣା ସାମ୍ନାକୁ ଆସିଛି ଋଷରୁ। ଋଷର ଏକ ବିଅର କମ୍ପାନୀ କେନ୍ ଉପରେ ଗାନ୍ଧିଜୀଙ୍କ ସ୍କେଚ୍ ଛାପିଥିବା ନେଇ ଖବର ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ଏହାକୁ ନେଇ ଭାରତରେ ଦେଖାଦେଇଛି ତୀବ୍ର ପ୍ରତିକ୍ରିୟା। ମହାତ୍ମା ଗାନ୍ଧୀଙ୍କ ଦସ୍ତଖତ ସହ ନାଁ ଓ ଫଟୋ ଲଗାଇ ବିଅର୍ ବିକୁଥିବା ଋଷିଆ କମ୍ପାନୀର ଏପରି କାରନାମାକୁ ନେଇ ଲୋକେ ଉତକ୍ଷିପ୍ତ ହୋଇଛନ୍ତି। ଗାନ୍ଧିଜୀ ସର୍ବଦା ନିଶା ବିରୋଧୀ ଥିଲେ । ମଦ ବନ୍ଦ ଉପରେ ସେ ଗୁରୁତ୍ୱ ଦେଉଥିଲେ। ଏଭଳି ସ୍ଥିତିରେ ଗାନ୍ଧିଜୀଙ୍କ ଫଟୋ ବିଅର୍ କ୍ୟାନ୍‌ରେ ଛାପିବା ଗାନ୍ଧିପ୍ରେମୀଙ୍କୁ ଉତକ୍ଷିପ୍ତ କରିଛି। ତୁରନ୍ତ ଏପରି ବିଅର ଉପରେ ଋଷ ସରକାର ପ୍ରତିବନ୍ଧକ ଲଗାଇବାକୁ ଦାବି ହୋଇଛି।

# ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଇ-କେୱାଇସି

**ଭୁବନେଶ୍ୱର,(ପିପିଏସ୍):**

ରାସନ୍‌କାର୍ଡ ହିତାଧିକାରୀଙ୍କ ପାଇଁ ପୁଣି ବଢ଼ିଲା ଇ-କେୱାଇସି ଅବଧି। ହିତାଧିକାରୀଙ୍କ ସ୍ୱାର୍ଥକୁ ଦେଖି ସରକାର ୩୧ମାର୍ଚ୍ଚ ପର୍ଯ୍ୟନ୍ତ ଅବଧି ବଢ଼ାଇଛନ୍ତି। ଏନେଇ ବିଧାନସଭାରେ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨କୋଟି ୯୯ଲକ୍ଷ ୮ହଜାର ୪୫୭ ଇ-କେୱାଇସି କରିଥିବା ଜଣାପଡ଼ିଛି। ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ୯୭ଲକ୍ଷ ୭୭ହଜାର ୩୫୧ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଏବଂ ସଦସ୍ୟଙ୍କ ସଂଖ୍ୟା ୩ କୋଟି ୩୨ ଲକ୍ଷ ୩୩ ହଜାର ୩୧୧। ୯୦% ଇ-କେୱାଇସି କରିସାରିଲେଣି। ସରକାରଙ୍କ ପକ୍ଷରୁ ଫେବୃଆରୀ ୧୫ଶେଷ ତାରିଖ ରହିଥିଲା। କିନ୍ତୁ ମୋ ପାଖକୁ ରିପୋର୍ଟ ଆସିଛି ଯେ ଆଉ ୩୪୧ଟି ପଏଣ୍ଟରେ ନେଟ୍‌ୱର୍କ ସମସ୍ୟା ଥିବାରୁ ଇ-କେୱାଇସି ହୋଇପାରିନାହିଁ। ନୋ-ନେଟ୍‌ୱର୍କ ୨୩୦ଟି ଏବଂ ସ୍ଲୋ ନେଟ୍‌ୱାର୍କ ୧୧୧ଟି ପଏଣ୍ଟ ଥିବାରୁ ଲୋକେ ଇ-କେୱାଇସି କରିପାରିନାହାନ୍ତି। ତେଣୁ ସରକାର ବିଚାରକରି ଅବଧିକୁ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଯେଉଁ ସ୍ଥାନରେ ଆବଶ୍ୟକତା ଅଛି କିମ୍ବା ନେଟ୍‌ୱର୍କ ସମସ୍ୟା ଥିବ, ସେହି ପଏଣ୍ଟରେ ଡିଭାଇସ୍ ଲଗେଇବୁ। ଯୋଗାଣ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଅଯୋଗ୍ୟମାନେ କାର୍ଡ ନଫେରାଇଲେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବେ।

# ବନ୍ଦଘରୁ ମିଳିଲା ୩ ମୃତଦେହ

**ଢେଙ୍କାନାଳ,(ପିପିଏସ୍):** ୩ଦିନ ତଳେ ପୁଅ ପାଖକୁ ଯାଇଥିଲେ। ପ୍ରାୟତଃ ଘରେ ସବୁ ଠିକ୍‌ଠାକ୍ ଥିଲା। ହେଲେ ଫେରିଲା ବେଳକୁ ପୁଷ୍ପାଞ୍ଜଳି ଦାସ ଦେଖିଲେ ଘର ଭିତରେ ଝୁଲିଛି ସ୍ୱାମୀ, ଝିଅ ଓ ନାତିଙ୍କ ମୃତଦେହ। ଏପରି ଲୋମହର୍ଷକାରୀ ଘଟଣା ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଚାଉଳିଆ ଖମାର ଗାଁର ଶଙ୍କର୍ଷଣ ଦାସ ହେଉଛନ୍ତି ଜଣେ ରେଳୱେ କର୍ମଚାରୀ। ଚାକିରିରୁ ଅବସର ପରେ ଶ୍ରୀ ଦାସ ଗାଁରେ ରହୁଥିଲେ। ତାଙ୍କ ସାଙ୍ଗରେ ପତ୍ନୀ ପୁଷ୍ପାଞ୍ଜଳି, ବିବାହିତା ଝିଅ ସୁବର୍ଣ୍ଣ ଦାସ(୪୦) ଓ ନାତି ସନ୍ତୋଷ କୁମାର ଦାସ(୧୬) ରହୁଥିଲେ। କିଛି ଦିନତଳେ ପୁଷ୍ପାଞ୍ଜଳି ବାହାରେ ଚାକିରି କରୁଥିବା ପୁଅ ପାଖକୁ ଯାଇଥିଲେ। ଆଉ ଘରେ ବାପ, ଝିଅ ଓ ନାତି ରହୁଥିଲେ। ଶନିବାର ସିଏ ଘରକୁ ଫେରିଥିଲେ। ଘରେ ପହଞ୍ଚିଲା ବେଳକୁ କବାଟ ବନ୍ଦ ରହିଥିଲା। ତେଣୁ କବାଟ ବାଡ଼େଇଥିଲେ। ହେଲେ କେହି କବାଟ ଖୋଲିନଥିଲେ। ପୁଷ୍ପାଞ୍ଜଳି ଗାଁ ଲୋକଙ୍କ ସହାୟତାରେ କବାଟ ଖୋଲିଥିଲେ। ସେତେବେଳେ ଘର ଭିତରେ ଶଙ୍କର୍ଷଣ,



ତାଙ୍କ ଝିଅ ଓ ନାତିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ସେ ଏନେଇ ସଦର ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମୃତ ଶଙ୍କର୍ଷଣଙ୍କ ପତ୍ନୀ ପୁଷ୍ପାଞ୍ଜଳିଙ୍କୁ ପଚରାଉଚରା କରୁଛି ପୁଲିସ୍। ତେବେ ଏଠି ପ୍ରଶ୍ନ ଉଠୁଛି, ବିବାହିତା ଝିଅ, ନାତି ଓ ଅଜା କ'ଣ ଝୁଲିପଡ଼ିଲେ ଏହା ଆତ୍ମହତ୍ୟା ନା ହତ୍ୟା ? ଗାଁ ମଝିରେ ଏପରି ଘଟଣା ଘଟିଥିବା ବେଳେ ସାହି ପଡ଼ିଶା କେମିତି ଜାଣିପାରିଲେ ନାହିଁ ? ପୁଲିସ ମୃତଦେହ ଜବତ କରି ଏପରି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି । ହେଲେ କାରଣ ଜଣାପଡ଼ିନାହିଁ। ଏନେଇ ପୁଲିସ୍‌ର ପ୍ରତିକ୍ରିୟା ମିଳିପାରି ନାହିଁ। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କ କହିବା କଥା ମୃତକଙ୍କ ପରିବାର ଲୋକେ ଗାଁ ରେ କାହା ସହିତ ମିଶନ୍ତି ନାହିଁ ଅବା କଥାବାର୍ତ୍ତା ହୁଅନ୍ତିନାହିଁ। ଏପରିକି ସେମାନେ ମାନସିକ ସ୍ତରରେ ଭଲନଥିବା ଅନୁମାନ କରନ୍ତି ଗ୍ରାମବାସୀ। ମାତ୍ର ଶଙ୍କର୍ଷଣ ଜଣେ ଅବସର ପ୍ରାପ୍ତ ରେଳବାଇ କର୍ମଚାରୀ। ତାଙ୍କ ଝିଅ ସୁବର୍ଣ୍ଣ ବିବାହ କରିଥିଲେ ମଧ୍ୟ ସ୍ୱାମୀ ପରିତ୍ୟକ୍ତ ଯୋଗୁଁ ନିଜ ବାପ ଘରେ ପୁଅକୁ ନେଇ ଅନେକବର୍ଷ ହେଲା ରହୁଥିଲେ।

### ଢେଙ୍କାନାଳରେ ଚାଞ୍ଚଲ୍ୟ

## ଧ୍ୱନିପ୍ରତିଧ୍ୱନି

**ଏଥର ସରଳ ଆୟକର: ମାମଲା ବୋଝ କମିବ**

## ବାଟେଘାଟେ



ଆଠମାସ ପରେ ଗୁମ୍ଫାରୁ ବାହାରି
ଗର୍ଜନ କରିଲେ ଘଡ଼େଇ
ଚକ୍ରାନ୍ତ କରି ହରାଇବା ପାଇଁ
କୋରେଇକୁ ନେଲେ ଛଡ଼େଇ
ରହି ନାହିଁ କାର ବଡ଼େଇ
ହାରୁ କ୍ରୀତଦାସ କ୍ଷମତା ନିଶାରେ
ହେଉଅଛି ଖାଲି ଝଡ଼େଇ
ଆଗକୁ ଦେଖିବ ସୁକିନ୍ଦା କୋରେଇ
ଭୋଟ ଆଣିବୁ ବାଡ଼େଇ
ବାପ ପୁଅ ଦୁହେଁ ନୟାନ୍ତ କରିବୁ
ଶତ୍ରୁଙ୍କୁ ଗଡ଼େଇ ତଡ଼େଇ

-ରାହୀ

## କଲେକ୍ସନ୍ ଏଜେଣ୍ଟ୍ ପ୍ରସଙ୍ଗରେ ହଟଚମଟ

# ଯୋଗାଣ ମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ୍ କଲେ ତାରା

**ଭୁବନେଶ୍ୱର, (ପିପିଏସ୍):** ଗୃହରେ ବିସ୍ଫୋରଣ କରିଛନ୍ତି ତାରା। ଅଭିଯୋଗ କରିଛନ୍ତି, କଲେକ୍ସନ୍‌ରେ ମାତିଛନ୍ତି ଯୋଗାଣ ମନ୍ତ୍ରୀ। ବିଭିନ୍ନ ସ୍ଥାନରେ ରଖିଛନ୍ତି କଲେକ୍ସନ ଏଜେଣ୍ଟ। ସବୁ ଗୋଡାଉନରୁ ଲକ୍ଷେ ଟଙ୍କା ଲେଖାଏଁ ନେଉଛନ୍ତି। ବଲାଙ୍ଗିରରେ ଯୋଗାଣ ମନ୍ତ୍ରୀଙ୍କ କଲେକ୍ସନ ଏଜେଣ୍ଟ ହେଲେ ଜଣେ ତ୍ରିପାଠୀ ସାଙ୍ଗିଆଧାରୀ ବ୍ୟକ୍ତି । ଗଞ୍ଜାମରେ ଶତପଥୀ ସାଙ୍ଗିଆ ଧାରୀ ସରକାରୀ ଦଳରୁ ଅଛନ୍ତି। ଏଭଳି ଆକ୍ଷେପ କରି ତାରା କହିଲେ, ତମର କିଏ ସବୁ କଲେକ୍ସନ କରୁଛନ୍ତି ତାର ହିସାବ ମୁଁ ରଖିଛି। ରାଜ୍ୟପାଳଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଗୃହରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଲେ କଂଗ୍ରେସ ବିଧାୟକ ତାରା ବାହିନୀପତି। ସାରା ଦେଶରେ ଦାଦନରେ ଓଡ଼ିଶା ହେଉଛି ନଂ୧, ବେକାରୀ ହେଉଛି ନଂ୧ । କଂଗ୍ରେସ ସରକାର ଯେତେବେଳେ କେନ୍ଦ୍ରରେ ଥିଲା ଡିଜେଲ୍‌ରେ ୫ ଟଙ୍କା ବଢ଼ିଲା। କ୍ରୁଡ୍ ଅଏଲ କମ୍ ଥିଲା। ଭ୍ୟାଟ୍ କିଏ ଖାଉଛି। ଆମେ ଗୃହରେ ଦାବି କରୁଥିଲୁ ରାଜ୍ୟ ସରକାର ଭ୍ୟାଟ୍ କମାନ୍ତୁ । ଡିଜେଲ, ପେଟ୍ରୋଲ ଓ ଗ୍ୟାସ୍‌ରେ ଭ୍ୟାଟ୍ ଟ୍ୟାକ୍ସ କମାନ୍ତୁ। ଉଜ୍ଜ୍ୱଳା ଥରେ ଦେଇ ଲୋକଙ୍କୁ ହଇରାଣ କଲେ। ରାଜ୍ୟପାଳ ଅଭିଭାଷଣ ପଢ଼ୁଥିଲେ। ପୋଲାଭରମ କଥା ସେଥିରେ ଉଲ୍ଲେଖ କରିନାହାନ୍ତି, ମହାନଦୀ, କୋଟିଆ କଥା ଲେଖିଲ। ମୁଣ୍ଡପିଛା କେତେ ଋଣ ଲେଖିଲ କି ? ସରକାର କହିଲେ ବିକାଶ, ୮ ମାସରେ କି ବିକାଶ କରିଛନ୍ତି ରାଜ୍ୟର ? ବିଜେଡି-ବିଜେପି ଗୋଟିଏ ଟଙ୍କାର ଦୁଇଟି ପାଖ ବୋଲି କହିଛନ୍ତି ତାରା। ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି କାହାକୁ ସମର୍ଥନ କଲା ? କଂଗ୍ରେସ ସାଧାରଣ ଲୋକଙ୍କ କଥା କହୁଛି। ଚାଷୀ ଆଜି କଟ୍‌ନୀ ଛଟ୍‌ନୀର ଶିକାର ହେଉଛି। ବୋରିଗୁମାରେ ମନ୍ତ୍ରୀ କହିଲେ ଭାଲୁ ବାଘକୁ ଡରନି, ଖାଲି ଅର୍ଥ ସଂଗ୍ରହ କଲେ। ହରିଲୁଟ କଲେ। ମୁଁ ଚ୍ୟାଲେଞ୍ଜ କରୁଛି ଯୋଗାଣ ମନ୍ତ୍ରୀ ଅର୍ଥ ଆଦାୟ କରିଛନ୍ତି। ପ୍ରମାଣିତ କରିବି ନହେଲେ ରାଜନୀତି ଛାଡ଼ିଦେବି ବୋଲି କହିଥିଲେ ତାରା। ଚାଷୀର ଅର୍ଥ ଯିଏ ଖାଇଛି ଧ୍ୱଂସ ହୋଇଯାଇଛି। ବଲାଙ୍ଗିରରେ କିଏ ? ଗଞ୍ଜାମରେ କିଏ ? କଟକରେ କିଏ ଅଛି ମନ୍ତ୍ରୀଙ୍କର ଏଜେଣ୍ଟ ? ଯିଏ କଲେକ୍ସନ କରୁଛନ୍ତି ? ବଲାଙ୍ଗିରର ତ୍ରିପାଠୀ ଅଛି ,ଶତପଥୀ ଜଣେ ମିଲ ମାଲିକ ଗଞ୍ଜାମରେ ଅଛି। ଗୋଟିଏ ଗୋଟିଏ ମଣ୍ଡିରୁ ଲକ୍ଷେ ଲକ୍ଷେ ଅର୍ଥ ଆଦାୟ କରୁଛନ୍ତି। ସ୍ୱାମୀନାଥନ ରିପୋର୍ଟ ଦେଇଥିଲେ, ଏ ଗୃହରେ ରିଜୋଲୁସନ ଅଣାଯାଉ। ଏଭଳି ଯୋଜନା କଂଗ୍ରେସ ସମୟରେ ଅଣାଯାଇଥିଲା। ଏ ରାଜ୍ୟରେ ଯଦି ବେକାରୀ ସମସ୍ୟା ସମାଧାନ ହେବନାହିଁ, ଶ୍ରମିକ ସମସ୍ୟା ସମାଧାନ ହେବ ନାହିଁ ତାହେଲେ ଅସୁବିଧା ହେବ। ଯୁବକମାନଙ୍କୁ ସଶକ୍ତ କରିବାକୁ ପଡିବ। ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ତିନିଥର ଓଡ଼ିଶା ଆସିଲେ। ରାଜ୍ୟ ସରକାରଙ୍କ ପାଣ୍ଠିରୁ ଅର୍ଥ ଖର୍ଚ୍ଚହେଲା, ଓଡିଶା କ'ଣ ପାଇଲା ? ଓଡ଼ିଶା ପ୍ରତି ଅବିଚାର ହେଉଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ। ତେଣେ ତାରାଙ୍କୁ ଚାଲେଞ୍ଜ ଦେଇଛନ୍ତି ଯୋଗାଣ ମନ୍ତ୍ରୀ। କହିଛନ୍ତି, ପ୍ରମାଣ ଦିଅ, ଆହ୍ୱାନ ହେବ। ତାରା ବାହିନୀପତି ସବୁବେଳେ ହାଲ୍‌କା ମନ୍ତବ୍ୟ ଦିଅନ୍ତି। କାହାକୁ କେତେବେଳେ କହିଦିଅନ୍ତି ସେ ଜାଣନ୍ତି ନାହିଁ। ତାରା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ଏଭଳି ଲଘୁ ମନ୍ତବ୍ୟ ଦେବା ତାଙ୍କ ପ୍ରକୃତି। ଯଦି ସତ୍ ସାହସ ଅଛି ସେ ପ୍ରମାଣ ଦିଅନ୍ତୁ। ଆମେ କାର୍ଯ୍ୟାନୁଷ୍ଠାନ ନେବୁ। ମୋ ବିଷୟରେ ଯାହା କହୁଛନ୍ତି ତାହା ମିଛ କଥା। ଆମ ସରକାର ଶୁଦ୍ଧ ଏବଂ ପବିତ୍ର। ସୁଦ୍ଧତା ଏବଂ ନିର୍ମଳ ଭାବରେ କାମ କରୁଛନ୍ତି। ଏଭଳିକହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

### ଯଦି ସତ୍‌ସାହସ ଅଛି, ପ୍ରମାଣ ଦିଅନ୍ତୁ: କୃଷ୍ଣ



# ରତ୍ନଭଣ୍ଡାର ତଥ୍ୟ ହେବ ସାର୍ବଜନୀନ

**ଭୁବନେଶ୍ୱର,(ପିପିଏସ୍):** ଶ୍ରୀମନ୍ଦିର ରତ୍ନଭଣ୍ଡାରରେ କେତେ ପରିମାଣର ରହିଛି ଅଳଙ୍କାର? ଖୁବ୍‌ଶୀଘ୍ର ଏହାର ତଥ୍ୟ ସାର୍ବଜନୀନ କରିବେ ରାଜ୍ୟ ସରକାର। ବିଧାନସଭା ବଜେଟ୍ ଅଧିବେଶନ ଚାଲିଥିବା ବେଳେ ଶନିବାର ପ୍ରଶ୍ନକାଳରେ ରତ୍ନଭଣ୍ଡାର ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖିଛନ୍ତି ଆଇନ ମନ୍ତ୍ରୀ



ପୃଥ୍ୱୀରାଜ ହରିଚନ୍ଦନ। ବିଜେଡି ବିଧାୟକ ତୁଷାରକାନ୍ତି ବେହେରା, ଆଇନ ମନ୍ତ୍ରୀଙ୍କୁ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅତୀତରେ କେବେ ଖୋଲାଯାଇ ରତ୍ନ ଅଳଙ୍କାର ଗଣତିମଣତି ହୋଇଥିଲା ଓ ଶ୍ରୀମନ୍ଦିର ପ୍ରଶାସନର ରେକର୍ଡ଼ ଅନୁଯାୟୀ ଥିବା ଅଳଙ୍କାର ବିବରଣୀ ଦେବା ନେଇ ପ୍ରଶ୍ନ କରିଥିଲେ। ଉତ୍ତରରେ ଆଇନମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିରର ରତ୍ନଭଣ୍ଡାର ଅତୀତରେ ୧୩.୦୫.୧୯୭୮ ଠାରୁ ୨୩.୦୭.୧୯୭୮ ପର୍ଯ୍ୟନ୍ତ ଖୋଲାଯାଇ ସେଥିରେ ଗଚ୍ଛିତ ଥିବା ଅଳଙ୍କାରାଦିର ଗଣତି ମଣତି ହୋଇଥିଲା। ଗତବର୍ଷ ୧୪.୦୭.୨୦୨୪ରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଖୋଲାଯାଇ ଏଥିରେ ଗଚ୍ଛିତ ଥିବା ଅଳଙ୍କାରର ସ୍ଥାନାନ୍ତର ପରେ ବର୍ତ୍ତମାନ ରତ୍ନଭଣ୍ଡାର ଗୃହର ମରାମତି କାର୍ଯ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଚାଲୁରହିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ଅଳଙ୍କାରାଦିର ଗଣତି ମଣତି ସମ୍ପୂର୍ଣ୍ଣ ହେବାପରେ, ଏହାର ସବିଶେଷ ବିବରଣୀ ଦିଆ ଯାଇପାରିବ।





# ୧୭ ପୁରୁଷଙ୍କୁ ଆକ୍ରମଣ କରିଛି ହଣ୍ଟେଡ୍ ଡଲ୍



ବ୍ରିଟେନ୍ର ଏଲିଜାବେଥ୍ ନାମକ ଏକ କଣ୍ଢେଇକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି କଣ୍ଢେଇଟି ଏକ ହଣ୍ଟେଡ୍ ଡଲ୍ ହୋଇଥିବା ନେଇ ଏହାର ମାଲିକ ଲି ଷ୍ଟୀର ଦାବି କରିଛନ୍ତି। ସାଉଥ୍ ୟାର୍କସାୟରସ୍ଥିତ ରଦରହମଠାରେ ରହୁଥିବା ପାରାନର୍ମାଲ ଇନଭେଷ୍ଟିଗେଟର ଲି ଷ୍ଟୀର (୩୭) ଇ-କମର୍ସ ପ୍ଲାଟଫର୍ମ 'ଇ-ବେ'ରୁ ୮୬୬ ପାଉଣ୍ଡ(ପ୍ରାୟ ୯୫ ହଜାର ଟଙ୍କା) ମୂଲ୍ୟରେ ଏହି କଣ୍ଢେଇକୁ କିଣିଥିଲେ। ରଦରହମରେ ଷ୍ଟୀରଙ୍କର ଏକ ମ୍ୟୁଜିୟମ ରହିଛି, ଯେଉଁଠାରେ ସେ ବିଭିନ୍ନ ହଣ୍ଟେଡ୍ ବସ୍ତୁର ପ୍ରଦର୍ଶନୀ ଆୟୋଜନ କରିଥାନ୍ତି। ଷ୍ଟୀର ଏଲିଜାବେଥ୍କୁ କିଣି ନିଜ ମ୍ୟୁଜିୟମରେ ରଖିଥିଲେ। ଷ୍ଟୀର କହିଛନ୍ତି, ଏଲିଜାବେଥ୍ ଏକ ସାଧାରଣ କଣ୍ଢେଇ ପରି ଦେଖାଯାଉଥିଲେ ମଧ୍ୟ ଏହା ଏକ ହଣ୍ଟେଡ୍ ଡଲ୍। ଏକଦା ସେ ମ୍ୟୁଜିୟମରେ ଏଲିଜାବେଥ ନିକଟରେ ଉପସ୍ଥିତ ଥିବାବେଳେ ତାଙ୍କ ବେକ ଏବଂ ପିଠିରେ କେହି ଆମ୍ପୁଡ଼ିବା ପରି ମନେ କରିଥିଲେ। ଘରେ ଯାଇ ଦେଖିବା ପରେ ସେ ନିଜ ପେଟରେ ଆଘାତ ଥିବା ଦେଖିବାକୁ ପାଇଥିଲେ। କେବଳ ସେ ନୁହନ୍ତି ସଂଗ୍ରହାଳୟକୁ ଆସୁଥିବା ଅନ୍ୟ ପୁରୁଷମାନେ ମଧ୍ୟ ସମାନ ଅନୁଭବ କରିଥିବା ଷ୍ଟୀର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ହଣ୍ଟେଡ୍ ଡଲ୍ ତାଙ୍କୁ ମିଶାଇ ୧୭ ଜଣ ପୁରୁଷଙ୍କୁ ଶାରୀରିକ ଭାବେ ଆଘାତ ଦେଇଛି। ତେବେ ଏହାବ୍ୟତୀତ ଏଲିଜାବେଥ୍ ଉକ୍ତ ସଂଗ୍ରହାଳୟ ମଧ୍ୟରେ ବିଭିନ୍ନ ବସ୍ତୁକୁ ଏପଟସେପଟ କରି ଏଣେତେଣେ ଫୋପାଡ଼ିବା, ଫାୟାର ଆଲାରାମ୍ଭ ବଜାଇବା ଆଦି ଅନେକ କାର୍ଯ୍ୟକଳାପ କରିଥାଏ ବୋଲି ଷ୍ଟୀର କହିଛନ୍ତି। ଧୋକାର ସମ୍ମୁଖୀନ ହୋଇଥିବା କୌଣସି ନବ ବିବାହିତା ମହିଳାଙ୍କର ଆତ୍ମା ଏଲିଜାବେଥ୍ ମଧ୍ୟରେ ରହିଥିବା ନେଇ ଷ୍ଟୀର ଅନୁମାନ କରିଛନ୍ତି। ବୋଧହୁଏ ସମ୍ପୃକ୍ତା ମହିଳା କୌଣସି ପୁରୁଷଙ୍କ ଦ୍ୱାରା ବହୁଳ ଭାବେ ଅତ୍ୟାଚାରିତ ହୋଇଛନ୍ତି। ସେଥିପାଇଁ ଉକ୍ତ ହଣ୍ଟେଡ୍ ଡଲ୍ କେବଳ ବିବାହିତ ପୁରୁଷମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଥିବା ଷ୍ଟୀର କହିଛନ୍ତି।

# ଶରୀରରୁ ଚର୍ବି କମାଏ ଗଜାଯୁକ୍ତ ଖାଦ୍ୟ



ଗଜା ବୁଟ, ମୁଗ, ଗହମ, ଆଲଫାଲଫା ଭଳି ପ୍ରତ୍ୟେକ ଶସ୍ୟ ବା ଗଜା ହେଉଥିବା ମଞ୍ଜିର ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତି ଉପାଦେୟ । ଚିରାଚରିତ ଉପାୟରେ ଗଜା କରିବା ନିମନ୍ତେ ଏସବୁକୁ ଆଠରୁ ୧୦ ଘଣ୍ଟା ପାଣିରେ ବତୁରାଇ ଖଣ୍ଡେ ଓଦା କନାରେ ବାନ୍ଧି ଟାଙ୍ଗି ଦେବେ । ଦିନରେ ଦୁଇ ଥର ଏହାକୁ ଓଦା କରିବା ଦରକାର । ଦୁଇ ଦିନରେ ବଡ଼ ବଡ଼ ଗଜା ବାହାରିବ । ଗଜା ଯେତେ ବଡ଼ ହେବ ତାର ଉପକାରିତା ସେତେ ଅଧିକ । ଆଜିକାଲି ଗଜା କରିବା ପାତ୍ର ମଧ୍ୟ ବ୍ୟବହାର କରାଯାଉଛି ।

?ଗଜା ହୋଇଥିବା ଖାଦ୍ୟ ଶସ୍ୟରେ ଜୀବସାର ଓ ପୁଷ୍ଟିସାରଗୁଡ଼ିକ ବହୁ ଗୁଣରେ ବୃଦ୍ଧି ହୋଇଥାଏ (ପ୍ରୋଟିନ୍ ପ୍ରାୟ ୩୦% ବଢ଼ିଥାଏ) ଏବଂ ଶ୍ୱେତସାର ପରିମାଣ କମ୍ ହୋଇଥାଏ ।

? ଶରୀରକୁ ପତଳା କରିବା ଓ ଚର୍ବି କମାଇବା ନିମନ୍ତେ ଏହା ହେଉଛି ମ୍ୟାଜିକ୍ ଖାଦ୍ୟ । ଗଜା ଖାଦ୍ୟରେ ହଜମ କରୁଥିବା ଏନ୍ଜାଇମଗୁଡ଼ିକ ରହୁଥିବାରୁ ଏହାକୁ ହଜମ କରିବା ଅତି ସହଜ ।

?ବୈଜ୍ଞାନିକମାନଙ୍କ ମତରେ ଗଜା ଖାଦ୍ୟରେ ଥିବା ଜୀବନୀ ଶକ୍ତି ଶରୀରକୁ ସବୁଦିଗରୁ ସୁସ୍ଥ ଓ କାର୍ଯ୍ୟକ୍ଷମ କରାଇଥାଏ ।

କିଛି ଲୋକ ଗଜା ଖାଦ୍ୟ ଖାଇଲେ ତରଳ ଝାଡ଼ା ହୁଏ ଏବଂ ଗଜା ଖାଦ୍ୟ ଗରିଷ୍ଠ ବା ହଜମ କରିବା କଷ୍ଟକର ବୋଲି କହିଥାଆନ୍ତି । ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ଅବଶ୍ୟ ଗଜା କରିବା ବେଳେ ବ୍ୟବହୃତ ପାଣି ଓ କପଡ଼ାରେ ଥିବା ଜୀବାଣୁ, ଭୂତାଣୁମାନେ ବେଳେବେଳେ ତରଳ ଝାଡ଼ାର କାରଣ ହୋଇଥାଆନ୍ତି । ଏଥିରୁ ବଞ୍ଚିବା ନିମନ୍ତେ ଗଜା ଖାଇବା ପୂର୍ବରୁ ଏହାକୁ ଗରମ ପାଣିରେ ପକାଇ ଧୋଇ ଦିଅନ୍ତୁ । ଫଳରେ ଜୀବାଣୁ ମରିଯିବେ ଏବଂ ମଇଳା ମଧ୍ୟ ଧୋଇ ହୋଇଯିବ। ଏହାଛଡ଼ା ଗଜା ମୁଗ ବା ବୁଟରେ କାକୁଡ଼ି, ଗାଜର, ବିଟ୍, ମୂଳା, ପିଆଜ ଷଣ୍ଢା, ବ୍ରୋକୋଲି, ଟମାଟୋ, ପିଆଜ, କଞ୍ଚାଲଙ୍କା, ଧନିଆପତ୍ରକୁ ଛୋଟ ଛୋଟ କରି କାଟି ସେଥିରେ ଲେମ୍ବୁ ଓ ଅଳ୍ପ କଳା ଲୁଣ ଦେଇ ଖାଇପାରିବେ । ଏଥିରେ ମଧ୍ୟ ସିଝା ମଟର, ବୁଟ, ସିଝା ଚିନାବାଦାମ ମଞ୍ଜି ପକାଇ ପାରିବେ । ଅଳ୍ପ ଅଦା, ଦହି ଦେଲେ ଆହୁରି ସ୍ୱାଦିଷ୍ଟ ହୋଇପାରିବ । ଏହା ଦିନରେ ଦୁଇ ତିନି ଥର ଖାଆନ୍ତୁ । ଏହା ଅତ୍ୟନ୍ତ ପୁଷ୍ଟିକାରକ, ଚର୍ବିନାଶକ ଏବଂ ଜୀବନୀଶକ୍ତି ପ୍ରଦାନକାରୀ ଖାଦ୍ୟ । ୩ ମାସ ଏହି ଖାଦ୍ୟ କେବଳ ଖାଇ ଦେଖନ୍ତୁ ଆପଣ ୧୦ କିଲୋ ଚର୍ବି ହ୍ରାସ କରିପାରିବେ ।

# ଆପଣ ବ୍ୟବହାର କରୁଥିବା ଗୁଡ଼ ଭେଜାଲ ନୁହେଁ ତ ?



ଆଜିକାଲି ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ଭେଜାଲ ସମସ୍ୟା ବଢୁଛି। ସେ ଘିଅ ହେଉ କି ତେଲ ବା ମିଠା କିମ୍ବା ଗୁଡ ହେଉ ସବୁଥିରେ ଭେଜାଲ୍। ଅଧିକ ଲାଭ ପାଇବା ଲୋଭରେ ଦୋକାନୀମାନେ ଏହି ସବୁ ଜିନିଷକୁ ଭେଜାଲ କରୁଛନ୍ତି।

ସାଧାରଣତଃ, ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଭାବି ଏହାକୁ ଆମ ଖାଦ୍ୟରେ ସାମିଲ କରୁ। କିନ୍ତୁ ଭେଜାଲ ଗୁଡ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ।

ବାସ୍ତବରେ, ବଜାରରେ ବିକ୍ରି ହେଉଥିବା ଗୁଡ ପ୍ରାୟତଃ ରାସାୟନିକ ପଦାର୍ଥ କିମ୍ବା ଶସ୍ତା ଚିନିରେ ପ୍ରସ୍ତୁତ ହୋଇଥାଏ, ଯାହା ଏହାକୁ ସ୍ୱାଦରେ ମିଠା କରିଥାଏ ସତ, କିନ୍ତୁ ଏହାର ଶୁଦ୍ଧତା ଉପରେ ପ୍ରଶ୍ନ ଉଠିଥାଏ। ତେଣୁ, ଗୁଡ କିଣିବା ପୂର୍ବରୁ ଏହାର ଶୁଦ୍ଧତା ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**ପାଣିରେ ପରୀକ୍ଷା:**
ସର୍ବପ୍ରଥମେ, ଏକ ଗ୍ଲାସରେ ପାଣି ନିଅନ୍ତୁ ଏବଂ ସେଥିରେ ଏକ ଛୋଟ ଖଣ୍ଡ ଗୁଡ ପକାନ୍ତୁ। ଶୁଦ୍ଧ ଗୁଡ ପାଣିରେ ସଂପୂର୍ଣ୍ଣ ଭାବେ ତରଳି ଯିବ, କିନ୍ତୁ ଭେଜାଲ୍ ଗୁଡ ତଳେ ବସିଯିବ।

**ରଙ୍ଗ ଦ୍ୱାରା ଚିହ୍ନଟ:**
ଶୁଦ୍ଧ ଗୁଡର ରଙ୍ଗ ଗାଢ ବାଦାମୀ କିମ୍ବା ହାଲୁକା ହଳଦିଆ ହୋଇଥାଏ। କିନ୍ତୁ ଭେଜାଲ୍ ଗୁଡର ରଙ୍ଗ ଚକଚକିଆ ଏବଂ ଗାଢ ହଳଦିଆ ହୋଇପାରେ। ତେଣୁ, ଯଦି ଗୁଡର ରଙ୍ଗ ଅତ୍ୟନ୍ତ ଉଜ୍ଜ୍ୱଳ ଦେଖାଯାଉଥାଏ ତେବେ ଏହାକୁ ସତର୍କତାର ସହିତ କିଣନ୍ତୁ।

**ସ୍ୱାଦ ଦ୍ୱାରା ଚିହ୍ନଟ:**
ଶୁଦ୍ଧ ଗୁଡର ସ୍ୱାଦ ମିଠା ଏବଂ ପ୍ରାକୃତିକ ହୋଇଥାଏ। କିନ୍ତୁ ଭେଜାଲ ଗୁଡର ସ୍ୱାଦ ସ୍ୱାଦ ବେଳେବେଳେ ବହୁତ କଡା କିମ୍ବା ଅଜବ ହୋଇପାରେ। ତେଣୁ, କିଣିବା ପୂର୍ବରୁ ପ୍ରଥମେ ଏହାକୁ ଚାଖନ୍ତୁ, ଯଦି ଏହା ଅଜବ ଲାଗେ ତେବେ କିଣିବା ଠାରୁ ଦୂରେଇ ରୁହନ୍ତୁ।

**ଅବସ୍ଥାରୁ ଚିହ୍ନଟ:**
କାଦୁଆ କିମ୍ବା ଅତ୍ୟଧିକ ଓଦାଳିଆ ଗୁଡ ଭେଜାଲ୍ ହେବାର ଅଧିକ ସମ୍ଭାବନା ଥାଏ। ତେଣୁ, ଯଦି ଆପଣ କେବଳ କଠିନ ଗୁଡ କିଣନ୍ତି ତେବେ ଏହା ଭଲ ହେବ।

ଏହି ସହଜ ପଦ୍ଧତିଗୁଡ଼ିକ ସହିତ ଆପଣ ଘରେ ବ୍ୟବହାର କରୁଥିବା ଗୁଡ ଭେଜାଲ୍ କି ଭଲ ଜାଣିପାରିବେ।

# ସ୍କୁଲ୍ ଯିବାକୁ ଆପଣଙ୍କ ପିଲା କାନ୍ଦୁଛି କି ?



ଅନେକ ସମୟରେ ପିଲାମାନେ ସ୍କୁଲ୍ ଯିବା ବେଳେ କାନ୍ଦନ୍ତି। ଏହା ଭାବପ୍ରବଣ ଚିନ୍ତାର ସଙ୍କେତ ହୋଇପାରେ। ଅନେକ ପିଲାମାନେ ଏକ ପ୍ରକାର ଭୟ, ଏକୁଟିଆ କିମ୍ବା ପରିବର୍ତ୍ତନ ହେତୁ ବିଦ୍ୟାଳୟକୁ ଯିବା ପୂର୍ବରୁ ମାନସିକ ଚାପ ଅନୁଭବ କରିବା ଆରମ୍ଭ କରନ୍ତି, ସେଥିପାଇଁ ମଧ୍ୟ ସେମାନେ କାନ୍ଦନ୍ତି।

ଏପରି ପରିସ୍ଥିତିରେ ରାତିରେ ସେମାନଙ୍କର ନିଦ ହଜିଯାଏ। ଏଭଳି ପରିସ୍ଥିତିରେ ବାପାମାମାନେ ନିଜ ପିଲାମାନଙ୍କ ଭାବପ୍ରବଣତାକୁ ବୁଝିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ଜରୁରୀ। ଆପଣ କିଛି ସହଜ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ସେମାନଙ୍କର ଭାବପ୍ରବଣ ଚିନ୍ତା ହ୍ରାସ କରିପାରିବେ, ଯାହା ଦ୍ୱାରା ସେମାନେ ଖୁସିରେ ସ୍କୁଲ୍ ଯିବେ ଏବଂ ମନରେ ଦୃଢତା ଅନୁଭବ କରିବେ।

**ସକରାତ୍ମକ କଥାବାର୍ତ୍ତା:**
ପିଲାମାନଙ୍କ ସହିତ ଶାନ୍ତ ଭାବରେ କଥା ହୁଅନ୍ତୁ ଏବଂ ତାଙ୍କ ଚିନ୍ତାଧାରା ବୁଝିବାକୁ ଚେଷ୍ଟା କରନ୍ତୁ। ତାଙ୍କ ଭୟକୁ ଅଣଦେଖା କରନ୍ତୁ ନାହିଁ, ବରଂ ତାଙ୍କୁ କୁହନ୍ତୁ ଯେ ପ୍ରତ୍ୟେକ ପିଲାଙ୍କର କିଛି ନା କିଛି ଡର ଥାଏ, କିନ୍ତୁ ଏହାକୁ ଦୂର କରିବାର ଏକ ଉପାୟ ଅଛି।


**ରୁଟିନ୍ ସୃଷ୍ଟି କରନ୍ତୁ:**
ଆପଣଙ୍କ ପିଲାଙ୍କ ଦୈନନ୍ଦିନ କାର୍ଯ୍ୟକୁ ସରଳ ଏବଂ ନିୟମିତ ରଖନ୍ତୁ। ତାଙ୍କୁ ପ୍ରତିଦିନ ସମାନ ସମୟରେ ବିଦ୍ୟାଳୟକୁ ପଠାନ୍ତୁ, ଯାହାଫଳରେ ସେମାନେ ଧୀରେ ଧୀରେ ଆଡଜଷ୍ଟ ହୋଇପାରିବେ ଏବଂ ଭୟ ତାଙ୍କ ମନରୁ ଦୂରେଇ ଯିବ। ଯଦି ଆପଣ ଏହାକୁ ପଠାଇବେ ନାହିଁ, ତେବେ ଏହା ସ୍ୱାଭାବିକ ହେବା ତାଙ୍କ ପାଇଁ ଅଧିକ କଷ୍ଟସାଧ ହେବ।

ପ୍ରେରଣା ଦିଅନ୍ତୁ:
ପିଲାଙ୍କୁ କୁହନ୍ତୁ ଯେ ତାଙ୍କ ଶିକ୍ଷକ ତାଙ୍କୁ ବିଦ୍ୟାଳୟରେ କେତେ ମିସ୍ କରିବେ, ତାଙ୍କର କେତେ ସାଙ୍ଗ ହେବେ, ବିଭିନ୍ନ ଖେଳ ହେବ ଏବଂ ନୂଆ ଜିନିଷ ଶିଖିବାକୁ ମିଳିବ। ଏହା ତାଙ୍କ ଚିନ୍ତାକୁ କମ୍ କରିବ ଏବଂ ସେମାନେ ଖୁସିରେ ସ୍କୁଲ୍ ଯିବେ।

**ଧୈର୍ଯ୍ୟବାନ ହେବା:**
ପିଲାମାନଙ୍କୁ ଆଡଜଷ୍ଟ୍ ହେବା ପାଇଁ କିଛି ସମୟ ଦିଅନ୍ତୁ। ଅନ୍ୟମାନଙ୍କ ସାମ୍ନାରେ ଗାଳି ଦେବା ଏବଂ ଆକ୍ରମଣାତ୍ମକ ହେବା ଠାରୁ ଦୂରେଇ ରୁହନ୍ତୁ। ସେମାନଙ୍କୁ ହସଖୁସିରେ କୁହନ୍ତୁ ଯେ, ସ୍କୁଲ ସରୁ ସରୁ ତାଙ୍କୁ ନେବାକୁ ଆସିବେ, ସେପର୍ଯ୍ୟନ୍ତ ସେମାନେ ନୂଆ ଜିନିଷ ଶିଖିପାରିବେ ଯାହା ଶ୍ରେଣୀରେ ଶିକ୍ଷା ଦିଆଯିବ। ଏହି ଉପାୟରେ ସେମାନେ ଆରାମ ଅନୁଭବ କରିବେ ଏବଂ ସ୍କୁଲ୍ ଯିବାକୁ ସାହସ ପାଇବେ।

**ପ୍ରତିଶ୍ରୁତି ପାଳନ କରିବା:**
ଯଦି ଆପଣ ପିଲା ସ୍କୁଲରୁ ଫେରିବା ପରେ ପାର୍କକୁ ନେବା, ତାଙ୍କୁ ଏକ ପ୍ରିୟ ରେଷ୍ଟୁରାଣ୍ଟ କିମ୍ବା ଅନ୍ୟ କୌଣସି ଯୋଜନା କରିଥିବେ, ତେବେ ଏହାକୁ ଭୁଲିଯାଆନ୍ତୁ ନାହିଁ। ପିଲାଙ୍କୁ କହିଥିବା କଥା ରଖନ୍ତୁ। ନଚେତ ଏହା

# ପ୍ରଶଂସକଙ୍କୁ ସାହାଯ୍ୟ ମାଗିଲେ ପ୍ରିୟଙ୍କାଙ୍କ ଭାଉଜ



କିଛି ଦିନ ତଳେ ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ଭାଇ ସିଦ୍ଧାର୍ଥ ଚୋପ୍ରାଙ୍କ ବିବାହ ନୀଲମ ଉପାଧ୍ୟାୟଙ୍କ ସହ ହୋଇଥିଲା। ବିବାହରେ ଅଭିନେତ୍ରୀ ବହୁତ ମଜା କରିଥିବାର ଅନେକ ଭିଡିଓ ସାମ୍ନାକୁ ଆସିଥିଲା। ହଳଦୀ, ସଙ୍ଗିତ୍ ଓ ବିବାହର ଫଟୋ ଖୁବ ଭାଇରାଲ ହୋଇଥିବା ବେଳେ ଏବେ ତାଙ୍କ ଭାଉଜ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଇଛନ୍ତି। ପ୍ରିୟଙ୍କାଙ୍କ ଭାଉଜ ନୀଲମ ନିଜର ଏକ ଫଟୋ ସେୟାର କରିଛନ୍ତି ଏବଂ ଖୋଲାଖୋଲି ଭାବରେ ଲୋକଙ୍କଠାରୁ ସାହାଯ୍ୟ ମାଗିଛନ୍ତି।

ବିବାହ ପରେ ପ୍ରିୟଙ୍କାଙ୍କ ଭାଉଜଙ୍କ ଏହି ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି ହୋଇଛି। ଇନଷ୍ଟାଗ୍ରାମ ଷ୍ଟୋରୀରେ, ନୀଲମ ତାଙ୍କ ବେକର ଏକ ଫଟୋ ସେୟାର କରିଛନ୍ତି ଯେଉଁଥିରେ ଅଜବ ଚିହ୍ନ ଦୃଶ୍ୟମାନ ହେଉଛି। ଏଗୁଡ଼ିକର ସମାଧାନ ପାଇଁ ନୀଲମ ତାଙ୍କ ଫଲୋୟର୍ସମାନଙ୍କୁ ସାହାଯ୍ୟ ମାଗିଛନ୍ତି। ଫଟୋ ସେୟାର କରି ସେ କହିଛନ୍ତି ଯେ, ବିବାହ ପରେ ତାଙ୍କର ଚର୍ମ ଆଲର୍ଜି ହେଉଛି, ଯାହା ସମ୍ଭବତଃ 'ହଳଦୀ' ସମାରୋହରେ ବ୍ୟବହୃତ ହଳଦୀ ଯୋଗୁଁ ହୋଇଛି। ହଳଦୀ କାର୍ଯ୍ୟକ୍ରମ ପୂର୍ବରୁ 'ପ୍ୟାଚ୍ ଟେଷ୍ଟ' କରାଇଥିଲେ ନୀଲମ। ସେତେବେଳେ ସବୁ ଠିକ୍ ଥିବା ବେଳେ ଏବେ ତାଙ୍କ ଦେହରେ କଳା ଦାଗ ହୋଇଯାଇଥିବା ଜଣାଇଛନ୍ତି ନୀଲମ।

# ଆଜିର ରାଶିଫଳ

ମେଷ: ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ଦ୍ୱାରା ବହୁ ଚର୍ଚ୍ଚିତ ହେବେ। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ନିଜ ସୀମା ଭିତରେ ନ ରହିଲେ ଅସୁବିଧା ଭୋଗିବେ। କୃତ୍ତିକା ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି।

ବୃଷ: ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ। ଭଲ ସମ୍ପର୍କ ରହିଥିବା ପଡ଼ୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଉପକୃତ ହୋଇପାରନ୍ତି।

ମିଥୁନ: ଦୀର୍ଘଦିନରୁ ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। କିନ୍ତୁ ଆପଣଙ୍କୁ ବିଭିନ୍ନ ପ୍ରକାରର ସଂଘର୍ଷମୟ ସ୍ଥିତି ଉପନ୍ନ କରିବାର ଆଶଙ୍କା ମଧ୍ୟ ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ନିଜର ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

କର୍କଟ: କାର୍ଯ୍ୟସିଦ୍ଧି କଥା ଚିନ୍ତା ନ କରି କାମ କରିଚାଲନ୍ତୁ, କୌଣସି ଅସୁବିଧା ହେବନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

ସିଂହ: ଆଜି ନିଷ୍ପତ୍ତି ନେବା ପୂର୍ବରୁ ପରିବାରରେ ବୟସ୍କଙ୍କ ସହ ଆଲୋଚନା କଲେ ଭଲ। ସହକର୍ମୀଙ୍କ ମତକୁ ବିଚାରକୁ ନ ନେଲେ ପରିସ୍ଥିତି ବଦଳି ଯାଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳିଯିବାର ଆଶଙ୍କା ରହିଛି। ବାଣିଜ୍ୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

କନ୍ୟା: ଆଜିର ଗ୍ରହସ୍ଥିତି ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାରର ଟୀକା ଟିପ୍ପଣୀ ଦେଇପାରନ୍ତି। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

ତୁଳା: ଆଜିର ଗ୍ରହଯୋଗ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରାଇ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର କୃତିତ୍ୱରୁ ପ୍ରଶଂସିତ ହେବେ।

ବିଛା: ଆଜିର ଦିନଚର୍ଯ୍ୟା ମଧ୍ୟରେ କେତେକ ବ୍ୟକ୍ତି ନିଜର ଭଳି ଅଭିନୟ କରିପାରନ୍ତି। ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ ହୋଇପାରିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇପାରେ। ଅପେକ୍ଷା କରି ରହିଥିଲେ ହେଁ ବନ୍ଧୁର ଦେଖା ପାଇବେ ନାହିଁ।

ଧନୁ: ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ସାମ୍ନା କରିବାରେ ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଆମତ୍ୱୀୟଙ୍କ ପରୋକ୍ଷ ଶତ୍ରୁତା କାରଣରୁ କେତେକ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ।

ମକର: ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

କୁମ୍ଭ : କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଆଜି ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ପାରିବାରିକ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି।

ମୀନ: ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଅନୁକମ୍ପାରୁ ଉପକୃତ ହୋଇପାରନ୍ତି।

# କଦଳୀ ଚୋପା



ପ୍ରାୟତଃ ଲୋକମାନେ କଦଳୀ ଖାଇବା ପରେ ଏହାର ଚୋପାକୁ ଡଷ୍ଟବିନ୍ରେ ପକାଇ ଦିଅନ୍ତି। ଏହି ଚୋପା କିନ୍ତୁ ବହୁତ ଉପଯୋଗୀ। ଏହା କେବଳ ଚର୍ମକୁ ଦାଗହୀନ ଏବଂ ଚମକାଏ ନାହିଁ ବରଂ ଅନେକ ଘରୋଇ କାର୍ଯ୍ୟକୁ ମଧ୍ୟ ସହଜ କରିଥାଏ।

କଦଳୀ ଚୋପାରେ ଅନେକ ପୋଷକ ତତ୍ତ୍ୱ ଥାଏ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ ଏବଂ ଅନେକ ପ୍ରକାରର ରୋଗକୁ ଦୂର କରିଥାଏ। ଏହାକୁ ରୋଷେଇ କରି ଖିଆଯାଇପାରେ।

ମୁହଁରେ କଦଳୀ ଚୋପା ଘଷିବା ଦ୍ୱାରା ଚର୍ମ ଶୁଷ୍କ ରୁହେ ନାହିଁ କାରଣ ଏଥିରେ ପ୍ରାକୃତିକ ମଶ୍ଚରାଇଜର ରହିଥାଏ। ଆପଣ ପ୍ରତିଦିନ ୧୫ ମିନିଟ୍ ପାଇଁ କଦଳୀ ଚୋପା ଘଷିବା ଦ୍ୱାରା ଆପଣଙ୍କ ମୁହଁରେ ଏକ ପାର୍ଥକ୍ୟ ଦେଖିପାରିବେ।

ଯେଉଁମାନଙ୍କର ଦାନ୍ତ ହଳଦିଆ ଦେଖାଯାଉଥିବ ଏବଂ ଦାନ୍ତ ସମସ୍ୟା ଥିବ ଏହାକୁ ଦୂର କରିବା ପାଇଁ କଦଳୀ ଚୋପାରେ ଦାନ୍ତ ଘଷନ୍ତୁ। ମିଳିବ ଚମତ୍କାର ଫଳ।

କଦଳୀ ଚୋପାକୁ ଗଛ ପାଇଁ ଏକ ଅଦ୍ଭୁତ ସାର ଭଳି କାମ କରେ। ଯେଉଁମାନେ ବଗିଚାକୁ ଭଲ ପାଆନ୍ତି, ସେମାନେ କଦଳୀ ଚୋପାକୁ ଆଦୌ ଫିଙ୍ଗିବା ଉଚିତ ନୁହେଁ। ଏହା ଗଛକୁ ଶୀଘ୍ର ବଢାଇଥାଏ।

କଦଳୀ ଚୋପା ମଧ୍ୟ ଜୋତା ପଲିସିଂ ପାଇଁ ଭଲ କାମ କରେ। ଯଦି ଆପଣଙ୍କ ଚମଡା ଜୋତା ଅପରିଷ୍କାର ହୋଇଯାଇଛି ତେବେ କଦଳୀ ଚୋପାରେ ଜୋତାକୁ ପଲିସ୍ କରନ୍ତୁ। ଜୋତା କିଛି ସେକେଣ୍ଡ ମଧ୍ୟରେ ଚକ୍ମକ୍ କରିବ।

# 'ତାୱା ସ୍ମୋକ୍ ଚିକେନ୍'

**ଆବଶ୍ୟକ ସାମଗ୍ରୀ :** ଚିକେନ୍, ଲୁଣ, ଦହି, ଲଙ୍କା ଗୁଣ୍ଡ, ଗରମ ମସଲା, ହଳଦୀ ଗୁଣ୍ଡ, ଲୁଣ, ଅଦା ରସୁଣ ପେଷ୍ଟ, ରିଫାଇନ୍ ତେଲ ଓ କୋଇଲା।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଚିକେନ୍ ଧୋଇ ତାକୁ ଏକ ପାତ୍ରରେ ରଖନ୍ତୁ।ଏହାପରେ ତାକୁ ମ୍ୟାରିନେଟ୍ କରି ରଖନ୍ତୁ।ଭଲଭାବେ ମ୍ୟାରିନେଟ୍ ହେବା ପାଇଁ ଚିକେନ୍କୁ ମଝିରେ ଛୁରୀରେ ଅଳ୍ପ କାଟି ଦିଅନ୍ତୁ। ଏହିଭଳି କରିବା ଦ୍ୱାରା ମସଲା ଗୁଡ଼ିକ, ଚିକେନ୍ରେ ଭଲ ଭାବେ ମିଶିଯାଇଥାଏ।ମ୍ୟାରିନେଟ୍ କରିବାକୁ ଚିକେନ୍ରେ ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ଅଦା ଓ ରସୁଣ ପେଷ୍ଟ, ଗରମ ମସଲିଆ, ଦହି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ।ଏହା ପରେ ତାକୁ ୨୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖିଦିଅନ୍ତୁ।ଏହା ପରେ ଚୁଲିରେ କଡ଼େଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଚିକେନ୍ ତେଲରେ ଗୋଟିଏ ଗୋଟିଏ ପିସ୍ କରି ପକାଇ ଭଲଭାବେ ଭାଜନ୍ତୁ।ଚିକେନ୍ ଭାଜି ହୋଇଯିବା ପରେ ଏକ ପାତ୍ରରେ ରଖନ୍ତୁ।ଏହାପରେ କୋଇଲାକୁ ଗରମ କରି ତାକୁ ଏକ ଷ୍ଟିଲ୍ ଗିନାରେ ରଖି ସେହି ଚିକେନ୍ ଭିତରେ ରଖି ତା'ଉପରେ ଏକ ଘୋଡ଼ଣୀ ଘୋଡ଼େଇ ଦିଅନ୍ତୁ।କୋଇଲାରେ ଧୂଆଁ ହେବାକୁ ସେଥିରେ ଟିକେ ତେଲ ପକାଇ ଦିଅନ୍ତୁ।କିଛି ସମୟ ପରେ ଚିକେନ୍କୁ କାଢ଼ି ଦିଅନ୍ତୁ।ଏହାକୁ ଏକ ପ୍ଲେଟକୁ କାଢି ଧନିଆ ପତ୍ର ପକାଇ ସଜାଇ ଦିଅନ୍ତୁ ।ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ତାୱା ସ୍ମୋକ୍ ଚିକେନ୍' ।



## ଅନୁଭବଙ୍କ ଆତ୍ମଜୀବନୀ ଉନ୍ମୋଚିତ

**ଭୁବନେଶ୍ୱର,(ପିପିଏସ୍):**

ଅଭିନେତା ତଥା ରାଜନେତା ଅନୁଭବ ମହାନ୍ତିଙ୍କ ଆତ୍ମଜୀବନୀ ଶନିବାର ଉନ୍ମୋଚିତ ହୋଇଯାଇଛି। 'ବ୍ଲକ୍ ବଷ୍ଟରରୁ ବାଲଟ ବକ୍ସ' ନାମରେ ଅନୁଭବଙ୍କ ପୁସ୍ତକର ଉନ୍ମୋଚନ ହୋଇଛି। ଚଳଚିତ୍ର ଓ ସାହିତ୍ୟ ଜଗତ ଏବଂ ରାଜନୈତିକ ମହଲର ବହୁ ବିଶିଷ୍ଟ ବ୍ୟକ୍ତି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ବାୟୋଗ୍ରାଫି ବା ଆତ୍ମଜୀବନୀ ଜାଗୃତି ଶୁକ୍ଲାଙ୍କ ଦ୍ୱାରା ରଚିତ ଓ ସର୍ଗତଃ ଅସ୍ତିତ୍ୱ ଏହାର ସହ ଲେଖକ ରହିଛନ୍ତି। ଏହି ପୁସ୍ତକର ଓଡିଆ ସଂସ୍କରଣକୁ ମାନସ ପଢ଼ିଆରୀ ଲେଖିଛନ୍ତି । ଓଡିଶା ଚଳଚିତ୍ର ଶିଳ୍ପରେ ତାଙ୍କର ପ୍ରାଧାନ୍ୟତା ଠାରୁ ଆରମ୍ଭ କରି ତାଙ୍କର ପ୍ରଭାବଶାଳୀ ରାଜନୈତିକ କ୍ୟାରିୟର ଏବଂ ଓଡ଼ିଶା ଓ ରାଜ୍ୟବାସୀଙ୍କ ପାଇଁ ତାଙ୍କର ଦୃଢ଼ ନିଷ୍ଠାର କାହାଣୀ ଦେଖିବାକୁ ମିଳିବ। ଏହି ବାୟୋଗ୍ରାଫି ଅନୁଭବ ମହାନ୍ତିଙ୍କ ପ୍ରେରଣାଦାୟୀ ଯାତ୍ରା ଉପରେ ଏକ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିଛି। ଏହି ପୁସ୍ତକ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତା ପ୍ରଫେସର ଅଭୟ କୁମାର ମହାନ୍ତିଙ୍କ ପ୍ରତି ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି, ଯାହାଙ୍କ ବିରାସତ ତାଙ୍କୁ ପ୍ରେରିତ କରିଆସୁଛି।

ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଓ ସାହିତ୍ୟ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ରାଜନେତା ଓ ପ୍ରଶଂସକମାନେ ଅଂଶଗ୍ରହଣ କରିଥିଲେ। ହୃଦୟସ୍ପର୍ଶୀ ଅଭିଭାଷଣ, ଆଲୋଚନା ଓ ଅନୁଭବ ମହାନ୍ତିଙ୍କ ସ୍ୱର୍ଗୀୟ ପିତାଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଥିଲା। ଏହି ପୁସ୍ତକ ଉନ୍ମୋଚିତ ହୋଇଥିବା ବେଳେ ଖୁସି ଜାହିର କରିଛନ୍ତି ଅନୁଭବ। ଏହି ପୁସ୍ତକ ତାଙ୍କ ହୃଦୟର ଅତ୍ୟନ୍ତ ନିକଟତର ବୋଲି କହିଛନ୍ତି ଅନୁଭବ। ଏହା କେବଳ ମୋର ଯାତ୍ରା ନୁହେଁ ବରଂ ମୋ ପିତାଙ୍କ ଶିକ୍ଷା, ମୋର ସଂଘର୍ଷ ଓ ଓଡ଼ିଶା ପାଇଁ ମୋର ଦୃଢ ଭଲ ପାଇବାର ଏକ ପ୍ରତିଫଳନ। ମୁଁ ଆଶା କରୁଛି ପାଠକମାନେ ଏହି ପୁସ୍ତକର ପୃଷ୍ଠାଗୁଡିକରୁ ପ୍ରେରଣା ପାଇବେ ବୋଲି କହିଛନ୍ତି ଅନୁଭବ।

# ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି 'ଇ-ବିଧାନସଭା'

## ସାର୍ବଜନୀନ ହେଉନି ପ୍ରଶ୍ନୋତ୍ତର

**ଭୁବନେଶ୍ୱର,(ପିପିଏସ୍):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ନ୍ୟାସନାଲ ଇ-ବିଧାନସଭା ଆପ୍ଲିକେସନ (ନେଭା) ଏବେ ଓଡ଼ିଶାରେ ଫେଲ୍ ମାରିଛି । କେନ୍ଦ୍ର ସରକାରଙ୍କ ୬୦ ପ୍ରତିଶତ ଅନୁଦାନରେ ଓଡ଼ିଶା ବିଧାନସଭାରେ ୨୦୨୧ ଫେବୃୟାରୀ ମାସରୁ କାର୍ଯ୍ୟକ୍ଷମ ହୋଇଥିବା 'ନେଭା' ଏପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ଓଲଟା 'ନେଭା' ମାଧ୍ୟମରେ ବିଧାନସଭାରେ ଉପସ୍ଥାପନ ହେଉଥିବା ଲିଖିତ ପ୍ରଶ୍ନୋତ୍ତରକୁ ଜାଣିବାର ସୁଯୋଗ ପାଉଥିବା ସାଧାରଣ ଲୋକଙ୍କୁ ଏବେ ସେହି ସୁବିଧାରୁ ବଂଚିତ ହେବାକୁ ପଡୁଛି। ଯଦିଓ ଚଳିତ ବଜେଟ୍ ଅଧିବେଶନ ପୂର୍ବରୁ ବିଧାନସଭା ଗୃହକୁ 'ନେଭା ଡିଜିଟାଲ ହାଉସ' ଭାବେ ଘୋଷଣା କରାଯାଇଛି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଡିଜିଟାଲ ହାଉସକୁ ଫେବୃୟାରୀ ୧୨ତାରିଖରେ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ସୂଚନା ଅନୁସାରେ, ୧୩ ତାରିଖରୁ ଚଳିତ ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଛି ଓ ଆସନ୍ତା ସୋମବାର ବାର୍ଷିକ ବଜେଟ୍ ଉପସ୍ଥାପନ ହେବ। ଚଳିତ ଅଧିବେଶନରେ ସମସ୍ତ ୧୪୭ ବିଧାୟକଙ୍କ ଆସନ ପାଖରେ 'ଆଇପ୍ୟାଡ୍' ଲଗାଯାଇ ଗୃହର କାର୍ଯ୍ୟକୁ ପେପରଲେସ୍ କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ବିଧାନସଭାର ଚଳିତ ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ଫେବୃୟାରୀ ୧୨ତାରିଖରେ ବାଚସ୍ପତି ସୁରମା ପାଢ଼ୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ଗୃହକୁ 'ନେଭା ଡିଜିଟାଲ ହାଉସ'ର ଶୁଭାରମ୍ଭ କରିଥିଲେ। ଆଉ ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ ଓ ଏକ ପେପରଲେସ୍ ହାଉସ ଭାବେ ଗୃହର ଗୌରବ ବୃଦ୍ଧି ହେବ ବୋଲି କହିଥିଲେ। ମାତ୍ର ବିଧାନସଭାର ପଦାଧିକାରୀମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏବେ 'ଇ-ବିଧାନସଭା' ପ୍ରୟାସକୁ ଧକ୍କା ଲାଗିଛି।



ବିଧାନସଭା ଗୃହକୁ 'ଡିଜିଟାଲ ହାଉସ୍' ଭାବେ ଘୋଷଣା କରାଯାଇଛି ସତ କିନ୍ତୁ ବିଧାୟକମାନଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯେଉଁ ଲିଖିତ ପ୍ରଶ୍ନ କରାଯାଉଛି ତଥା ବିଭାଗୀୟ ମନ୍ତ୍ରୀମାନେ ତା'ର ଯେଉଁ ଉତ୍ତର ଦେଉଛନ୍ତି, ତାକୁ ଅନଲାଇନରେ ସାର୍ବଜନୀନ କରାଯାଉନି। ଯଦିଓ ୨୦୨୧ ମସିହାରେ 'ନେଭା' ଆପ୍ ମାଧ୍ୟମରେ ପ୍ରଶ୍ନୋତ୍ତରକୁ ଅନଲାଇନରେ ସର୍ବସାଧାରଣ ଜାଣିବାର ସୁଯୋଗ ପାଉଥିଲେ । ବିଧାନସଭା ଗୃହରେ ପ୍ରଶ୍ନୋତ୍ତର କାଳ ଶେଷ ହେବାପରେ ଏହି 'ନେଭା' ଆପ୍ ମାଧ୍ୟମରେ ଉକ୍ତଦିନ ଗୃହରେ ଉପସ୍ଥାପିତ ହୋଇଥିବା ସମସ୍ତ ତାରକା ଓ ଅଣତାରକା ପ୍ରଶ୍ନ-ଲିଖିତ ଉତ୍ତରକୁ ବିଧାନସଭା ପକ୍ଷରୁ ସାର୍ବଜନୀନ କରାଯାଉଥିଲା। କିନ୍ତୁ ଚଳିତ ବଜେଟ୍ ଅଧିବେଶନରେ ସେହି ସୁବିଧାକୁ ବନ୍ଦ କରିଦିଆଯାଇଛି। ଅବଶ୍ୟ ବିଧାନସଭା ପକ୍ଷରୁ ନ୍ୟାସନାଲ ଇନଫରମେସନ ସେଣ୍ଟର(ଏନଆଇସି)ର ଓଡ଼ିଶା ଶାଖକୁ ଏହି ଡିଜିଟାଇଜେସନ୍ କାର୍ଯ୍ୟ ନିମନ୍ତେ ନିୟୋଜିତ କରାଯାଇଛି। ତଥାପି 'ନେଭା' ଆପ୍ ମାଧ୍ୟମରେ ପ୍ରଶ୍ନୋତ୍ତରକୁ ସାର୍ବଜନୀନ କାହିଁକି କରାଯାଉନି ସେନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରିନାହିଁ।

## କଂଗ୍ରେସକୁ ଫେରିଲେ ସୁର

# ପୁଅ ସହ କଂଗ୍ରେସ ଅଫିସ୍ ଆସିଲେ, ମୁଣ୍ଡିଆ ମାରିଲେ

**ଭୁବନେଶ୍ୱର,(ପିପିଏସ୍):**

ସୁର ରିଟର୍ଣ୍ଣସ୍। ଏଥର ଶୁଭିବ କଂଗ୍ରେସ କମିଂ। ମାଡ଼ିଚାଲ। ପକା ତାଳି। ଦୀର୍ଘ ୯ ମାସ ପରେ କଂଗ୍ରେସ ଭବନ ଫେରିଲେ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ। କଂଗ୍ରେସ ଭବନରେ ପ୍ରବେଶ କରୁକରୁ ମୁଣ୍ଡିଆ ମାରିଲେ। ଆସୁ ଆସୁ କାନ୍ଦିଲେ ଆଉ ଭାବ ବିହ୍ୱଳ ହେଲେ। ଆଜି କଂଗ୍ରେସ ଭବନରେ ସୁର ରାଉତରାୟଙ୍କୁ ଦେଖି ସମସ୍ତେ ଉତ୍ସାହିତ। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କୁ ନୂଆ ପିସିସି ସଭାପତି ଭାବେ ନିଯୁକ୍ତ ହେବା ପରେ ନିଲମ୍ବନ, ବହିଷ୍କାର ଆଦେଶକୁ ଅକାମୀ କରିଛନ୍ତି। ଏହାପରେ କଂଗ୍ରେସ ଭବନ ଆସିଥିଲେ ବରିଷ୍ଠ ନେତା ସୁରେଶ ରାଉତରାୟ। ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ଏବଂ ସମର୍ଥକଙ୍କ ସହ ଆସିଥିଲେ। ସେ ଅଧିକ ଭାବ ବିହ୍ୱଳ ହୋଇପଡ଼ି କହିଥିଲେ, କଂଗ୍ରେସ ଭବନ ମୋର ମନ୍ଦିର। ୧୯୬୨ରୁ କଂଗ୍ରେସ ସହିତ ଅଛି। ଦଳଠାରୁ ଦୂରେଇ ବହୁ କଷ୍ଟପାଇଛି। ଦଳକୁ ଫେରି ବହୁତ ଖୁସି। ଭକ୍ତ ଦାସ ନିଲମ୍ବନ ହଟାଇଥିବାରୁ ଧନ୍ୟବାଦ। ରାଜ୍ୟସାରା ବୁଲି କଂଗ୍ରେସ ପ୍ରତି ଲୋକଙ୍କ ସମର୍ଥନ ଭିକ୍ଷାକରିବୁ।




ଭକ୍ତଙ୍କ ନେତୃତ୍ୱ ନେଇ ଆଗକୁ ବଢ଼ିବ କଂଗ୍ରେସ। ଦଳ ଭିତରେ ଗୋଷ୍ଠୀ ବିବାଦ ଅଛି ବୋଲି ମାନିଛନ୍ତି ସୁର। ଏକ ହୋଇ କଂଗ୍ରେସ ଲଢ଼ିବ ବୋଲି କହିଛନ୍ତି। ତେବେ କଂଗ୍ରେସ ଭବନରେ ସେ ଭୋ ଭୋ ହୋଇ କାନ୍ଦିଥିଲେ। ଗତ ଏପ୍ରିଲ ମାସରେ ୬ବର୍ଷ ପାଇଁ ଦଳରୁ ସୁରଙ୍କୁ ବହିଷ୍କାର କରିଥିଲା କଂଗ୍ରେସ। ଏନେଇ ଦଳର ପୂର୍ବତନ ରାଜ୍ୟ ପ୍ରଭାରୀ ଡଃ ଅଜୟ କୁମାର ସୂଚନା ଦେଇଥିଲେ। ତେବେ ସୁର ନିଜ ପୁଅ ତଥା ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ପାଇଁ ପ୍ରଚାର କରୁଥିବା ଅନେକ ସମୟରେ ଭିଡିଓ ଭାଇରାଲ ହୋଇଥିଲା।

## ୧୭ ଓ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର: ଆଗାମୀ ଫେବୃଆରୀ ୧୭ ଏବଂ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ (ବଜେଟ ଅଧିବେଶନ) ବଳବତ୍ତର ଥିବା ହେତୁ ଏହି ସୋମବାର ଗୁଡ଼ିକରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଲୁପ୍ତ ମୂଷା, ହରିଣ ଶିକାର ଅଭିଯୋଗରେ ଶିମିଳିପାଳରୁ ୬ ଶିକାରୀ ଗିରଫ

### ୩ ବନ୍ଧୁକ ସମେତ ଫାଶ ଜବତ



**ବାରିପଦା, (ପିପିଏସ୍):** ଶିମିଳିପାଳ ଉଦ୍ୟାନ ଭିତରକୁ ବେଆଇନ ଭାବେ ପ୍ରବେଶ କରି ବିଲୁପ୍ତ ପ୍ରଜାତିର ମୂଷାହରିଣ ଶିକାର କରିବା ଅଭିଯୋଗ ରେ ୬ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବନ ବିଭାଗ। ଏମାନଙ୍କ ପାଖରୁ ୩ଟି ବନ୍ଧୁକ ଓ ଗୋଟିଏ ଫାସ ଜବତ ହୋଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ନୂଆଗାଁର ପ୍ରଧାନ ସୋରେନ, ଲକ୍ଷ୍ମଣ ସୋରେନ, ମିଥୁନ ହେମ୍ବ୍ରମ, ସୁବର୍ଣ୍ଣମଞ୍ଜରୀ ଗାଁର ବାଉଳା ସିଂ, ରଥ ସିଂ, ବାଙ୍ଗରା ଗାଁର ବୁଦ୍ଧିଆ ହେମ୍ବ୍ରମ ବୋଲି ସୂଚନା ମିଳିଛି। ଏ ନେଇ ଉପନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି ଯେ, ଉଦ୍ୟାନ ଭିତରେ ଲାଗିଥିବା ସିସିଟିଭି କ୍ୟାମେରାରେ ଅଭିଯୁକ୍ତମାନେ ବେଆଇନ ପ୍ରବେଶ କରିଥିବା ଜଣାପଡ଼ିଥିଲା। ଫଟୋ ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟକରି ଚଢ଼ଉ କରିଥିଲେ। ରେଡ କରିବାରୁ ସେମାନଙ୍କ ହେପାଜତରେ ଥିବା ଉପରୋକ୍ତ ବେଆଇନ ସାମଗ୍ରୀ ଜବତ କରିଥିଲେ।

# ବିଜେଡି ଧ୍ୱଂସ ପାଇଯିବ: ପ୍ରଫୁଲ୍ଲ ମାଝୀ

## 'ଫୋନ୍ କଲେ ଉଠାନ୍ତି ନାହିଁ'



**ଭୁବନେଶ୍ୱର,(ପିପିଏସ୍):**

କଂଗ୍ରେସକୁ ଫେରିବା ନେଇ ପରୋକ୍ଷରେ ଇସାରା ଦେଇଛନ୍ତି ଡା. ପ୍ରଫୁଲ୍ଲ ମାଝୀ। ସେ କହିଛନ୍ତି, ଅନେକ ପ୍ରତିଶ୍ରୁତି ଦେଇ ବିଜେଡି ମୋତେ ଦଳରେ ସାମିଲ କରିଥିଲା। ହେଲେ କୌଣସି ପ୍ରତିଶ୍ରୁତି ବିଜେଡି ରଖିଲା ନାହିଁ। ଲୋକଙ୍କ କାମପାଇଁ କଂଗ୍ରେସ ଛାଡ଼ି ବିଜେଡି ଆସିଥିଲୁ। ମାତ୍ର ତାହା ଯଦି ହୋଇ ନ ପାରିଲା ଏହି ଦଳରେ କାହିଁକି ରହିବା। ବିଜେଡିକୁ ନେତା ନ ଚଳାଇ ଆଉ ଜଣେ ଚଳାଇଲେ ଧ୍ୱଂସ ହୋଇଯିବ। ଏହି ଦଳର ଭବିଷ୍ୟତ କିଛି ନାହିଁ, ଫୋନ୍ କଲେ ଉଠାନ୍ତି ନାହିଁ। ଭକ୍ତ ଦାସଙ୍କ ପାଖରେ ଦକ୍ଷତା ଅଛି, ଦଳକୁ ପୁର୍ନଜୀବିତ କରିପାରିବେ। ଘରକୁ ଫେରିବି ନ ଫେରିବି ଏବେଠୁ କହିପାରିବି ନାହିଁ।

## ବନ୍ଦ ହୋଇଥିବା ନୟାଗଡ଼ ଚିନି କଳରୁ ଯନ୍ତ୍ରାଂଶଚୋରି, ୨ ଗିରଫ




**ନୟାଗଡ଼, (ପିପିଏସ୍):** ନୟାଗଡ଼ ଜିଲ୍ଲା ପାଣିପୋଇଲାଠାରେ ବନ୍ଦ ପ ପଡ଼ିଥିବା ଚିନିଶିଳ୍ପରୁ ବାରମ୍ବାର ଚୋରି ହେଉଛି। ଚିନି ଶିଳ୍ପର ୯୦ ପ୍ରତିଶତ ଯନ୍ତ୍ରାଂଶ ଏବଂ ଲୁହା ସାମଗ୍ରୀକୁ ଗ୍ୟାସ କଟର ମାଧ୍ୟମରେ କାଟି ଲୁଟ୍ କରାଯାଉଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗତକାଲି ରାତିରେ ନୟାଗଡ଼ ସଦରଥାନା ପୁଲିସ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇଟାମାଟି ଥାନା ଶରଧାପୁର ଗାଁର ଗଙ୍ଗାଧର ନାୟକ ଏବଂ ସଦରଥାନା ଖେଡ଼ପଡ଼ା ଗ୍ରାମର ଅଭିମନ୍ୟୁ କହଁର। ଚିନିଶିଳ୍ପରୁ ଏମାନେ ଦୀର୍ଘଦିନ ଧରି ଗ୍ୟାସ କଟର ମାଧ୍ୟମରେ ଲୁହା କାଟି ଗାଡ଼ି ଲଗାଇ କବାଡ଼ିଆରେ ବିକ୍ରି କରୁଥିଲେ। ଗତକାଲି ରାତିରେ ପୁଲିସ ବିଶେଷ ସୂତ୍ରରୁ ଖବରପାଇବା ପରେ ସଦରଥାନା ଅଧିକାରୀ ବିଜୟା ସାହୁଙ୍କ ନିର୍ଦ୍ଦେଶରେ ପୁଲିସ ଟିମ୍ ଚଢ଼ଉ କରିଥିଲା। ଏହି ଚଢ଼ଉ ବେଳେ ପୁଲିସ ଲୁହା ବୋଝେଇ ଟାଟା ଏସି ଗାଡ଼ି, ଗ୍ୟାସ କଟର ଏବଂ ଅନ୍ୟାନ ଯନ୍ତ୍ରାଂଶ ଜବତ କରିଛି। ଏହା ସହିତ ଅଭିଯୁକ୍ତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦରଥାନା ଏସ୍ଆଇ ଧର୍ମେନ୍ଦ୍ର ଶିଆଳ ସୂଚନା ଦେଇଛନ୍ତି।

## ଭଦ୍ରାୟଣିର ଦ୍ୱିତୀୟ ସନ୍ଧ୍ୟା

# ପଲ୍ଲୀଶ୍ରୀ ମେଳାରେ ୨୪୦ ଷ୍ଟଲ୍

**ଭଦ୍ରକ,(ପିପିଏସ୍):**

ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟଣିର ୨ୟ ସନ୍ଧ୍ୟା ରେ ପଲ୍ଲୀଶ୍ରୀ ମେଳା ର ବିଭିନ୍ନ ଷ୍ଟଲ ରେ ଖଚାଖଚ ଭିଡ଼ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଭରପୁର ଦର୍ଶକଙ୍କ ସମାବେଶ ଦେଖିବାକୁ ମିଳିଛି । ଦ୍ୱିତୀୟ ଦିନର ସାନ୍ଧ୍ୟ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭଦ୍ରାୟଣି ଭଦ୍ରକ ଜିଲ୍ଲାର

### ସାଂସ୍କୃତିକ ମହାକୁମ୍ଭ ପାଇଁ ଖଚାଖଚ ଭିଡ଼

ପରିଚୟ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାସୁଦେବପୁର ପଂଚାୟତ ସମିତିର ଅଧ୍ୟକ୍ଷ ନଗେନ୍ଦ୍ର କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଜିଲ୍ଲା ଓ ଜିଲ୍ଲା ତଥା ରାଜ୍ୟ ବାହାର ର କଳା, ସଂସ୍କୃତି, ଚଳନି କୁ ନେଇ ଆୟୋଜିତ ଜିଲ୍ଲା ମହୋତ୍ସବ ଭଦ୍ରାୟଣି ର ସଫଳତା



ଉପରେ ଆଲୋକପାତ କରିଥିଲେ । ପଲ୍ଲୀଶ୍ରୀ ମେଳା ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ମା ଭଉଣୀ ମାନଙ୍କ ବାଣିଜ୍ୟ ବ୍ୟବସାୟ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବା ଦିଗରେ କିପରି ସହାୟକ ହେଉଛି ସେ ଉପରେ ମଧ୍ୟ ମତାମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଧ୍ୟ ନିଜ ବିଭାଗ ର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟପଦାଧିକାରୀ, ତହସିଲଦାର ଭଦ୍ରକ, ଭଣ୍ଡାରି ପୋଖରୀ ପ୍ରମୁଖ ଯୋଗ ଦେଇଥିଲେ ।ସୂଚନା ଯୋଗ୍ୟ କି ଭଦ୍ରାୟଣିର ପଲ୍ଲୀଶ୍ରୀ ମେଳା ରେ ସମୁଦାୟ ୨୪୦ ଟି ଷ୍ଟଲ୍ ପ୍ରଦର୍ଶନ କରାଯାଇଛି । ସେଥି ମଧ୍ୟରେ ୩୩ ଟି ରେ ଖାଦ୍ୟ ମେଳା,୪୦ ଟି ରେ କୃଷି ମେଳା,୩୫ ଟି ରେ ହସ୍ତତନ୍ତ ମେଳା,୮୮ ଟି ରେ ଏସ ଏଚ ଜି ଏବଂ ପି ଜି ମାନଙ୍କ ର ଉତ୍ପାଦ,୧୦ ଟି ଷ୍ଟଲ ରେ ରାଜ୍ୟ ବାହାରର ହସ୍ତଶିଳ୍ପ, ୩ ଟି ରେ ବ୍ୟାଙ୍କ,୨୧ ଟି ରେ ବିଭିନ୍ନ ସରକାରୀ ବିଭାଗ, ୬ ଟି ରେ ସେବା ପ୍ରଦାନକାରୀ, ୧ଟି ରେ ଥିମ ଷ୍ଟଲ ପ୍ରଦର୍ଶନ କରାଯାଇଛି। ଦ୍ୱିତୀୟ ସନ୍ଧ୍ୟା ରେ ସାଂସ୍କୃତିକ କାର୍ଯ୍ୟସୂଚୀ ଅନୁଯାୟୀ ଅସୀମା ପଣ୍ଡା ଙ୍କ ଦଳ ଦ୍ୱାରା ସଙ୍ଗୀତ, ପ୍ରଜ୍ଞା ଓ ଶଙ୍କର ଙ୍କ ଦ୍ୱାରା ହାସ୍ୟ, ଓଲିଉଡ ତାରକା ଶିବାନୀ ଙ୍କ କାର୍ଯ୍ୟକ୍ରମ ସିକ୍ସର୍ସ ଡାନ୍ସ ଗ୍ରୁପ ଓ ପାଇକ ଆଖଡ଼ା କାର୍ଯ୍ୟକ୍ରମ ପରିବେଷଣ ଦର୍ଶକ ମାନଙ୍କୁ ବିଭୋର କରିଥିଲା । ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ ସ୍ୱାଗତ ଭାସନ ପ୍ରଦାନ କରିଥିଲେ । ପିଙ୍କି ଝା ମଂଚ ପରିଚାଳନା କରିଥିଲେ । ସାନ୍ଧ୍ୟ ସଭା ପୂର୍ବରୁ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ ଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ ର ଶିକ୍ଷୟିତ୍ରି କାଦମ୍ବରି କରଶର୍ମା ଙ୍କ ମଂଚ ପରିଚାଳନା ରେ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ।


cmyk cmyk cmyk

# ଉପକୂଳ ସୁରକ୍ଷା ନେଇ ପ୍ରଶ୍ନବାଚୀ: ବିଭିନ୍ନ ବିଭାଗର ପଦବୀ ଖାଲି

## ସାମୁଦ୍ରିକ ଥାନାରେ ଭିତ୍ତିଭୂମି ନାହିଁ

ଅସ୍ତରଙ୍ଗ (ପିପିଏସ୍): ସମୁଦ୍ରକୂଳ ଦେଇ ଅନୁପ୍ରବେଶ ସର୍ବଦା ଭୟ ରହିଛି। ଏହା ଛଡା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନି ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଂଚିବାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୨୦୧୪ମସିହାରେ ସ୍ଥାପିତ ହୋଇଛି। ନୂଆଗଡ ସାମୁଦ୍ରିକ ଥାନାରେ ବର୍ତମାନ ସୁଦ୍ଧା ଜଣେଥାନାଅଧିକାରୀ, ଜଣେ ଏ ଏସ ଆଇ, ୧୧ଜଣ କନେଷ୍ଟବଲ, ୯ଜଣ ହୋମଗାର୍ଡ, ୯ଜଣ ଟେକ୍ନିକାଲ ଷ୍ଟାଫ ସହ ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି। ନୂଆଗଡ ସାମୁଦ୍ରିକ ଥାନାରେ ମଞ୍ଜୁର ପଦ ୫୫ଟି ହୋଇଥିବା ବେଳେ ଖାଲିପଡିଛି ୩୩ଟି ପଦବି। ପୁଲିସ ମୁତୟନ ସତ୍ତ୍ୱେ ବେଆଇନି ଟ୍ରଲର ଚଳାଚଳ କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୁଲିସ ନଜର ପଡିଲେ ଏହା ଜବତ ହେଉଛି। ନଚେତ ଏହା ବେପିଂକର ସମୁଦ୍ର ସୀମା ଭିତରେ ମାଛ ମାରି ଚାଲିଯାଉଛନ୍ତି। ସମୁଦ୍ର ଭିତରେ ଏହି ଟ୍ରଲର ଯୋଗେ ନିଶାକାରବାର, ଜୀବଜନ୍ତୁ କାରବାର ହେବାର ଆଶଙ୍କା ମଧ ରହିଛି। ଆବଶ୍ୟକ ସମୟରେ ବାହ୍ୟ ଶତ୍ରୁଙ୍କ ପ୍ରତିହତ କରିବା ମେରାଇନି ଥାନା ନିମନ୍ତେ ଚ୍ୟାଲେଞ୍ଜ। ଏହା ସହ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଅସ୍ତରଙ୍ଗ ବ୍ଲକର ୨ଟି ପଂଚାୟତ ଝାଡ଼ଲିଙ୍ଗ ଓ ନୂଆଗଡ ରହିଥିବା ବେଳେ ଆଇନିଶୃଙ୍ଖଳା ପରିସ୍ଥିତି କୁ ମଧ ନଜର ରଖିବାକୁ ପୁଲିସ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମି କୁ ନେଇ ସର୍ବଦା ନୂଆଗଡ ସାମୁଦ୍ରିକ ଥାନା ଆଲୋଚନାରେ ରହିଆସିଛି। ବିଭିନ୍ନ ସମୟରେ ସାଗର କବଚ ସମରାଭ୍ୟାସ କରି ନିଜକୁ ସଜାଗ ଥିବା ଦର୍ଶାଉଛି ସାମୁଦ୍ରିକ ଥାନା ପୁଲିସ। ମାତ୍ର ସ୍ଥିତି ପୂରା ଅଲଗା। ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି, ସାମୁଦ୍ରିକ ଥାନାରେ ସରକାରୀ ମଞ୍ଜୁରୀ ମୁତାବକ କର୍ମଚାରୀ ନାହାନ୍ତି, ମାତ୍ର ଯେତିକି ଲୋକ ବଳ ରହିଛି ସ୍ଥିତିକୁ ଠିକ ଭାବେ କଷ୍ଟମଷ୍ଟେ ପରିଚାଳନା କରାଯାଇ ପାରୁଛି। ମଞ୍ଜୁରୀ ମୁତାବକ ନିଯୁକ୍ତି ଦେଲେ କାମ ଆହୁରି ସହଜ ହେବ। କାରଣ ସମୁଦ୍ର ରେ ଅନୁପ୍ରବେଶକାରୀଙ୍କ ଧରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀ ନାହାନ୍ତି। ସାଧାରଣ ରେ ଦାବି ହୋଇଛି ନୂଆଗଡ଼ ସାମୁଦ୍ରିକ ଥାନାରେ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି କରନ୍ତୁ, ଏହା ପୁଲିସ ବ୍ୟବସ୍ଥା ଓ ଉପକୂଳ ସୁରକ୍ଷାକୁ ଆହୁରି ମଜଭୁତ କରିବ।

# ସହିଦ ମନୋଜ ବେହେରାଙ୍କ ବଳିଦାନ ଦିବସ


ଚାରିଛକ (ପିପିଏସ୍): ଗତ ୨୦୧୯ ମସିହା ଫେବୃୟାରୀ ୧୪ ତାରିଖ ଦିନ ଜାମ୍ମୁକାଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ବୋମା ବିସ୍ଫୋରଣରେ ୪୦ ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ। ସହିଦ ହୋଇଥିବା ଯବାନମାନଙ୍କୁ କାଲି ଦେଶବାସୀ ତଥା ସେମାନଙ୍କ ପରିବାର ବର୍ଗ ଓ ସାଙ୍ଗସାଥି ମାନେ ମନେପକାଇ ସେମାନଙ୍କ ସ୍ମୃତି ଚାରଣ କରିଥିଲେ। ଦେଶ ମାତୃକା ପାଇଁ ପ୍ରାଣବଳୀ ଦେଇଥିବା ନିକଟସ୍ଥ ରତନପୁର ପଂଚାୟତର ଗଜାବର ଗ୍ରାମର ସହିଦ ମନୋଜ କୁମାର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ତାଙ୍କ ସହପାଠୀମାନେ ଏକ ସ୍ମୃତିସଭାର ଆୟୋଜନ କରିଥିଲେ। ଏହି ସ୍ମୃତି ସଭାରେ ଶିକ୍ଷକ ଜଗମୋହନ ପାତ୍ର, ପ୍ରଭାତ କୁମାର ଦାଶ, ସହପାଠୀ ଅରୁଣାଭ ଦାସ, ଧନୁର୍ଦ୍ଧର ମିଶ୍ର, ମନୋରଂଜନ ନନ୍ଦ, ନାରଂଜନ ଦେଓ, ପ୍ରମୋଦ ସାହୁ, ଗଗନ ମଲ୍ଲିକ, ପଦ୍ମଚରଣ ଭୋଇ, ସଦାଭୂଷଣ ନାୟକ, ସୁବାସ ସାହୁ, ସୁରେଶ ସାହୁ, କବି ସେଠୀ ପ୍ରମୁଖ ଉପସ୍ଥିତ ରହି ସହିଦଙ୍କ ସ୍ମୃତି ଚାରଣ କରିଥିଲେ। ସହିଦ ମନୋଜ ଅମର ରହେ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଯାଇଥିଲା। ସେହିପରି ତାଙ୍କ ବାସଭବନ ରତନପୁର ଗଜାବର ଠାରେ ପରିବାର ପକ୍ଷରୁ ସହିଦ ବଳୀଦାନ ଦିବସ ପାଳନ ଅବସରରେ ଆମ୍ଭାରାମ ବାଲାଶ୍ରମ ନୂଆ ଗାଁ ମଠର ଗଣେଶ ବାବା ଓ ସଦସ୍ୟମାନେ ପହଂଚି, ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନାମ ସଂକୀର୍ତ୍ତନ ଓ ଗୀତାପାଠ କରିଥିଲେ। ସହିଦ ପୁଅର କଥାକୁ ମନେପକାଇ ବୃଦ୍ଧ ପିତାମାତା ଓ ପରିବାରବର୍ଗଙ୍କ ଆଖିରୁ ଏବେ ବି ଲୁହ ଝରୁଛି। ସେହିପରି ନିମାପଡା କଲେଜରେ ମନୋଜଙ୍କ ସହିତ ସାଙ୍ଗ ହୋଇ ପଢୁଥିବା ସହପାଠୀ ଓ ନିରାଶ୍ରୟ ସେବାଶ୍ରମର ସଦସ୍ୟମାନେ ସହିଦ ମନୋଜଙ୍କ ସ୍ମୃତିଚାରଣ କରିଥିଲେ।

# ଶୀତ ମହୋତ୍ସବ ଧାମନଗର ବିକାଶକୁ ନୂଆଦିଗ ଦେବ



ଧାମନଗର (ପିପିଏସ୍): ଧାମନଗରରେ ପ୍ରଥମ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଶୁକ୍ରବାର ରାତିରେ ଶେଷ ହୋଇଛି। ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଞ୍ଚ ଦିନିଆ ସାଂସ୍କୃତିକ ଉତ୍ସବ ଏବଂ ବାଣିଜ୍ୟ ମେଳାକୁ କେନ୍ଦ୍ର କରି ଶନିବାର ପଞ୍ଚାୟତ ସମିତି ସଭାଗୃହରେ ଶୀତ ମହୋତ୍ସବ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ପରିଷଦର ସମ୍ପାଦକ ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଡିଓ ବନ ବିହାରୀ ଦିଆ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶରତ ମହାନ୍ତି, ମନୋଜ ମଲ୍ଲିକ, ଅରବିନ୍ଦ ପତି ପ୍ରମୁଖ ଯୋଗଦେଇ ଧାମନଗରର ଜନସାଧାରଣଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଉତ୍ସବରେ ଯୋଗ ଦେଇଥିବା ରାଜ୍ୟର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବି ନାରାୟଣ ନାଏକଙ୍କ ସମେତ ପରିଷଦର ସଭାପତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗରର ଦୁଇ ପର୍ଯ୍ୟଟନ ସ୍ଥଳୀ ଲୁଣିଆ ଏବଂ ଗୋହିରାଟିକିରିର ବିକାଶ, ମଙ୍ଗଳପୁର-ସହିଦ ନଗର-ବିଲଣା ରାସ୍ତାକୁ ଶହୀଦ ମାର୍ଗ କରିବା ଏବଂ ବୈତରଣୀ ନଦୀର ବାମ ପାର୍ଶ୍ୱ ରାସ୍ତାକୁ ପ୍ରଶସ୍ତ କରିବା ଦିଗରେ ଆର୍ଥିକ ମଞ୍ଜୁରୀ ଘୋଷଣା ଧାମନଗର ବିକାଶକୁ ନୂଆ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଶ୍ରୀକାନ୍ତ ନାୟକ, ବିଜୟ ରାମ, ବୈକୁଣ୍ଠ ନାଥ ସାହୁ, ପ୍ରମୋଦ ସୁତାର, ରାଜେନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ମହୋତ୍ସବର ସହ ସମ୍ପାଦକ ପୂର୍ବତନ ତହସିଲଦାର ଦୀପକ କୁମାର ଦାସ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼େଇଟିକରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ



କଳିଙ୍ଗନଗର, (ପିପିଏସ): କୋରେଇ ବ୍ଲକ୍ ଅନ୍ତର୍ଗତ ଖମଣ ପଞ୍ଚାୟତର ବଢେଇଟିକର ଗ୍ରାମରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଧୁମ୍ ଧାମରେ ଗତ ତେର ତାରିଖ ଠାରୁ ଆରମ୍ଭ ହୋଇ ପନ୍ଦର ତାରିଖରେ ସମାପନ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ପ୍ରଥମ ଦିନ କଳସ ବୁଡା ହୋଇ ଦ୍ୱିତୀୟ ଦିନରେ ନିତାଇ ଗୌର ପ୍ରଭୁଙ୍କ ସଂକୀର୍ତ୍ତନ ଦିନ ରାତି ହୋଇଥିବା ବେଳେ ତୃତୀୟ ଦିନ ନିତାଇ ଗୌରଙ୍କ ଗ୍ରାମ ପରିକ୍ରମା ସହିତ ଦଧିହାଣ୍ଡି ଗ୍ରାମର ପୂଜକ ନିରଞ୍ଜନ ପାଢ଼ୀ ମୁଣ୍ଡାଇବା ସହିତ ନାମ ସଂକୀର୍ତ୍ତନ ସହ ମଣ୍ଡପ ପରିଭ୍ରମଣ କରି ଦଧିହାଣ୍ଡି ଫଠାଇଥିଲେ। ନାମ ସଙ୍କୀର୍ତ୍ତନ ସମାହରୋହରେ ୧୩ଗୋଟି ଗ୍ରାମରୁ ହରି ଭକ୍ତବୃନ୍ଦମାନେ ଯୋଗ ଦେଇଥିଲେ। ଗ୍ରାମର ସୁଖ ସମୃଦ୍ଧି ଶାନ୍ତି ସଭିଙ୍କ ମଙ୍ଗଳ ପାଇଁ ତିନିଦିନ ଧରି ଅଷ୍ଟପ୍ରହରୀ ନାମ ଚାଲୁ ରହିଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀମାନେ ସହଯୋଗ କରିଥିଲେ।

# କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ପ୍ରସ୍ତୁତି

କୋଣାର୍କ(ପିପିଏସ୍): କୋଣାର୍କ ଅର୍କବିହାର ସ୍ଥିତ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୩୯ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପୂର୍ବାହ୍ନରେ ନାଟ୍ୟ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। କୋଣାର୍କ ନାଟ୍ୟ ମଣ୍ଡପର ଉପଦେଷ୍ଟା ସଂଗଠକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ରମଣୀ ରଂଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୯ ତାରିଖ ସଂଧ୍ୟାରେ ଉତ୍ସବ ପ୍ରାରମ୍ଭରେ ଘଣ୍ଟ ମର୍ଦ୍ଦଳ ଓ ଶଙ୍ଖ ଧ୍ୱନି ତାଳେ ତାଳେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ ହେବା ପରେ ନାଟ୍ୟ ମଣ୍ଡପ ଓ ନୃତ୍ୟାଳୟା ଡାନ୍ସ ଏକାଡେମୀର ୫୦ଜଣ କଳାକାରମାନେ ଅପୂର୍ବ ନୃତ୍ୟ ଶୈଳୀରେ ପରିବେଷଣ କରିବେ ପଞ୍ଚଦେବସ୍ତୁତି। ପରେ ଓଡିଶୀ, ଗୋଟିପୁଅ ଆଦି ନୃତ୍ୟ ପରିବେଷଣ ହେବ। ଏହି ଅବସରରେ ୨୫ତମ କୋଣାର୍କ ସାହିତ୍ୟ ଉତ୍ସବ ନିମନ୍ତେ ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି ଓ କବୟିତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ସଂଜୀବନୀ ପ୍ରଧାନ, ସୁଦେସ୍ନା ସାସମଲ ପ୍ରମୁଖ ନାଟ୍ୟମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପ୍ରସ୍ତାବିତ ନୂତନ ବିଦେଶୀ ମଦ ଦୋକାନକୁ ବିରୋଧ

## ଧନ ଜୀବନ କ୍ଷତି ଆଶଂକା ■ ପ୍ରଭାବିତ ହେବେ ସ୍କୁଲ ଛାତ୍ରଛାତ୍ରୀ

କୋଣାର୍କ(ପିପିଏସ୍): କୋଣାର୍କ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ ୧ ବଂଶୀ ବଜାରରେ ପ୍ରସ୍ତାବିତ ନୂତନ ବିଦେଶୀ ମଦ ଦୋକାନ ଖୋଲିବା ନେଇ ସାଧାରଣରେ ବିରୋଧ କରାଯିବା ସହ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଣାର୍କ ମୁଖ୍ୟ ରାସ୍ତା ବଂଶୀ ବଜାରରେ ନୂତନ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପୁରୀ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ଚିଠି ନଂ-୨୭୦,୭-୨-୨୫ରେ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ନୂତନ ବିଦେଶୀ ମଦ ଦୋକାନ କୋଣାର୍କ ଏନ୍ଏସିର ୧ନଂ ୱାର୍ଡ କୁଣେଇ ଗ୍ରାମର ପ୍ଲଟ ୧୨୮୭, ଖାତାନଂ-୩୯୭/୨୬୯ ରେ କରାଯିବା ନେଇ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏହି ରାସ୍ତା ଦେଇ କୋଣାର୍କ ଏନ୍ ?ଏସି ୧୧ନଂ ୱାର୍ଡରେ ବସବାସ କରୁଥିବା ଛାତ୍ରଛାତ୍ରୀ ଭୈରବୀ ନୋଡାଲ ପ୍ରାଥମିକ ବିଦ୍ୟାଳୟକୁ ଦୈନନ୍ଦିନ ଯାତାୟାତ କରିଥାନ୍ତି। ତତ୍ ସହିତ ଏହି ରାସ୍ତାଟି ଟର୍ଣ ଥିବାରେ ପୂର୍ବରୁ ଏଠି ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହୋଇଛି। ଯଦି ଏଠାରେ ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନ ଖୋଲାଯାଏ ତେବେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବା ସହ ବ୍ୟାପକ ଦୁର୍ଘଟଣା ଘଟିବାର ଆଶଙ୍କା ଉପୁଜିଛି। ଏହି ନୂତନ ଠିପି ଖୋଲା ବିଦେଶୀ ମଦ ଦୋକାନ ଖାଲାଗଲେ ଛାତ୍ରଛାତ୍ରୀମାନଙ୍କ ଉପରେ କୁପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରକାଶିତ ବିଜ୍ଞପ୍ତି ବାତିଲ କରିବା ସହିତ ନୂତନ ଦୋକାନ ଖୋଲିବା ରଦ୍ଦ କରିବା ପାଇଁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

# ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଚାରିଛକ, (ପିପିଏସ୍): ନିକଟସ୍ଥ ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ୪୯ ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷୟତ୍ରୀ ସୁନନ୍ଦା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡା ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ, ମୁଖ୍ୟବକ୍ତା ଭାବେ ଜଗତସିଂହପୁର ସାଂସଦଙ୍କ ନିମାପଡା ବ୍ଲକ ପ୍ରତିନିଧୁ ପର୍ଣ୍ଣଚନ୍ଦ୍ର ଓଝା, ସମ୍ମାନୀତ ଅତିଥିଭାବେ ତୁଳସୀପୁର ଗ୍ରାମପଂଚାୟତର ପୁର୍ବତନ ସରପଂଚ ଭଗବାନ ମିଶ୍ର, ସରପଂଚ ମଂଞ୍ଜୁଶ୍ରୀ ଭୋଇ, ସମିତିସଭ୍ୟା ଝରଣା ସାହୁ, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ପରିଚାଳନା କମିଟି ସଭାପତି ବିଜୟ କୁମାର ପାଣି, ବାବା ଅମରେଶ୍ୱର ପୂଜା କମିଟି ସଂପାଦକ ମନୋରଂଜନ ପାଣି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ମାନର ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହ ବିଦ୍ୟାଳୟ ରେ ଯୋଗ ଓ କ୍ରୀଡାର ଶିକ୍ଷା ପ୍ରଦାନ କରିବାର ଆବଶ୍ୟକତା ଅଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ଶିକ୍ଷୟତ୍ରୀ ଚିନ୍ମୟୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷକ ରାମଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥୁଲା। ଏହି ବାର୍ଷିକ ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ସହଯୋଗ କରିଥିଲେ। ଏଥିରେ ବିଦ୍ୟାଳୟର ପୁରାତନ ଛାତ୍ର ସମାଜସେବୀ ଦେବେନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର କର, ଅରକ୍ଷୀତ ଭୋଇ, ପ୍ରକାଶ ସାହୁ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ପୁରାତନ ଓ ବର୍ତ୍ତମାନ ପଢୁଥିବା ଛାତ୍ର, ଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ।

# ଆନ୍ତଃ ମହାବିଦ୍ୟାଳୟ ସାହିତ୍ୟ ଏବଂ କଳା ପ୍ରତିଯୋଗିତା ଉଦ୍‌ଘାଟିତ




ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରେ ୨ଦିନିଆ ଅନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ଓ ସାହିତ୍ୟ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୨୦ଟି ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗୀତାରେ ଯୋଗ ଦେଇଛନ୍ତି। ଏଥିରୁ ପ୍ରଥମ ହୋଇଥିବା ପ୍ରତିଯୋଗୀ ଆସନ୍ତା ୧୯ରୁ ୨୪ତାରିଖ ମଧ୍ୟରେ ଓଡ଼ିଶା ସରକାରଙ୍କ ସହାୟତାରେ ଏବଂ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ ହେବାକୁ ଥିବା ଓଡ଼ିଶା ଅନ୍ତଃ ବିଶ୍ୱ ବିଦ୍ୟାଳୟ ସାଂସ୍କୃତିକ ଓ ସାହିତ୍ୟ ପ୍ରତିଯୋଗୀତା ୨୦୨୫ରେ ଭାଗ ନେବେ। ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଡ.ସଦାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ ସଂଯୋଜିକା ଡ.ସରିତା ଦାସ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ବିଚାରକ ଭାବେ ଡ.ସରୋଜ କୁମାର ଦାଶ, ଡ. ମିହିର ତ୍ରିପାଠୀ ସହଯୋଗ କରିଥିଲେ। ଗୁରୁ ସୁଜ୍ଞାନୀ ଆଚାର୍ଯ୍ୟ, ଇ. ଦଣ୍ଡପାଟ, ଗୁରୁ ସନ୍ତୋଷ ବେହେରା ପ୍ରମୁଖଙ୍କ ସମେତ ବହୁ ଅଧ୍ୟାପକ ଅଧ୍ୟାପିକା ବିଚାରକଭାବେ ଯୋଗ ଦେଇଥିଲେ।

# ମିଳୁନି ସମ୍ମାନ, ଆସୁ ନାହାନ୍ତି ଅତିଥି: ଫିକା ପଡୁଛି ବ୍ୟାସ ମହୋତ୍ସବ

ଯାଜପୁର (ପିପିଏସ): ମୁଖ୍ୟ ମନ୍ତ୍ରୀ ଗତ ୮ ରିଖ ରେ ବ୍ୟାସନଗର ରେ ବ୍ୟାସ ସରୋବରକୁ ଉଦଘାଟନ କରିଥିଲେ। ରାସ୍ତା ଘାଟସବୁ କାମ ହୋଇ ଥିଲା। ନୂଆ ପିଚୁ କଂକ୍ରିଟ ରାସ୍ତା ବ୍ୟାସନଗରରେ ତିଆରି ହେଇଗଲା। ବ୍ୟାସନଗରବାସୀ ଭାବିଥିଲେ ଏ ବର୍ଷ ବ୍ୟାସ ମହୋତ୍ସବ ଖୁବ୍ ଧୁମ୍‌ଧାମ୍‌ରେ ପାଳନ ହେବ କିନ୍ତୁ ସବୁ ଆଶା ମାଉଳୀ ଗଲା। ପୌରାଧକ୍ଷାଙ୍କ ମେରି ରାୟ ନୀତି ପାଇଁ। ପାରିଷଦମାନଙ୍କୁ ଅଣଦେଖା କରି ନିଜ ଇଚ୍ଛାରେ ସବୁକିଛି କରିବା ନିଶାରେ। ପ୍ରତେକ ବର୍ଷ ବ୍ୟାସନଗର ପୌରପରିଷଦ ପକ୍ଷରୁ ଆୟୋଜିତ ହେଉଥିବା ଏହି ମହୋତ୍ସବ ବ୍ୟାସନଗରବାସୀଙ୍କ ପାଇଁ ଖୁସି ଓ ଆନନ୍ଦ ଆଣି ଥାଏ କିନ୍ତୁ ଏହି ବର୍ଷ ବ୍ୟାସ ମହୋତ୍ସବ ତାର ଗୁରୁତ୍ୱ ହରାଉଥିବା ଭଳି ମନେ ହେଉଛି। ମହୋତ୍ସବରେ ଅହଂଭାବ ଯୋଗୁଁ ଏଭଳି ସମସ୍ୟା ଦେଖ ?ିବାକୁ ମିଳିଥିବା ଚର୍ଚ୍ଚା ହେଉଛି। ବିଶେଷକରି ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ସ୍ଥାନୀୟ କାଉନସିଲରଙ୍କୁ ବିଶ୍ୱାସକୁ ନ ନେଇ ମନଇଚ୍ଛା ପଦକ୍ଷେପ ଗ୍ରହଣ କରୁଥିବାରୁ ସମସ୍ୟା ଅଧିକ ଜଟିଳ ହେଉଛି।

ପାରିଷଦ ପକ୍ଷରୁ ଆଗତ ପ୍ରସ୍ତାବକୁ ପୌରାଧକ୍ଷା ଶ୍ରୀମତୀ ପିଙ୍ଗୁଆ କିଛି ନିର୍ଦ୍ଦିଷ୍ଟ କର୍ମଚାରୀ ଓ ଜଣେ ଅଣ କର୍ମଚାରୀଙ୍କ ଇଙ୍ଗିତରେ ପରିବର୍ତ୍ତନ କରିବା ସହିତ ନିଜ ମନଇଚ୍ଛା ପୌର ପାରିଷଦଙ୍କ ଅଜାଣତରେ ମହୋତ୍ସବ ନେଇ ଅତିଥି ତାଲିକା ଓ ସମ୍ବର୍ଦ୍ଧିତ ପ୍ରତିଭା ଚୟନ ପ୍ରସ୍ତୁତ କରିଥିଲେ। ଏଥିପାଇଁ ପୌରାଧକ୍ଷା ଓ ପାରିଷଦଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ବଢ଼ି ଚାଲିଛି। ମହୋତ୍ସବର ନିମନ୍ତ୍ରିତ ଅତିଥିଙ୍କୁ ନିମନ୍ତ୍ରଣ କରିବାର ଢଙ୍ଗ ଏମିତି ଥିଲା ଯେ ମେଳା ଶେଷ ହେବାକୁ ଆଉ ମାତ୍ର ଦୁଇ ଦିନ ଥିବାବେଳେ କେହି ନିମନ୍ତ୍ରିତ ଅତିଥି ଆସୁନାହାନ୍ତି। ଏ ନେଇ ପୂର୍ବତନ ପୌରାଧକ୍ଷା ସବିତା ରାଉତଙ୍କୁ ପଚାରିବାରୁ ସେ କହିଥିଲେ କି ବ୍ୟାସ ମହୋତ୍ସବକୁ ପ୍ରାୟ ସବୁ ପରିଷଦ ବିରୋଧ କରୁଛନ୍ତି ଯେଉଁ ପରିଷଦମାନେ ଲୋକଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହୋଇଥିଲେ ସେମାନେ ଯାଉନାହାନ୍ତି। ପୌରାଧକ୍ଷା ସେମାନଙ୍କୁ ପ୍ରତ୍ୟାଖ୍ୟାନ କଲେ ମୁଁ ସେଠି କି କିପରି ଯିବି ବୋଲି କହିଥିଲେ। ଏପରିକି କୋରେଇ ପୂର୍ବତନ ବିଧାୟକ ରାମଚନ୍ଦ୍ର ଖୁଣ୍ଟିଆ, ବିଧାୟିକା ସଞ୍ଚିତା ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ପୂର୍ବ ତନ ନଗରପାଳ ଓ ଉପନଗରପାଳମାନଙ୍କୁ ପୂର୍ବ ଦିନ କାହାକୁ ମେଲ ଟିଏ ତ କାହା ଘରକୁ ଅଫିସ ପିଅନଙ୍କ ହାତରେ ନିମନ୍ତ୍ରଣ ପତ୍ର ପଠା ଯାଇଛି। ଯାହାକୁ ନେଇ ବ୍ୟାସନଗର ସହରର ଗାରିମା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହା ସହର ସାରା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି।

# ଭାରତୀୟ ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି ଦ୍ୱାରା ସବୁଜ ଗୃହ ଗ୍ୟାସ୍ ନମୁନା ସଂଗ୍ରହ ଶିବିର



ବ୍ରହ୍ମପୁର(ପିପିଏସ୍): ଖଲ୍ଲିକୋଟ ବ୍ଲକ ସ୍ଥିତ କେଶପୁର ପଞ୍ଚାୟତ ଅନ୍ତର୍ଗତ ଦଳିବାଟି ଗ୍ରାମରେ ଏବଂ ଗଞ୍ଜାମ ବ୍ଲକ୍ ସ୍ଥିତ ରାମଗଡ଼ ପଞ୍ଚାୟତ ଅନ୍ତର୍ଗତ ପୋଡଗଡ ଗ୍ରାମରେ ଗଞ୍ଜାମ ଜିଲ୍ଲାରେ ପରିଚାଳିତ ପ୍ରକଳ୍ପ ଭାରତୀୟ ଉପକୂଳବର୍ତ୍ତୀ ଅଞ୍ଚଳ ଅଧିବାସୀ ମାନଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି (ଇସିଆରଆଇସିସି) ଦ୍ୱାରା ସବୁଜ ଗୃହ ଗ୍ୟାସ ନମୁନା ସଂଗ୍ରହ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରଟି ସହଭାଗୀ ସଂସ୍ଥା ପଲ୍ଲୀଶ୍ରୀ ଦ୍ୱାରା ପରିଚାଳନା କରାଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟରେ ରଖି ଶ୍ରୀ ପଦ୍ଧତି ବା ସଘନ ପ୍ରଣାଳୀର ଚାଷକୁ ବିକଳ୍ପ ଭାବେ ଗ୍ରହଣ କରିବାକୁ ପ୍ରକଳ୍ପ ଦ୍ୱାରା ପ୍ରଚାର କରାଯାଉଥିବା ବେଳେ ନିର୍ଗତ ସବୁଜ କୋଠରି ଗ୍ୟାସର ପରିମାଣ ମାପିବା ନିମନ୍ତେ ପ୍ରକଳ୍ପ ଦ୍ୱାରା ଶିବିରଟି ଅନୁଷ୍ଠିତ କରଯାଇଥିଲା। ଶିବିରରେ ଶ୍ରୀ ପଦ୍ଧତି ଅନୁସରଣ କରାଯାଇଥିବା ବିଲ ଓ ଶ୍ରୀ ପଦ୍ଧତି ଅନୁସରଣ କରାଯାଇନଥିବା ବିଲ ମଧ୍ୟରେ ସବୁଜ କୋଠରି ଗ୍ୟାସର ପରିମାଣ ମାପିବା ନିମନ୍ତେ ସବୁଜ କୋଠରି ଗ୍ୟାସ ସଂଗ୍ରହ କୋଠରି ସ୍ଥାପନ କରଯାଇଥିଲା। ଶିବିରରେ ପ୍ରୟୋଗ ବିଜ୍ଞାନ ଜାତୀୟ ଧାନ ଗବେଷଣା କେନ୍ଦ୍ର କଟକ ଦ୍ୱାରା ସହଯୋଗ କରଯାଇଥିଲା। ଶିବିରରେ ଧାନ ଗବେଷଣା କେନ୍ଦ୍ର କଟକର ବରିଷ୍ଠ ବୈଜ୍ଞାନିକ ଡ.ଆଞ୍ଜନି କୁମାର, ସ୍ମୃତିରଞ୍ଜନ ପାତ୍ର ସହଯୋଗୀ, ବ୍ଲକ କୃଷି ଅଧିକାରୀ ଦୀପକ କୁମାର ନାୟକ, କୃଷି ଚାଷ ବିଶେଷଜ୍ଞ (କୃଷି ବିଜ୍ଞାନ କେନ୍ଦ୍ର, ଗୋଳନ୍ଥରା) ସସ୍ମିତା ପ୍ରିୟଦର୍ଶିନୀ, ଇସିଆର୍‌ଆଇସିସି ଗଞ୍ଜାମର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ଭୋଇ, ଇସିଆର୍‌ଆଇସିସି ଗଞ୍ଜାମର ଜିଲ୍ଲା କୃଷି ଚାଷ ବିଶେଷଜ୍ଞ ନିର୍ମଳା ସିଲା, ସହଭାଗୀ ସଂସ୍ଥା ପଲ୍ଲୀଶ୍ରୀ ଦଳ ମୁଖ୍ୟ ବିଶ୍ୱରଞ୍ଜନ ପ୍ରଧାନ, ଜୀବନଜୀବିକା ଅଧିକାରୀ ଚିନ୍ମୟ ବ୍ରହ୍ମା ଓ ଅନ୍ୟାନ୍ୟ କର୍ମଚାରୀ, ଗ୍ରାମର ଚାଷୀ ଭାଇ ଓ ଭଉଣୀ ମାନେ ଉପସ୍ଥିତ ଥିଲେ।

ଶିବିରଟିକୁ ଜିଲ୍ଲା ସଂଯୋଜକ ପ୍ରଥମେ ଆସିଥିବା ଓ ଉପସ୍ଥିତ କର୍ମଚାରୀ ମାନଙ୍କୁ ପରିଚିତ କରିବା ସହ ପ୍ରକଳ୍ପର ଲକ୍ଷ୍ୟ ବିଷୟରେ ଆଲୋଚନା କରି ଆରମ୍ଭ କରିଥିଲେ। ଉପସ୍ଥିତ ଥିବା ଜଣେ ଚାଷୀ କେ. ବାସୁଦେବ ପାତ୍ର ସେ କରିଥିବା ଶ୍ରୀ ପଦ୍ଧତି ଏବଂ ଧାନ ଗବେଷଣା କେନ୍ଦ୍ର କଟକରେ କିପରି ସବୁଜ କୋଠରି ଗ୍ୟାସ ସଂଗ୍ରହ କରିବା ଶିଖିବା ପ୍ରଣାଳୀ ବିଷୟରେ ସମସ୍ତଙ୍କୁ ସଂକ୍ଷେପରେ କହିଥିଲେ। ବ୍ଲକ କୃଷି ଅଧିକାରୀ ଏହି ସବୁଜ କୋଠରି ଗ୍ୟାସ ସଂଗ୍ରହ ପଦ୍ଧତି ଦ୍ୱାରା ଆମେ ଶ୍ରୀ ପଦ୍ଧତି କରିବା ଦ୍ୱାରା କେତେ ମାତ୍ରାରେ ଜଳବାୟୁ ପରିବର୍ତ୍ତନକୁ କମାଇପାରୁଛୁ ତାହାର ତଥ୍ୟ ଆମେ ସହଜରେ ଜାଣିପାରିବା ସେ ବିଷୟରେ ବୁଝାଇଥିଲେ। ଧାନ ଗବେଷଣା କେନ୍ଦ୍ର କଟକରୁ ଆସିଥିବା ବୈଜ୍ଞାନିକ ସବୁଜ କୋଠରି ଗ୍ୟାସ ସଂଗ୍ରହ କୋଠରି ସ୍ଥାପନ ଓ ଗ୍ୟାସ ସଂଗ୍ରହର ପଦ୍ଧତିକୁ ସୁଚାରୁ ରୂପେ ବୁଝାଇଥିଲେ। ଉପସ୍ଥିତ ଥିବା ସହଭାଗୀ ସଂସ୍ଥା ପଲ୍ଲୀଶ୍ରୀ କର୍ମକର୍ତ୍ତାମାନେ ସବୁଜ କୋଠରି ଗ୍ୟାସ ସଂଗ୍ରହ ପଦ୍ଧତିକୁ ବ୍ୟବହାରିକ ଭାବେ କରି ଶିଖିଥିଲେ। ଗ୍ୟାସ ସଂଗ୍ରହ ପ୍ରତି ୭ଦିନ ଅନ୍ତରରେ ହେବାକୁ ଥିବା ବେଳେ ସଂଗ୍ରହ ସମୟ ସକାଳ ୮ଟାରୁ ୧୧ଟା ଏବଂ ଦିନ ୨ଟାରୁ ୫ଟା ମଧ୍ୟରେ ସମାପ୍ତି କରିବା ନିମନ୍ତେ ଆଲୋଚନା କରାଯାଇଥିଲା। କୋଠରିଟିକୁ ଦୁଇଟି ବିଲରେ ସ୍ଥାପନ କରାଯାଇଥିଲା। ପରିଶେଷରେ ଉପସ୍ଥିତ କର୍ମଚାରୀମାନେ ନିଜ ନିଜ ସନ୍ଦେହ ପଚାରି ଦୂର କରିଥିଲେ। ସଭାଟିକୁ ପଲ୍ଲୀଶ୍ରୀର ଦଳମୁଖ୍ୟ ସମସ୍ତଙ୍କୁ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁରରେ ବ୍ଲକ୍‌ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର, (ପିପିଏସ୍): ରାଜ୍ୟ ମହିଳା କମିଶନଙ୍କ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଦ୍ୱାରା ତା ୧୪.୦୨.୨୦୨୫ ରିଖ ଦିନ ଜଗତସିଂହପୁର ସହରସ୍ଥିତ ଏସଭିଏମ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇ ଥିବା ବ୍ଲକ୍‌ସ୍ତରୀୟ କର୍ମଶାଳାରେ ରତିରଞ୍ଜନ ବେହେରା, ଉପାଧକ୍ଷ, ଜଗତସିଂହପୁର ବ୍ଲକ୍, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କର୍ମଶାଳା ଉଦ୍‌ଘାଟନ କରି ଥିଲେ। ସରୋଜିନୀ ସିଂ, ଡି.ଏସ.ପି, ଜଗତସିଂହପୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବ୍ଲକ୍‌ସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ନାରୀମାନଙ୍କର ମହନୀୟତାକୁ ସ୍ମରଣ କରାଇଥିବା ସହିତ ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ମହିଳାମାନଙ୍କ ନିମନ୍ତେ ଅଧିକାର ଓ ନ୍ୟାୟଗୁଡିକ ଆଲୋଚନା କରିବା ସହିତ, ସମସ୍ତ ମହିଳାମାନଙ୍କୁ ଆଇନ ସଂଗତ ଅଧିକାର ଏବଂ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜଗତସିଂହପୁର ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତି ରେ ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ମହିମା ଉପରେ ଆଲୋକପାତ କରିବା ସହିତ ମହିଳାମାନେ ନିଜକୁ ଦୁର୍ବଳା ବୋଲି ନିଜକୁ ନ ଭାବି ପରିବାରରୁ ରାଷ୍ଟ୍ର ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ବକ୍ତାମାନେ ସମାଜରେ ମହିଳାମାନଙ୍କ ଜୀବନରେ ଯେଉଁସବୁ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ, ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁନ୍ନ ରଖିବା, ସମସ୍ତ ଶିଶୁ କନ୍ୟାମାନେ ଯେପରି ସମାନ ଭାବରେ ଶିକ୍ଷା ପାଇ ପାରିବେ ଏହିସବୁ ବିଷୟରେ ଆଲୋଚନା କରିଥିଲେ।

ଏସ୍‌ଭିଏମ୍ ମହାବିଦ୍ୟାଳୟର ଇନ୍‌ଚାର୍ଜ ପ୍ରିନ୍‌ସିପାଲ ମନୋଜା ମଞ୍ଜରୀ ଉପସ୍ଥିତ ଥିବା ସମସ୍ତ ଛାତ୍ରୀମାନଙ୍କୁ ନିଜ ଅଭିଭାଷଣରେ ସଶକ୍ତ ଏବଂ ସ୍ୱାବଲମ୍ବୀ ହେବା ପାଇଁ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ପ୍ରୋଗ୍ରାମ ଅଫିସର ବିଜୟଲକ୍ଷ୍ମୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସଭା କାର୍ଯ୍ୟର ସୁପରିଚାଳନା କରିଥିଲେ।

# ଶିଶିର ବେହେରାଙ୍କୁ ସାରସ୍ୱତ ଯୁବ ସମାଲୋଚକ ସମ୍ମାନ



ବାରିପଦା, (ପିପିଏସ୍): ମୟୂରଭଞ୍ଜ ଜିଲ୍ଲା ଆଞ୍ଚଳିକ ମହାବିଦ୍ୟାଳୟ ଗଡିଆର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରାଙ୍କୁ ଚଳିତବର୍ଷର 'ସାରସ୍ୱତ ଯୁବ ସମାଲୋଚକ ସମ୍ମାନ' ପ୍ରଦାନ କରାଯାଇଛି। ଓଡ଼ିଆ ବିଭାଗର ଦ୍ୱିତୀୟ ବାର୍ଷିକ ଉତ୍ସବରେ ପାଇଁ ଡକ୍ଟର ବେହେରାଙ୍କୁ ସାହିତ୍ୟ ସମାଲୋଚନା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଯୁବ ଗବେଷକ ଓ ଅନୁବାଦକ ଭାବରେ ଓଡ଼ିଆ ସାହିତ୍ୟରେ ସେ ସୁପରିଚିତ। ସମାଲୋଚନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ମଧ ଲାଭ କରିଛନ୍ତି। ତାଙ୍କ ସାରସ୍ୱତ ସମାଲୋଚନା ପାଇଁ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ବିଭାଗର ବାର୍ଷିକ ଉତ୍ସବରେ ସମାଲୋଚକ ଶ୍ରୀ ବେହେରାରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଜଗନ୍ନାଥ ସାଥୁଆ। ବିଭାଗମୁଖ୍ୟ ପୁଷ୍ପାଞ୍ଜଳି ଟିପିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସାହିତ୍ୟିକ ରାଜେନ୍ଦ୍ର ସାମଲ, ସମ୍ମାନିତ ବକ୍ତା ଭାବରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରିପୋଷିର ଅଧାପକ ଡକ୍ଟର ନିର୍ମଳ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଅଧାପିକା ଗାୟତ୍ରୀ ଜାନି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଡକ୍ଟର ପ୍ରଭାତ କୁମାର ସାହୁ ବାର୍ଷିକ ଉତ୍ସବର ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧାପିକା ଡକ୍ଟର ନିବେଦିତା ପାତ୍ର।

# ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,(ପିପିଏସ୍): ଆଜି ପୂର୍ବାହ୍ନରେ ନାଉଗାଁ ବ୍ଲକ ଅନ୍ତହର୍ଗତ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ କରାଇଥିଲେ। ପ୍ରବାସୀ ଶ୍ରମିକଙ୍କ ବିଭିନ ସୁବିଧା ଅସୁବିଧା ସମ୍ପର୍କରେ ଆଇନ ସେବା ପ୍ରାଧିକରଣ ସଚିବ ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ। ପ୍ରବାସୀ ଶ୍ରମିକ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ପାଇଁ ସଚିବ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇଥିଲେ। ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବ: ବେଶ ଦର୍ଶନ ପାଇଁ ଲାଗିଛି ଗହଳି



ଅସ୍ତରଙ୍ଗ (ପିପିଏସ୍): ଆଧାତ୍ମିକ ପରିବେଶରେ ଦିବ୍ୟ ଅନୁଭବ। ମହାପ୍ରଭୁଙ୍କ ବେଶ ଦର୍ଶନ କରି କୃତାର୍ଥ ଶ୍ରଦ୍ଧାଳୁ। ଗୋଟିଏ ସ୍ଥାନରେ ଶ୍ରୀଜୀଉଙ୍କର ୨୪ ପ୍ରକାର ବେଶ। ବିରଳ ବେଶ ଦର୍ଶନ ପାଇଁ ଲାଗିଛି ଗହଳି। କାଳିଆ ଠାକୁର ଙ୍କ ଦୈନନ୍ଦିନ ବେଶ ସହିତ ୧୨ ମାସରେ ହେଉଥିବା ଭିନ୍ନ ଭିନ୍ନ ବେଶର ରହିଛି ବିଶେଷ ମହତ୍ତ୍ୱ। ଏ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏ ବିଶ୍ୱାସକୁ ଆଧାର କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ତରଫରୁ ପୁରୀ ଜିଲ୍ଲା କାକଟପୁର ଦେଉଳି ମଠ ପରିସରରେ ନବମ ବାର୍ଷିକ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ଉଦ୍‌ଘାଟନ ଶନିବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରାଧାବଲ୍ଲଭ ମଠ ପୂଜ୍ୟ ମହନ୍ତ ଶ୍ରୀରାମକୃଷ୍ଣ ଦାଶ, ଜଗନ୍ନାଥ ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜଙ୍କ ସହ ଅନ୍ୟ ସାଧୁସନ୍ଥ ପ୍ରମୁଖ ଉପସ୍ଥିତ ଥିଲେ।

ଗୋଟିଏ ସ୍ଥାନରେ ପଦର୍ଶିତ ହୋଇଛି ମହାପ୍ରଭୁଙ୍କ ଭିନ୍ନ ଭିନ୍ନ ୨୪ ପ୍ରକାର ବେଶ। ସେଗୁଡିକ ମଧ୍ୟରେ ତଡ଼ପଉଡରୀ ବେଶ, ପ୍ରତିଦିନ ବେଶ, ବଡ଼ ସିଂହାର ବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ସୁନାବେଶ, ବଣଭୋଜି ବେଶ, କାଳିୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ରାଧାଦାମୋଦର ବେଶ, ହରିହର ବେଶ, ଲକ୍ଷ୍ମୀନାରାୟଣ ବେଶ, ବାଙ୍କଚୂଡ଼ ବେଶ, ଲକ୍ଷ୍ମୀ ନୃସିଂହ ବେଶ, ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ଘୋଡଲାଗି ବେଶ, ପଦ୍ମ ବେଶ, ନବାଙ୍କ ବେଶ, ମକର ଚୌରାଶି ବେଶ, ଗଜଉଦ୍ଧାରଣ ବେଶ, ଓ ଚାଚେରୀ ବେଶ ପଦର୍ଶିତ ହୋଇଛି, ଏହି ସୁନ୍ଦର ଦିବ୍ୟ ବେଶ ମହାପ୍ରଭୁଙ୍କ ଦେଖି ଭକ୍ତ ବିଭୋର ହେଉଛି। ଅନେକ ସମୟରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନର ସୌଭାଗ୍ୟ ପାଇପାରନ୍ତିନି ଭକ୍ତ। ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ସହଯୋଗ ରେ ଶ୍ରଦ୍ଧାଳୁ ଏ ସବୁ ବେଶ ଦେଖିବାର ସୁଯୋଗ ମିଳିଛି। ଏହା ୧୫ଫେବୃଆରୀ ରୁ ୧୯ଫେବୃଆରୀ ପର୍ଯ୍ୟନ୍ତ ଦେଉଳି ମଠ ନିକଟରେ ଅନୁଷ୍ଠିତ ହେବ। ସନ୍ଧ୍ୟା ସମୟରେ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମକ୍ଷେତ୍ର ମହାତ୍ମ୍ୟ ପାରାୟଣ ଓ ପ୍ରବଚନ ମଧ ଅନୁଷ୍ଠିତ ହେଉଛି। ଏଭଳି ଦିବ୍ୟ ଆୟୋଜନ ପାଇଁ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ସମିତିକୁ ଧନ୍ୟବାଦ ଦେଇଛନ୍ତି ଶ୍ରଦ୍ଧାଳୁ।

# ସରଗାଡ଼କୁ ବ୍ଲକ୍ ମାନ୍ୟତା ଦାବି

ବଲାଙ୍ଗିର, (ହି.ସ.)- ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ସାରଗାଡ ଅଂଚଳର ୧୦ ଗୋଟି ପଂଚାୟତକୁ ନେଇ ବ୍ଲକ ଗଠନ କରିବାକୁ ଅଂଚଳ ବାସୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସରଗାଦ ସରପଂଚ ସରୋଜ ବେହେରା ସମିତି ସଭ୍ୟ ବୀରେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଂଯୁକ୍ତା ବରିହା ପଂଚାୟତର ସୁରେନ୍ଦ୍ର କୁମାର ପଟେଲ, ଆନନ୍ଦ ପଟେଲ, ରବୀନ୍ଦ୍ର ମହାରଣା ସାକ୍ଷର ସଂବିଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ପାଖରେ ପ୍ରଦାନ କରିଥଲେ । ସମିତି ସଭ୍ୟ ଶ୍ରୀ ସାହୁ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାରଙ୍କ ନୂଆ ବ୍ଲକ୍ ଗଠନ ପ୍ରକ୍ରିୟା ସ୍ୱାଗତ ଯୋଗ୍ୟ । ନୂଆ ବ୍ଲକ ଗଠନ ହେଲେ ଲୋକଙ୍କ ପାଖକୁ ପ୍ରଶାସନ ଶିଘ୍ର ପହଂଚି ପାରିବ, ଲୋକେ ମଧ୍ୟ ସେମାନଙ୍କ କାମ ପାଇଁ ନିକଟରେ ସୁବିଧା ପାଇବେ । ସରାଗାଡ ସମେତ ଅନ୍ୟ ନିକଟସ୍ଥ ୧୦ ଗୋଟି ପଂଚାୟତ ଲୋଇସିଂହା ଠାରୁ ଦୂରରେ ରହିଥିବାରୁ ଲୋକେ ହଇରାଣ ହେଉଛନ୍ତି । ୧୦ ଟି ଯାକ ପଂଚାୟତରେ ବ୍ୟାଙ୍କ୍ କଲେଜ ଇତ୍ୟାଦି ନାହିଁ । ଏହାକୁ ବ୍ଲକ ଗଠନ ପରେ ଦୃତ ବିକାଶ ହେବ ବୋଲି ସେ କହିଥିଲେ । ୨୦୧୭ ରୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ବ୍ଲକ ପାଇଁ ଦାବୀ କରାଯାଇ ଆସୁଛି । ସରକାର ଅଂଚଳର ବିକାଶ ପାଇଁ ଲୋକଙ୍କୁ ଏହି ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରାଯାଉଛି ।

# କଳସ ଶୋଭାଯାତ୍ରା

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦର୍ହରେ ହେବ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ । ଏଥିପାଇଁ ଶୁକ୍ରବାର ଦିନ ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୃଙ୍ଗଦର୍ହସ୍ଥିତ ରାଧା ବଲ୍ଲଭ ମଠର ମଠାଧିସ ସନତ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭବ୍ୟ କଳସ ଶୋଭାଯାତ୍ରାରେ ଅଞ୍ଚଳର ଶତାଧିକ ମହିଳା ସାମିଲ ହୋଇ କଳସ ବୋହିଥିଲେ । ନିକଟସ୍ଥ ଜଳାଶୟରେ ଗଙ୍ଗା ମାତାଙ୍କୁ ଆବାହନ ପରେ ଜଳ ପୂର୍ଣ୍ଣ କଳସକୁ ନେଇ ଏକ ଭବ୍ୟ ଶୋଭାଯାତ୍ରା କରି ସୁନ୍ଦରାକାଣ୍ଡ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଏଥିର ପୂଜକ ଭାବେ ଘନଶ୍ୟାମ ପଣ୍ଡା ଓ ସୁଦାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ପୁରସ୍କୃତ

ଦେବଗଡ଼ (ପିପିଏସ୍): ଦେବଗଡ଼ ଜିଲ୍ଲା ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ ପତ୍ରଲିଖନ ପ୍ରତିଯୋଗିତାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ତେବେ ଶୁଭଶ୍ରୀଙ୍କ ଏପରି ସଫଳତାକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ତାଙ୍କୁ ଜିଲ୍ଲା ଯୋଜନା ରୂପାୟନ ବିଭାଗ ତରଫରୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଛି ।

# ମାଲକାନଗିରି ସାମ୍ବାଦିକ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି(ପିପିଏସ୍): ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟସ ର ମାଲକାନଗିରି ଶାଖା, ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ (ଏମୟୁଜେ)ତରଫରୁ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ନିମନ୍ତେ, ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଗୋଟିଏ ଦାବିପତ୍ର ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ ର ସଭାପତି ଦେବ ପ୍ରସାଦ ଦାସ, ଉପ ସଭାପତି ସତ୍ୟ ନାରାୟଣ ପଣ୍ଡା, ମାଲକାନଗିରି ବ୍ଲକ ସଭାପତି ଶିବ ପ୍ରସାଦ କିର୍ତନୀୟା, ସଦସ୍ୟ କୃଷ୍ଣପଦ ରାୟ ଏବଂ ମନୋଜ ଦେବ ପାଙ୍ଗିଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ସମସ୍ତ ସାମ୍ବାଦିକ ମାନଙ୍କୁ ଅତି କମରେ ୨୦ ହଜାର ଟଙ୍କା ମାସିକ ପେନସନ, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଏବଂ ଏକ୍ରିଡେସନ ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରାଯାଇଛି ।

# 'ଭାରତୀୟ ଜ୍ଞାନ ପ୍ରଣାଳୀରେ ସାଂସ୍କୃତିକ ଐତିହ୍ୟ ଓ ସ୍ଥାୟୀ ପରିଚାଳନା' ସମ୍ପର୍କିତ ଅନ୍ତର୍ଜାତୀୟ ସେମିନାର

ସମ୍ବଲପୁର: ଆଇଆଇଏମ ସମ୍ବଲପୁରର ରଙ୍ଗବତୀ ସେଣ୍ଟର ଫର୍ ଏକ୍ସଲେନ୍ସ ଇନ କଲ୍‌ଚର ଆଣ୍ଡ୍ ସଷ୍ଟେନନବଲ୍ ମ୍ୟାନେଜମେଂଟ ପକ୍ଷରୁ ନୂଆଦିଲ୍ଲୀର ଭାରତୀୟ ସାମାଜିକ ବିଜ୍ଞାନ ଅନୁସନ୍ଧାନ ପରିଷଦ ସହ ମିଳିତ ଆନୁକୂଲ୍ୟରେ "ସ୍ୱାଧୀନତା ସଂଗ୍ରାମର ଅଜ୍ଞାତ ଦିଗ; ଭାରତୀୟ ଜ୍ଞାନ ପ୍ରଣାଳୀରେ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାୟୀ ପରିଚାଳନା' ଉପରେ ଏକ ଦିନିକିଆ ଆନ୍ତର୍ଜାତୀୟ ସେମିନାର ଆୟୋଜନ କରାଯାଇଛି । ଏହି ସେମିନାରର ଉଦ୍ଦେଶ୍ୟ ଥିଲା ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର କମ୍ ଜଣାଶୁଣା ଦିଗକୁ ଅନୁସନ୍ଧାନ ଏବଂ ଉଜ୍ଜ୍ୱଳ କରିବା ଯେପରିକି ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏବଂ କୁଦୋପାଲି ହତ୍ୟାକାଣ୍ଡ ଏବଂ ଏହି ଅଂଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାୟୀ ପରିଚାଳନାରେ ଏହାର ଭୂମିକା ନେଇ ଆଲୋଚନା କରିବା । ଏହି କାର୍ଯ୍ୟକ୍ରମ ଏକ ପ୍ଲାଟଫର୍ମ ଭାବରେ ମଧ୍ୟ କାର୍ଯ୍ୟ କରିଛି ଯେଉଁଠି ଶିକ୍ଷାଗତ ପେପର, କି ନୋଟ୍ ବକ୍ତବ୍ୟ ଏବଂ ପେପର୍ ଉପସ୍ଥାପନ ମାଧ୍ୟମରେ ଆଦିବାସୀ ଜ୍ଞାନ ପ୍ରଣାଳୀର ଦସ୍ତାବିଜ ପ୍ରସ୍ତୁତ କରିବା, ଐତିହାସିକ ବ୍ୟାଖ୍ୟାନକୁ ସମକାଳୀନ ସ୍ଥାୟୀ ପ୍ରୟାସ ସହ ସଂଯୋଜିତ କରିବା ଏବଂ ଭାରତର ସାଂସ୍କୃତିକ ଏବଂ ଐତିହାସିକ ଐତିହ୍ୟ ଉପରେ ବିଭିନ୍ନ ବିଷୟରେ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା । ଏହି କାର୍ଯ୍ୟକ୍ରମରେ ୟୁଏନ୍‌ଏସଡିଏସଏନ୍ ଗ୍ଲୋବାଲ୍ କ୍ଲାଇମେଟ୍ ହବ୍, ଗ୍ରୀସ୍ ର ଚେୟାର ପ୍ରଫେସର୍ ଡ. ଫୋଏବେ କୌଣ୍ଡୋରୀ, ଦି ବ୍ରୁକିଙ୍ଗ୍ସ ଇନ୍‌ଷ୍ଟିଚ୍ୟୁସନ୍ ଏବଂ ପୂର୍ବତନ ଭିପି, ବିଶ୍ୱ ବ୍ୟାଙ୍କ, ୟୁଏସଏର ପ୍ରଫେସର୍ ଓଟାଭିଆନୋ କାନୁଟୋ, ତ୍ୱିଲିସି ଷ୍ଟେଟ୍ ୟୁନିଭର୍ସିଟି, ଜର୍ଜିଆର ଡ. ତାମାର ବାଗ୍ରାଟିଆ, ଏସିଆନ୍ ଡେଭଲପମେଂଟ୍ ବ୍ୟାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍, ଜାପାର ଉପାଧ୍ୟକ୍ଷ ପ୍ରଫେସର୍ ଦିଲ୍ ରାହୁତ ଓ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ଭଳି ବିଶ୍ୱର ବିଭିନ୍ନ ପ୍ରତିଷ୍ଠିତ ବିଶେଷଜ୍ଞଙ୍କ ସହଭାଗିତା ରହିଥିଲା । ପ୍ରତିଷ୍ଠିତ ଆନ୍ତର୍ଜାତୀୟ ବକ୍ତାମାନେ ଆଇଆଇଏମ୍ ସମ୍ବଲପୁରର ରଙ୍ଗବତୀ ସେଂଟର ଫର୍ ଏକ୍ସଲେନ୍ସ ଇନ୍ କଲଚର୍ ଏବଂ ସଷ୍ଟେନେବଲ୍ ମ୍ୟାନେଜମେଂଟର କାର୍ଯ୍ୟକ୍ରମକୁ ସାଂସ୍କୃତିକ ଏବଂ ସ୍ଥାୟୀ ପରିଚାଳନାର ଅନନ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପ୍ରଶଂସା କରିଛନ୍ତି । ଉଦ୍‌ଘାଟନୀ ଅଭିଭାଷଣରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର୍ ମହାଦେଓ ଜୟସ୍ୱାଲ୍ କହିଛନ୍ତି ଯେ, "ରଙ୍ଗାବତୀ ସେଂଟର ଫର୍ ଏକ୍ସଲେନ୍ସ ଇନ୍ କଲ୍ ?ଚର ଏବଂ ସଷ୍ଟେନେବଲ୍ ମ୍ୟାନେଜମେଂଟ୍ ସ୍ଥାପନ କରି ଆଇଆଇଏମ୍ ସମ୍ବଲପୁର ସାଂସ୍କୃତିକ ଏବଂ ସ୍ଥାୟୀ ପରିଚାଳନା ଉପରେ ଉଚ୍ଚମାନର ଅନୁସନ୍ଧାନକୁ ସମର୍ଥନ କରିବା ପାଇଁ ପଦକ୍ଷେପ ନେଇଛି । ବୁଣା ବ୍ୟବସାୟର ଅନ୍ତର୍ଭୁକ୍ତୀକରଣ, ସଶସ୍ତ୍ର ଏବଂ ଅହିଂସାତ୍ମକ ସ୍ୱାଧୀନତା ସଂଗ୍ରାମର ଅଜ୍ଞାତ ଦିଗ, ପଶ୍ଚିମ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ଏବଂ ସ୍ଥାୟୀ ପରିଚାଳନା ପ୍ରବାହ ଉପରେ ଅନୁସନ୍ଧାନ ଏବଂ ଜ୍ଞାନ ସୃଷ୍ଟି ଭଳି କାର୍ଯ୍ୟ ଏହି ଏକ୍ସଲେନ୍ସ ସେଂଟ୍ ?ର ଦ୍ୱାରା କରାଯାଇଛି । ରଙ୍ଗବତୀ ସେଂଟର ଦ୍ୱାରା ବ୍ୟବହୃତ ବହୁବିଷୟ ଭିତିକ ପଦ୍ଧତି ଯାହା ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ କଳାକୁ ବିକଶିତ କରିବା ପାଇଁ ପ୍ରତିବଦ୍ଧ ତାହା ସବୁଠାରୁ ନୂତନ ଶିକ୍ଷାଗତ ଅଧ୍ୟୟନ ଏବଂ ଅନୁସନ୍ଧାନ ହୋଇଛି । ଏହି ଦିଗକୁ ଜାତୀୟ ଶିକ୍ଷା ନୀତି (ଏନଇପି୨୦୨୦) ଦ୍ୱାରା ମଧ୍ୟ ଗୁରୁତ୍ୱ ଦିଆଯାଇଛି ଏବଂ ବହୁବିଷୟ ଭିତିକ ପଦ୍ଧତି ଦ୍ୱାରା ସୃଷ୍ଟି ହୋଇଥିବା ନୂତନ ଜ୍ଞାନର ବିକାଶ ଏବଂ ବ୍ୟାପକ ବିତରଣ ସହିତ ଜଡିତ କରାଯାଇଛି ।'' ସେ ଆହୁରି କହିଛନ୍ତି ଯେ, "ଏକ୍ସଲେନ୍ସ ସେଂଟର ଉଚ୍ଚମାନର ଅନୁସନ୍ଧାନ, ଜାତୀୟ ଏବଂ ଆନ୍ତର୍ଜାତୀୟ ସେମିନାର ଏବଂ ସମ୍ମେଳନର ଆୟୋଜନ, ନୂତନ ଜ୍ଞାନର ସୃଷ୍ଟି, ପ୍ରଚାର ଏବଂ ପ୍ରକାଶନରେ ନିୟୋଜିତ ହୋଇଛି । ରଙ୍ଗବତୀ ସେଂଟର ଭାରତ ସରକାରର ଶିକ୍ଷା ମନ୍ତ୍ରାଳୟର ସମର୍ଥନ ଏବଂ ସହଯୋଗରେ ସ୍ଥାପିତ ହୋଇଛି ।'' ଏହି କାର୍ଯ୍ୟକ୍ରମରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଆୟୋଜିତ ହୋଇଥିଲା, ଯଥା 'ସ୍ୱାଧୀନତା ସଂଗ୍ରାମ ଏବଂ ସଂସ୍କୃତି' ଯାହା ଡ. ଆଲୋକ ଭୋଇ, ବିରେନ୍ଦ୍ର ଝଙ୍କାର, ଏବଂ ଡ. ବିଭୁଦତ ମିଶ୍ର ଭଳି ବିଶେଷଜ୍ଞଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଯେଉଁଥିରେ ପଶ୍ଚିମ ଓଡ଼ିଶାର ଅନେକ ଅଜ୍ଞାତ ଐତିହାସିକ ସ୍ୱାଧୀନତା ସଂଗ୍ରାମୀଙ୍କ ଅଜ୍ଞାତ ପ୍ରତିରୋଧ ଏବଂ ସଂଘର୍ଷ ଉପରେ ଆଲୋକପାତ କରାଯାଇଥିଲା । ଅନ୍ୟ ଅଧିବେଶନ ଯାହାକି ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାୟୀ ପରିଚାଳନା, ଯେଉଁଥିରେ ଦୁଃଖୀ ସେବକ ସାହୁ, ରାଜେଶ ଝଙ୍କାର, ଡ. ଶ୍ରବଣ କୁମାର ବାଗ୍ ଏବଂ ଶ୍ରୀ ଭବାନୀ ଶଙ୍କର ଭୋଇଙ୍କ ଦ୍ୱାରା ଆଦିବାସୀ ଐତିହ୍ୟ ଏବଂ ସ୍ଥାୟୀ ପରିଚାଳନାରେ ଏହାର ସମକାଳୀନ ପ୍ରାସଙ୍ଗିକତା ଉପରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏହା ବ୍ୟତୀତ ଏହି ଅବସରରେ ଏକ ଅନୁସନ୍ଧାନ ରିପୋର୍ଟ ଏବଂ ସଂକଳନ ଉନ୍ମୋଚନ କରାଯାଇଥିଲା । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ସେମିନାରରେ ୧୦୦ରୁ ଅଧିକ ବିଦ୍ୱାନ, ଅନୁସନ୍ଧାନକାରୀ ଏବଂ ଛାତ୍ରଛାତ୍ରୀଙ୍କ ସହଭାଗିତା ରହିଥିଲା ଯାହା ଭାରତର ସ୍ୱାଧୀନତା ସଂଗ୍ରାମର କମ୍ ଜଣାଶୁଣା ଦିଗ ଏବଂ ସ୍ଥାୟୀ ପରିଚାଳନାରେ ସାଂସ୍କୃତିକ ଐତିହ୍ୟର ଗୁରୁତ୍ୱ ଉପରେ ଚିନ୍ତାପ୍ରବଣ ଆଲୋଚନାକୁ ପ୍ରୋତ୍ସାହିତ କରିଥିଲା । ଆଇଆଇଏମ୍ ସମ୍ବଲପୁରର ଡକ୍ଟର ସୁଜିତ କୁମାର ପୃଷ୍ଟେଠ୍ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସେମିନାରରେ ଆଇଆଇଏମ୍ ସମ୍ବଲପୁରର ଡକ୍ଟର ହେମଚନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଲ୍‌ୱାମା ସହିଦ୍‌ଙ୍କ ପୁଣ୍ୟତିଥିରେ ରକ୍ତଦାନ ଶିବିର

## ୧୨୧ ୟୁନିଟ୍ ସଂଗୃହୀତ

କନ୍ଧମାଳ, (ହି.ସ.)- ପୁଲଓ୍ୱାମା ଆତଙ୍କବାଦୀର ଆତ୍ମଘାତୀ ବିସ୍ଫୋରଣ ରେ ସହିଦ୍ ୪୦ ଜଣ ସିଆରପିଏଫ ଜବାନଙ୍କ ପୁଣ୍ୟତିଥିରେ ସହିଦ ମାନେ ଦେଶ ପାଇଁ ଦେଇଥିବା ବଳିଦାନ କୁ ସମ୍ମାନ ଜଣାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଟିମ୍‌ର ଆବାହାକ ଭି.ଲୋକନାଥ ରାଜୁ ଙ୍କ ନେତୃତ୍ୱରେ ଫୁଲବାଣୀ ରକ୍ତ ଭଣ୍ଡାର ଠାରେ ଟିମ୍ ର ସଦସ୍ୟ ଓ ସଦସ୍ୟା ମାନେ ଏକତ୍ରିତ ହୋଇଥିଲେ । ସେଠାରେ ପ୍ରଥମେ ସହିଦ୍ ଜବାନଙ୍କ ତୈଳଚିତ୍ର ଥିବା ଏକ ବ୍ୟାନର ଧରି ସହିଦ୍ ଜବାନ ଅମର ରହେ ନାରା ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଆଦର୍ଶ ଟାଉନ ଥାନା ଅଧିକାରୀ ସ୍ୱରୁପ କିଶାନ ଉଦଘାଟନ କରିବା ସହିତ ଟିମର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସକାଳୁ ଆରମ୍ଭ ହେଇଥିବା ଏହି ଶିବିରରେ ମୁଖ୍ୟ ଅତିଥିଙ୍କ ସହ ଏସ ଆଇ ସରୋଜ କୁମାର ସାହୁ, ଡିଏଫଓ ପ୍ରଶାନ୍ତ ପଟେଲ୍, ରେଞ୍ଜର ଶିବାନନ୍ଦ ଲେଙ୍କା,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ ପାଢ଼ୀ, ଡିପିଏମ୍, ଡିଏମ୍‌ଆରସି, ନର୍ସି ଅଫିସର, ମନୋଜ ପଣ୍ଡା ଙ୍କ ମୁଖ୍ୟ ଚିକିତ୍ସାଳୟ ର ସମସ୍ତ ଡାକ୍ତରଙ୍କ ଫୁଲବାଣୀ ସହ ରକ୍ତଦାନ ସମିତିର ବରିଷ୍ଠ ସଦସ୍ୟ ତଥା ରକ୍ତଦାତା ପ୍ରଶାନ୍ତ କୁମାର ବେହେରା, ମନୋଜ କୁମାର ଚୌଧୁରୀ, ଉମେଶଚନ୍ଦ୍ର ପାତ୍ର ରକ୍ତ ଭଣ୍ଡାରର ଅଧିକାରୀ ଜୟଦୀପ ଘୋଷ ତଥା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀ, ବିଏସସି ନର୍ସିଂ କଲେଜ ଛାତ୍ରୀ, ସରକାରୀ ଆଇଟିଆଇ ଛାତ୍ର, ସରକାରି ସ୍ୱୟଂଶାସିତ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ.ଅଭିପ୍ସା ପଲ୍ ଏବଂ ୟୁଥ ରେଡ୍ କ୍ରସର ଛାତ୍ରୀ ଏବଂ ମିତ୍ର ଫାଉଣ୍ଡେସନ ର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି ରକ୍ତଦାନ କରିବା ସହ ବିଭିନ୍ନ ରକ୍ତଦାତାଙ୍କୁ ଉତ୍ସାହିତ କରି ସହଯୋଗ କରିଥିଲେ । ଏହି ରକ୍ତଦାନ ଶିବିରରେ ଟିମ୍ ହ୍ୟୁମାନିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୁପେ ସଫଳ ଭାବେ ତୁଲେଇବା ସହିତ ସମସ୍ତେ ରକ୍ତଦାନ କରି ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଏହି ଶିବିରରେ ମୋଟ ୧୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ସୂଚନା ଫଳକରେ ସୀମିତ ମଡ଼େଲ ଖେଳପଡ଼ିଆ

ଚମ୍ପୁଆ: ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରଶାସନିକ ଅବହେଳା ପାଇଁ ପ୍ରତି ପଂଚାୟତରେ ନିର୍ମାଣ ହେବାକୁ ଥିବା ମଡେଲ ଖେଳ ପଡିଆ ସୂଚନା ଫଳକରେ ହିଁ ସୀମିତ ରହିବା ଏହି ଯୋଜନାର ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ପଂଚାୟତରେ ଖେଳର ବିକାଶ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୪୧ ଲକ୍ଷ ୭୮ହଜାର ୮୮୩ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା । ଖେଳ ପଡିଆ ନିର୍ମାଣ ପାଇଁ ସଡଙ୍ଗୀ ପଂଚାୟତର ଆଙ୍କୁଡ଼ି ଗ୍ରାମ ଠାରେ ଯାଗା ଚିହ୍ନଟ କରାଯାଇ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଛି । କାର୍ଯ୍ୟ ପାଇଁ ସୂଚନା ଫଳକ ମଧ୍ୟ ଲଗାଯାଇଥିବା ବେଳେ ଏହା ଭିତରେ ଏକ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏ ଯାଏଁ ପଡିଆ କାମ ଆରମ୍ଭ କରାଯାଇ ନ ଥିବାରୁ ପଡିଆ ନିର୍ମାଣକୁ ନେଇ ଗ୍ରାମବାସୀ ସନ୍ଦିହାନ ହୋଇପଡିଛନ୍ତି । ଚମ୍ପୁଆ ବ୍ଲକ ପ୍ରଶାସନ ଜାଣିଶୁଣି ପଡିଆ ନିର୍ମାଣକୁ ଗୁରୁତ୍ୱ ଦେଉ ନଥିବାରୁ ଏହି ଯୋଜନା କାର୍ଯ୍ୟକାରି ହୋଇ ପାରୁ ନ ଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

# ପୁଣ୍ୟତିଥିରେ ଧନଞ୍ଜୟଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା(ପିପିଏସ୍) : ବିଶିଷ୍ଟ ଗାନ୍ଧୀବାଦୀ ସଂଗ୍ରାମୀ, ପ୍ରାକ୍ତନ ସାଂସଦ ତଥା ବିଧାୟକ, ଆଇନଜୀବୀ ସର୍ବୋପରି ଶ୍ରମିକନେତା ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ୩୪ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଧନଞ୍ଜୟ ମହାନ୍ତି ସ୍ମୃତି ଟ୍ରଷ୍ଟ ପକ୍ଷରୁ ସିଭିଲ ଟାଉନସିପ୍ ସ୍ମୃତି ଉଦ୍ୟାନରେ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ନରେନ୍ଦ୍ର ବଳଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦିକା ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ସମାଜସେବୀ ସୁନିଲ କାୟଲ,ବରିଷ୍ଠ ଆଇନଜୀବୀ ସୁଦାମ ଚନ୍ଦ୍ର ଦାଶ, ରାଜନେତା ବିରେନ ସେନାପତି, ଗଗନ ପଣ୍ଡା, ଛବି ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ମ୍ୟାନେଜିଂ ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା, ସାମାଜିକ ସଙ୍ଗଠକ ତଥା ସମାଜସେବୀମାନେ ଉପସ୍ଥିତ ଥିଲେ । ଟ୍ରଷ୍ଟର ସର୍ବଶ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବାସୁଦେବ ବାନାର୍ଜୀ, କୀର୍ତ୍ତନ ଦାସ, ବିନୋଦ ରାଉତ,ବାନାମ୍ବର ମହାନ୍ତି,ଓ୍ୱଇ ହେମଲତା,ଭାରତୀ ବାହାରି,ପଙ୍କଜିନୀ, ପ୍ରମୋଦ ସାହୁ, ରାଜୀବ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଡିସିସି, ଡିଏଲ୍‌ଆର୍‌ସି ଓ ଡିଏଲ୍‌ଆର୍‌ଏସି ବୈଠକ

ସମ୍ବଲପୁର, : ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଲିଡ୍ ବ୍ୟାଙ୍କ ପକ୍ଷରୁ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଡିସିସି, ଡିଏଲ୍‌ଆର୍‌ସି ଓ ଡିଏଲଆରଏସି ମିଟିଂ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର,ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର,ଡ଼ିଡ଼ିଏମ ନାବାର୍ଡ ଦେବେନ୍ଦ୍ର କୁମାର ଦାଶ,ଏଲଡ଼ିଓ-ଆର୍‌ବିଆଇ ସେବାଶ୍ରୀ ସାହୁ,ଏଲଡ଼ିଏମ-ସମ୍ବଲପୁର ଦେବକିଶୋର ନାୟକ, ନିର୍ଦ୍ଦେଶକ ଆର୍‌ଏସ୍‌ଇଟିଆଇ ସୁବାଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ପ୍ରମୁଖ ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଏହି ସଭା ରେ ସମ୍ବଲପୁର ଜିଲ୍ଲାର ବ୍ୟାଙ୍କଗୁଡିକର ଅଭିବୃଦ୍ଧି, ତ୍ରୈମାସିକ ଅଭିବୃଦ୍ଧି, କୃଷି ଏବଂ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକର ଅର୍ଥନୈତିକ କ୍ଷେତ୍ର ରେ ଉନ୍ନତି, ବ୍ୟାଙ୍କ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା, ୨୦୨୪ ସେପ୍ଟେମ୍ବର ଏବଂ ଡିସେମ୍ବର ଅବସ୍ଥିତ ବୈଠିକ ସମୀକ୍ଷା ବୈଠିକ ତଥ୍ୟ, ବ୍ୟାଙ୍କର କ୍ରେଡିଟ୍-ଡିପୋଜିଟ୍ ଅନୁପାତ, ପ୍ରାଥମିକ କ୍ଷେତ୍ର ଋଣର ବଂଟନ, ବାର୍ଷିକ ଋଣ ଯୋଜନାର ସଫଳତା, ସରକାରଙ୍କ ଦ୍ୱାରା ପ୍ରଚଳିତ ଯୋଜନା ଗୁଡ଼ିକ (ଏନ୍‌ଆରଏଲଏମ୍, ଏନ୍‌ୟୁଆରଏଲଏମ୍), ଏବଂ ଗ୍ରାହକଙ୍କୁ ଉଚିତ୍ ସୁବିଧା ଦେବା ବିଷୟରେ ଆଲୋଚନା ହୋଇଥିଲା ।

# ଚମ୍ପୁଆ ଶିଶୁମନ୍ଦିରରେ ମାତୃ-ପିତୃ ପୂଜନ ଦିବସ

ଚମ୍ପୁଆ: ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଯୋଗ ବେଦାନ୍ତ ସମିତି ଆନୁକୂଲ୍ୟରେ ମାତୃ-ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗ ବେଦାନ୍ତ ସମିତିର ଜିଲ୍ଲା ପ୍ରଭାରୀ ଚନ୍ଦ୍ରାବତୀ ମହାନ୍ତ, ସହଯୋଗୀ ଜେନାମଣି ମୁଣ୍ଡା ଓ ଡଲିସ୍ମିତା ମହାନ୍ତ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଭାରୀ ଚନ୍ଦ୍ରାବତୀ ମହାନ୍ତ ଛାତ୍ରଛାତ୍ରୀ ମାନଙ୍କୁ ମାତା ପିତାଙ୍କୁ ପୂଜନ ଓ ଭକ୍ତି କରିବାର ସୁପରିଣାମ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ମାତାପିତା ଉପସ୍ଥିତ ରହି ପୂଜନ କରିବା ସହିତ ନିଜର ପିଲା ମାନଙ୍କୁ ଆଶିର୍ବାଦ କରିଥିଲେ । ଆଚାର୍ଯ୍ୟ ସରୋଜ କୁମାର ପାତ୍ର, ସରଳା ପ୍ରଧାନ, ପ୍ରିୟଦର୍ଶିନୀ ଗିରି, ପଲ୍ଲୀଶ୍ରୀ ଭାର୍ଗବୀ ପ୍ରଧାନ, ସୁଜାତା ଦାସ, ଗୀତାରାଣୀ ମହାନ୍ତ, ଅରୁଣ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ

କନ୍ଧମାଳ: ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଂଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ କରୋନେସନ୍ ପଡ଼ିଆରେ ଅତି ଆଡମ୍ବର ସହକାରେ ଉଦଘାଟନ ହୋଇଯାଇଛି । ଉତ୍ସବର ଉଦ୍‌ଘାଟକ ଭାବେ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ ମନୁଷ୍ୟ ଯେତେ ଆଧୁନିକତା ଏବଂ ପଢିବାର ଯେତେ ଉନ୍ନତ ସାଧନ ପ୍ରସ୍ତୁତ କରିଥିଲେ ମଧ୍ୟ ପୁସ୍ତକ ଉପାଦେୟତା ଏବଂ ଏହାକୁ ପଢିବାର ଆବଶ୍ୟକତାକୁ ଅଣଦେଖା କରିବା ଉଚିତ୍ ନୁହେଁ । ପୁସ୍ତକ ପଢିବା ଦ୍ୱାରା ହିଁ ଉଲ୍ଲେଖ ଥିବା ବିଷୟର ମର୍ମ ଓ ସ୍ୱର୍ଶକାତରତାକୁ ଅନୁଭବ କରି ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଢୀ ଯୋଗଦେଇ ବୈଜ୍ଞାନିକ ଓ ଆଧାତ୍ମିକ ଉଭୟ ମତର ଖୁବ୍ ସୁନ୍ଦର ଉଦାହରଣ ଦେଇ ଆଧୁନିକତାର ବସବର୍ତୀ ହୋଇ ମନୁଷ୍ୟ କିଭଳି ଭାବେ ଉନ୍ନତିର ଦୌଡ ଆଳରେ ଅବନତି ଆଡକୁ ଦ୍ରୁତ ଗତିରେ ଦୌଡୁଛି ବୋଲି କହିଥିଲେ । ଏହାଦ୍ୱାରା ମନୁଷ୍ୟକୁ ବିଭିନ୍ନ ରୋଗ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ପୁସ୍ତକ ପଢିବା ଦ୍ୱାରା ମନୁଷ୍ୟ ଭୁଲିଯିବା ଭଳି ରୋଗର ଶୀକାର ହୁଏନାହିଁ ବୋଲି କହିଥିଲେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ୟାପକ ଡ. ଚନ୍ଦ୍ରଶେଖର ଦାସ ଯୋଗଦେଇ ପୁସ୍ତକ ମେଳାର ଇତିହାସ ଓ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଜାନୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ସାହିତ୍ୟକୁ ଉଦ୍ଜୀବିତ କରି ରଖିବାରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଏହି ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାନ ଦ୍ୱାରା ଜାରି ରହିଥିବା ଦୀର୍ଘ ୧୫ ବର୍ଷର ସଫଳତା ଯୋଗୁଁ ଜିଲ୍ଲାରେ ସାହିତ୍ୟର ପ୍ରସାର ସମେତ ଜିଲ୍ଲାରେ ଥିବା ତଳ ସ୍ତର ଠାରୁ ଆରମ୍ଭ କରି ସବୁ ସ୍ତରର ଏବଂ ସବୁ ବର୍ଗର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା,ବରିଷ୍ଠ ନାଗରିକ, କ୍ରୀଡାବିତ୍, କଳାକାର,ଶିକ୍ଷାବିତ୍,ସମାଜ ସେବୀ,ପୁରୁଷ ଓ ମହିଳା ରକ୍ତଦାତା ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସମେତ ବିଭିନ୍ନ ପ୍ରତିଭାର ଅଧିକାରୀ ପୁରୁଷ ଓ ମହିଳା ମାନଙ୍କୁ ସମ୍ବର୍ଦ୍ଧିତ କରି ଲୋକଲୋଚନକୁ ଆଣି ସେମାନଙ୍କର ଉତ୍ସାହ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ । ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ଦିର୍ଘ ୩୨ ବର୍ଷ ଧରି ପ୍ରକାଶ ପାଉଥିବା ସ୍ମରଣୀକା, 'ବନଜ୍ୟୋତ୍ସ୍ନା' ଏବଂ ଡଃ. କାହ୍ନୁଚରଣଙ୍କ ସଙ୍କଳନ ପୁସ୍ତକ 'ସମୟର ସ୍ୱୟମ୍ବର' ନମସ୍ତେ ଓ 'ବିପ୍ଳବର ମହାନାୟକ ନେତାଜୀ ସୁଭାଷ' ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନ ର ମୁଖ୍ୟ ସମ୍ପାଦକ ଡଃ କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟା ପ୍ରଣତି ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ତରର ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ବିରାଜିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ୍ ନେଲା ଯୁବକଙ୍କ ଜୀବନ

ସୁନ୍ଦରଗଡ଼: ଏମସିଏଲ କୋଇଲା ପରିବହନକୁ ନେଇ ବାଙ୍କିବାହାଲ-ଟପରିଆ ରାସ୍ତା ମୃତ୍ୟୁର ପଥ ପାଲଟିଗଲାଣି । ଭାରୀଯାନ ଧକ୍କାରେ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଛି ଓ ଧନଜୀବନ ହାନି । ଦୁର୍ଘଟଣା ଘଟିଲେ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଛନ୍ତି । ପ୍ରଶାସନ, ପୁଲିସ ଆସି କ୍ଷତିପୂରଣ ଓ ଗାଡ଼ି ଚଳାଚଳ ବ୍ୟବସ୍ଥିତ ଭାବେ ହେବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । କିନ୍ତୁ ଦୁର୍ଘଟଣା କମିବାର ନାଁ ନେଉ ନାହିଁ । ଗୋଟିଏ ସପ୍ତାହ ମଧ୍ୟରେ ଏହି ରାସ୍ତାରେ ୭ଟି ଦୁର୍ଘଟଣା ଜୀବନନେଲାଣି । ରତନସରାରେ ପୁଣି ଏକ ଦୁର୍ଘଟଣାରେ ଜଣକର ଜୀବନ ଯାଇଛି । ପ୍ରତିବାଦରେ ରାସ୍ତାରୋକ କରିଥିଲେ । ମୃତକ ହେଲେ ରତନସରାର ରୋମାଞ୍ଚ ଛଛାନ । ରୋମାଞ୍ଚ କାମ ସାରି ଘରକୁ ଫେରୁଥିବା ବେଳେ ବିଳମ୍ବିତ ରାତିରେ ହୋଇଥିଲା ଦୁର୍ଘଟଣା । ରତନସରା ନିକଟରେ ଏକ ଭାରୀଯାନ ଖରାପ ହୋଇ ପଡ଼ିଥିଲା । ଗାଡ଼ିଟି ରାସ୍ତାକୁ ମାଡ଼ି ରହିଥିଲେ ମଧ୍ୟ ରାତିରେ ଗାଡ଼ିରେ ଦୁର୍ଘଟଣାର କୌଣସି ସିଗନାଲ ଦିଆଯାଇ ନଥିଲା । ଯାହା ଅନ୍ୟ ଯାନ, ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ଥିଲା । ରୋମାଞ୍ଚ ବାଇକରେ ଫେରିଲାବେଳେ ଅନ୍ଧାରରେ ଗାଡ଼ିକୁ ଦେଖି ପାରି ନଥିଲେ ଓ ପିଟି ହୋଇଥିଲେ ।

# ରାଉରକେଲା ପୋଲିସ୍ ପକ୍ଷରୁ ଅନୁସନ୍ଧାନ ପୋର୍ଟାଲର ଶୁଭାରମ୍ଭ

ରାଉରକେଲା,(ପିପିଏସ୍): ରାଉରକେଲା ପୋଲିସ୍ ପକ୍ଷରୁ ପୋଲିସ୍ ମୁଖ୍ୟାଳୟରେ ନୂତନ ଭାବରେ ଡିଜାଇନ୍ କରାଯାଇଥିବା ଏକ ଅନୁସନ୍ଧାନମୂଳକ ପୋର୍ଟାଲ ଓ୍ୱେବ୍‌ସାଇଟର ଶୁଭାରମ୍ଭ କରାଯାଇଛି । ଏହି ଓ୍ୱେବ୍‌ସାଇଟ୍‌କୁ ଶୁଭାରମ୍ଭ କରିଥିଲେ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ଓ୍ୱାଧ୍ୱାନୀ । କାର୍ଯ୍ୟକ୍ରମରେ ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓଙ୍କ ସମେତ ପୋଲିସ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଓ୍ୱେବସାଇଟକୁ ଶୁଭାରମ୍ଭ କରି ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ଓ୍ୱାଧ୍ୱାନୀ କହିଥିଲେ ଯେ, କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅନୁସନ୍ଧାନ ପୋର୍ଟାଲରେ ଜଣେ ଯେଉଁଠାରେ ଥାଉ, ସେ ମୋବାଇଲ, ଲାପଟପ୍ ଏବଂ ଓଟିପି ମାଧ୍ୟମରେ ନିଜର ମୋବାଇଲ ନମ୍ବରରେ ଦାଖଲ କରିଥିବା ଏତାଲା (ଏଫ୍‌ଆଇଆର) ଷ୍ଟାଟସ୍ ରିପୋର୍ଟ ଜାଣିପାରିବ । ସେ ନିଜେ ତଦନ୍ତକାରୀ ପୋଲିସ୍ ଅଫିସରଙ୍କ ନିକଟକୁ ନଆସି ଏହି ଅନୁସନ୍ଧାନ ପୋର୍ଟାଲ ମାଧ୍ୟମରେ ଜାଣିପାରିବ । ଗତ ୮ ମାସର କେସ୍ ରିପୋର୍ଟ ବିଷୟରେ ବ୍ୟକ୍ତି ଏହି ପୋର୍ଟାଲ୍ ମାଧ୍ୟମରେ ଜାଣିପାରିବ ।



ପ୍ରତି ସପ୍ତାହରେ ଏହି ପୋର୍ଟାଲ୍ ମାଧ୍ୟମରେ ଅପଡେଟ୍ ରିପୋର୍ଟ ବ୍ୟକ୍ତି ଜାଣିପାରିବ । ଏଥିସହିତ ଏତଲା ଦାୟର କରିଥିବା ବ୍ୟକ୍ତି ନିଜ ମୋବାଇଲର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପୋଲିସ୍ ଆଗକୁ କ'ଣ ତଦନ୍ତ ହେବ, ତାହାର ସୂଚନା ମଧ୍ୟ ପାଇପାରିବେ । ଅନୁସନ୍ଧାନ ପୋର୍ଟାଲ ନାଗରିକଙ୍କ ପାଇଁ ଏଫ୍‌ଆଇଆର୍ ଟ୍ରାକିଂ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସୁଗମତା ବୃଦ୍ଧି କରିବା ପାଇଁ ଏକ ଅଗ୍ରଣୀ ପ୍ଲାଟଫର୍ମ । ଏହା ମାଧ୍ୟମରେ ଅଭିଯୋଗକାରୀମାନେ ସେମାନଙ୍କ ଏଫ୍‌ଆଇଆରର ବର୍ତ୍ତମାନର ସ୍ଥିତି ଯାଞ୍ଚ କରିବାକୁ ସୁବିଧା ହେବ । ଯାହାଫଳରେ ସେମାନଙ୍କ ମାମଲା ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାରେ ଏକ ସୁଗମ ଏବଂ ଦକ୍ଷ ଅଭିଜ୍ଞତା ସୁନିଶ୍ଚିତ ହେବ । ଅନୁସନ୍ଧାନ ପୋର୍ଟାଲର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ହେଲା, ଆଇନଗତ ଅନୁପାଳନ ଅର୍ଥାତ୍ ଏହି ପ୍ଲାଟଫର୍ମ ବିଏନ୍‌ଏସ୍‌ଏସ୍ ଧାରା ୧୯୩(୩) (ଓଓ) ପାଳନ କରେ । ଅଭିଯୋଗକାରୀଙ୍କ ପାଇଁ ସରଳ ଓଟିପି ଆଧାରିତ ଲଗ୍‌ଇନ୍ ସିଷ୍ଟମ । ବିଭିନ୍ନ ପର୍ଯ୍ୟାୟରେ ତଦନ୍ତର ପ୍ରଗତି ଦୃଶ୍ୟମାନ ହେବ । କଠୋର ପଦକ୍ଷେପ ଓ ପ୍ରଯୁକ୍ତି ବିଦ୍ୟା କାର୍ଯ୍ୟାନ୍ୱୟନ ଏଫ୍‌ଆଇଆର ସମ୍ବନ୍ଧୀୟ ସୂଚନାର ଅପବ୍ୟବହାରକୁ ରୋକିଥାଏ । ମାତୃଭାଷା କହୁଥିବା ବ୍ୟବହାରକାରୀଙ୍କୁ ଭଲ ବୁଝାମଣା ପ୍ରଦାନ କରିବା ପାଇଁ ପୋର୍ଟାଲ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପରିଦର୍ଶନ କରାଯାଇପାରିବ । ଯେତେବେଳେ ଅଭିଯୋଗକାରୀଙ୍କ ଏଫ୍‌ଆଇଆର ବିଷୟରେ ନୂତନ ଅପଡେଟ୍ ଆସେ, ପୋର୍ଟାଲ ସ୍ୱୟଂଚାଳିତ ଭାବରେ ତାଙ୍କୁ ଏସ୍‌ଏମ୍‌ଏସ୍ ପଠାଇଥାଏ । ତେଣୁ ଉପଭୋକ୍ତା ବାରମ୍ବାର ପୋର୍ଟାଲ ପୁନଃଯାଞ୍ଚ କରିବାରୁ ଚିନ୍ତାମୁକ୍ତ ରହିବେ । ଶେଷରେ ପରିବେଶ ଅନୁକୂଳ ବିକାଶ ଦିଗରେ ଏକ ପଦକ୍ଷେପ ଭାବରେ ଯାଞ୍ଚ ପ୍ରକ୍ରିୟାକୁ କାଗଜବିହୀନ କରିବାକୁ ପୋର୍ଟାଲ ଲକ୍ଷ୍ୟ ରଖିଛି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୬।୦୨।୨୦୨୫ ■ ରବିବାର

# ବନ୍ଧୁତାର ନୂଆ ଦିଗ

ଭାରତ ହେଉଛି ଫ୍ରାନ୍ସର ବନ୍ଧୁ । ଉଭୟ ଦେଶ ମଧ୍ୟରେ ପରସ୍ପର ପ୍ରତି ସମ୍ମାନ ଓ ବିଶ୍ୱାସର ସମ୍ବନ୍ଧ ରହିଆସିଛି । ଚୀନକୁ ଦୃଷ୍ଟିରେ ରଖି ଭାରତର କ୍ଷମତା ବୃଦ୍ଧିରେ ସହଯୋଗ ପ୍ରଦାନ ହେଉ କି ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ପଦ ହେଉ, ଫ୍ରାନ୍ସ ପ୍ରତ୍ୟେକ ସ୍ତରରେ ଭାରତକୁ ସମର୍ଥନ କରିଆସିଛି । ବିଶ୍ୱରେ ଖୁବ୍ ବେଗରେ ସାମର୍ଥ୍ୟ ବୃଦ୍ଧି କରିଚାଲିଥିବା ଭାରତର ସମ୍ଭାବନାକୁ ଫ୍ରାନ୍ସ ଆରମ୍ଭରୁ ଆକଳନ କରିସାରିଛି । ନିକଟଅତୀତରେ ଅନ୍ତରୀକ୍ଷ ଅନୁସନ୍ଧାନ ଠାରୁ ନେଇ ବୁଡ଼ାଜାହାଜ ନିର୍ମାଣରେ ସହଯୋଗ କରି ଫ୍ରାନ୍ସ ସାବ୍ୟସ୍ତ କରିଦେଇଛି ଯେ ତାହା ଭାରତର କେବଳ ଭରସାଯୋଗ୍ୟ ନୁହେଁ ବରଂ ବଡ଼ ରଣନୀତିକ ସହଯୋଗୀ ମଧ୍ୟ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମ୍ୟାକୋଁଙ୍କ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତରଙ୍ଗତାର ପ୍ରମାଣ ଅନେକବାର ମିଳିସାରିଛି । ଏଥର ଉଭୟ ଦେଶ ଆଧୁନିକ ପରମାଣୁ ରିଆକ୍ଟରଗୁଡ଼ିକୁ ମିଳିତ ଭାବେ ବିକଶିତ କରିବା ପାଇଁ ସଂକଳ୍ପ ନେଇଛନ୍ତି । ଫ୍ରାନ୍ସର ମାରସେଇ ଠାରେ ଏକ ଚୁକ୍ତି ସ୍ୱାକ୍ଷରିତ କରି ଉଭୟ ଦେଶ ସ୍ପଷ୍ଟ କରିଛନ୍ତି ଯେ ଶକ୍ତି (ବିଦ୍ୟୁତ୍) ସୁରକ୍ଷା ଓ କମ୍ କାର୍ବନ ଅର୍ଥବ୍ୟବସ୍ଥା ଲାଗି ପରମାଣୁ ଶକ୍ତି ଗୁରୁତ୍ୱପୂର୍ଣ୍ଣ । ସେ ଦୃଷ୍ଟିରୁ ଦେଖିଲେ, ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ ଦିଗରେ ଏହା ହେଉଛି ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ।

ଫ୍ରାନ୍ସ କେବଳ ଆନ୍ତର୍ଜାତିକ ମଞ୍ଚରେ ଭାରତକୁ ସମର୍ଥନ ଦେଇଆସିଛି ତା' ନୁହେଁ, ବରଂ ପ୍ରତିରକ୍ଷା ଓ କୁଟନୈତିକ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବା ସହିତ ଆର୍ଥିକ ସମ୍ବନ୍ଧ ମଜବୁତ କରିବା ଦିଗରେ ବି ସହଯୋଗ କରିଆସିଛି । ଫଳରେ ୨୦୨୨-୨୩ ବର୍ଷରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଉଣେଇଶ ଶହ କୋଟି ଡଲାରରେ ପହଞ୍ଚିଥିଲା । ଏହା ପୂର୍ବରୁ ୨୦୦୦ରୁ ୨୦୨୧ ଭିତରେ ଫ୍ରାନ୍ସରୁ ପ୍ରାୟ ୧୦୦ କୋଟି ଡଲାରରୁ ଅଧିକ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ କରାହୋଇଥିଲା । ଏଥର ପ୍ରଧାନମନ୍ତ୍ରୀଙ୍କ ଫ୍ରାନ୍ସ ଗସ୍ତ କାଳରେ ମଧ୍ୟ ବାଣିଜ୍ୟ ଓ ପୁଞ୍ଜିନିବେଶ ବଢ଼ାଇବା ଉପରେ ଦୁଇଦେଶ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହାଫଳରେ ବାଣିଜ୍ୟ ସମ୍ବନ୍ଧ ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି । ଏହା ବ୍ୟତୀତ ଉଭୟ ଦେଶ ଜଳବାୟୁ ସଂକଟରୁ ରକ୍ଷା ପାଇବା ସକାଶେ ଗୋଟିଏ ମଞ୍ଚରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ତେଣୁ ଭାରତ ଓ ଫ୍ରାନ୍ସ 'ଇଣ୍ଟରନ୍ୟାଶନାଲ ସୋଲାର ଏଲାୟନ୍ସ' ଗଠନ କରିଛନ୍ତି, ଯହିଁରେ ଶତାଧିକ ଦେଶଙ୍କୁ ସାମିଲ କରାଯାଇଛି । ଭାରତ ଓ ଫ୍ରାନ୍ସର ଶୀର୍ଷ ନେତାମାନେ ବେସାମରିକ ପରମାଣୁ ଶକ୍ତି, ଅନ୍ତରୀକ୍ଷ ଓ ପ୍ରତିରକ୍ଷା କ୍ଷେତ୍ରରେ ଯେପ୍ରକାର ଏଥର ପରସ୍ପର ସହଯୋଗ ସଂକ୍ରାନ୍ତରେ ସମୀକ୍ଷା କଲେ, ତହିଁରୁ ଲାଗୁଛି ଏହାର ଦୂରଗାମୀ ଓ ସକାରାତ୍ମକ ପରିଣାମ ବାହାରିବ ।

ଉଭୟ ଦେଶ ମଧ୍ୟରେ କୁଟନୈତିକ-ରଣନୀତିକ ବୁଝାମଣା ଲାଗି ପ୍ରତିବଦ୍ଧତା ସ୍ପଷ୍ଟ କରିଦେଇଛି ଯେ ଏହାଙ୍କ ସମ୍ବନ୍ଧ ବିବିଧ କ୍ଷେତ୍ରକୁ ନେଇ ପ୍ରତିଷ୍ଠା ହୋଇଛି । ଆଶା କରାଯାଉଛି କୃତ୍ରିମ ମେଧା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସଠାରୁ ନେଇ ପ୍ରାଦୌଗିକୀ ଓ ନୂତନ ଉଦ୍ଭାବନ ଦିଗରେ ସହଯୋଗ ଅଧିକ ସୁଦୃଢ଼ ହେବ । ଦଶଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପରେ ଫ୍ରାନ୍ସ ପୁଣି ଥରେ ସଚ୍ଚୋଟ ବନ୍ଧୁ ଭାବେ ସାମନାକୁ ଆସିଛି । ଏହି ବୁଝାମଣା ପରେ ଉଭୟ ଦେଶ ମଧ୍ୟରେ ସମ୍ବନ୍ଧ ଅଧିକ ଗହନ ହେବ । ପରମାଣୁ ଶକ୍ତି କ୍ଷେତ୍ରରେ ବେସାମରିକ ସହଯୋଗ ମଧ୍ୟ ମାଇଲ ପଥର ସାବ୍ୟସ୍ତ ହେବ । କୃତ୍ରିମ ମେଧା ଓ ନୂଆ ଉଦ୍‌ଭାବନ ଦିଗରେ ଭାରତ ଓ ଫ୍ରାନ୍ସ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିଛନ୍ତି । ସୁରକ୍ଷିତ ଓ ବିଶ୍ୱସନୀୟ କୃତ୍ରିମ ମେଧାର ବିକାଶ ଲାଗି ଉଭୟ ଦେଶ ଏବେ ମିଳିତ ଭାବେ କାର୍ଯ୍ୟ କରିବେ । ଏକ ନ୍ୟାୟସଂଗତ ଓ ଶାନ୍ତିପୂର୍ଣ୍ଣ ଆନ୍ତର୍ଜାତିକ ବ୍ୟବସ୍ଥା କାଏମ କରିବା ଲାଗି ଫ୍ରାନ୍ସ ସହ ଭାରତ ହାତ ମିଳାଇଛି । ସହଯୋଗର ଏ ମାର୍ଗ ଦୀର୍ଘ ନିଶ୍ଚୟ, କିନ୍ତୁ ଉଭୟ ମିତ୍ରତା ବଳରେ ଆଗକୁ ବଢ଼ିବେ । ❐❐

# ଯମୁନାଲାଲ ବଜାଜ

ଯମୁନଲାଲ ବଜାଜ ଭାରତର ଜଣେ ଉଦ୍ୟୋଗପତି ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ବହୁତ ନିକଟତର ଥିଲେ। ଗାନ୍ଧୀ ତାଙ୍କୁ ପୋଷ୍ୟ ପୁତ୍ରଭାବେ ଗ୍ରହଣ କରିଥିଲେ। ସେ ୧୯୨୬ ମସିହାରେ ବଜାଜ ଗ୍ରୁପ୍ ଅଫ କମ୍ପାନୀ ପ୍ରତିଷ୍ଠା କରିଥିଲେ। ଏବେ ଏହି ଗ୍ରୁପ୍‌ର ୨୪ଟି କମ୍ପାନୀ ରହିଛି। ବଜାଜ ଇଲେକ୍ଟ୍ରିକାଲ, ବଜାଜ ଅଟୋ ଓ ବଜାଜ ହିନ୍ଦୁସ୍ଥାନ ଲିମିଟେଡ ଆଦି ତାଙ୍କର ପ୍ରସିଦ୍ଧ କମ୍ପାନୀ ଅଟେ। ତାଙ୍କ ନାମରେ ଭାରତରେ ମଧ୍ୟ କେତେକ ଶିକ୍ଷାନୁଷ୍ଠାନର ନାମକରଣ ହୋଇଛି। ଏହା ବ୍ୟତୀତ ୧୯୭୮ ମସିହାରେ ତାଙ୍କ ନାମରେ ଯମନାଲାଲ ବଜାଜ ଆୱାର୍ଡ଼ ମଧ୍ୟ ଘୋଷଣା କରାଯାଇଛି। ଏହା ପ୍ରତିବର୍ଷ ତାଙ୍କ ଜନ୍ମ ଦିବସରେ ଦିଆଯାଏ। ଯମନାଲାଲ ୧୮୮୯ ମସିହା ନଭେମ୍ବର ୪ ତାରିଖରେ ଏକ ଗରିବ ମାରୱାଡ଼ି ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ପରେ ତାଙ୍କୁ ସେଠ ବଚ୍ଛରାଜ ଓ ତାଙ୍କ ପତ୍ନୀ ସାଦବାଇ ବଚ୍ଛରାଜ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ସେଠ୍ ବଚ୍ଛରାଜ ଇଂରେଜ ଶାସନ କାଳରେ ଜଣେ ପ୍ରସିଦ୍ଧ ବ୍ୟବସାୟୀ ଥିଲେ। ଯମନାଲାଲ ବଡ଼ ହେବାପରେ ତାଙ୍କ ପିତାଙ୍କ ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ। ମହାତ୍ମା ଗାନ୍ଧୀ ସାଉଥ ଆଫ୍ରିକାରୁ ଫେରିବା ପରେ ସେ ତାଙ୍କ ଜୀବନଶୈଳୀରେ ଖୁବ୍ ପ୍ରଭାବିତ ହୋଇଥିଲେ। ତେଣୁ ସେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ସହ ଆସି ସାବରମତୀ ଆଶ୍ରମରେ ରହିଥିଲେ। ୧୯୨୧ ମସିହାରେ ସେ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ। ସ୍ୱାଧୀନତା ଆନ୍ଦୋଳନ ବ୍ୟତୀତ ଦେଶରେ ସାମାଜିକ ସଂସ୍କାର ଆଣିବାକୁ ସେ ସର୍ବଦା ଚେଷ୍ଟାରତ ଥିଲେ। ଦେଶରେ ଅଛୁଆଁ ଭେଦଭାବ ଦୂର କରିବା ପାଇଁ ସେ ଚେଷ୍ଟା ଜାରି ରଖିଥିଲେ ଓ ଖଦି ବସ୍ତ୍ର ପିନ୍ଧିବା ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଥିଲେ। ସେ ଭାବୁଥିଲେ ଯେ, ହିନ୍ଦୀଭାଷା ଭାରତୀୟଙ୍କୁ ଏକତ୍ରିକରଣ କରିବାରେ ସହାୟ ହେବ। ତେଣୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସେ ବହୁ ଗୁଡ଼ିଏ ହିନ୍ଦୀ ପୁସ୍ତକ ଓ ମାଗାଜିନ୍ ପ୍ରକାଶ କରିଥିଲେ ଓ ଗାନ୍ଧି ହିନ୍ଦୀ ପୁସ୍ତକ ଭଣ୍ଡାର ସ୍ଥାପନ କରିଥିଲେ। ସେ ସି.ରାଜ ଗୋପାଳଚାରୀଙ୍କ ସହ ମିଶି ଦକ୍ଷିଣ ଭାରତ ପ୍ରଚାର ସଭା ପ୍ରତିଷ୍ଠା କରିଥିଲେ। ଯମନାଲାଲ ତାଙ୍କର ବହୁ ଧନ ସମ୍ପତ୍ତି ଗରିବଙ୍କୁ ଦାନ କରିଥିଲେ। ତାଙ୍କର ୧୯୪୨ ମସିହା ଫେବୃଆରୀ ୧୧ରେ ମୃତ୍ୟୁ ଘଟିଥିଲା।

ଡକ୍ଟର ତପନ କୁମାର ପାଳ
ତୁଳସୀପୁର, କଟକ

# ଏଥର ସରଳ ଆୟକର: ମାମଲା ବୋଝ କମିବ



ଧ୍ୱନିପ୍ରତିଧ୍ୱନି
ଭର୍ତ୍ତୃହରି ମହତାବ

ନୂଆ ଆୟକର ଅଧିନିୟମ ୨୦୨୫ ସ୍ୱାଗତଯୋଗ୍ୟ । ଆୟକର ଏପରି ଏକ ସମ୍ବେଦନଶୀଳ ବିଷୟ ଯହିଁରେ ସୁଧାର ଅଣାଯିବା ସବୁବେଳେ ଆବଶ୍ୟକ ପଡ଼ିଥାଏ । ମଧ୍ୟକାଳୀନ ଯୁଗ ପରେ ହିଁ ଆୟକର ହେଉ କି ସମ୍ପତ୍ତି କର ବ୍ୟବସ୍ଥାରେ ସୁଧାର ଅଣାଯିବା କ୍ରମ ଜାରି ରହିଛି । ଏକ ସମୟ ଥିଲା, ଯେବେ ପ୍ରତ୍ୟେକ ନାଗରିକ, ଏପରିକି ପ୍ରତ୍ୟେକ ପରିବାରଠାରୁ ଗଣ୍ଡା କଡ଼ା କରି କର ବା ଲଗାଣ ଆଦାୟ କରାଯାଉଥିଲା, କିନ୍ତୁ ଦେଶ ସ୍ୱାଧୀନ ହେବାପରେ ଆୟକର ଆଇନରେ ମଝିରେ ମଝିରେ ବେଶ୍ ସୁଧାର ହୋଇଛି । ଏବେକାର ସୁଧାରକୁ ସେଇକ୍ରମରେ ଏକ ସୋପାନ ଭାବେ ଦେଖିବା ଦରକାର । ଆୟକର ଦୁନିଆରେ ଯାହାକୁ 'ସରଳ' କୁହାଯାଉଛି, ତାହା ବାସ୍ତବରେ ସାଧାରଣ ବ୍ୟକ୍ତି ଲାଗି ବେଶ୍ ଜଟିଳ । ଯଦି ଆମେ ନୂଆ ଅଧିନିୟମ ଜରିଆରେ ଯାହା କିଛି ବି ଜଟିଳତା ଥିଲା ତାକୁ ଦୂର କରି ଆଗକୁ ବଢ଼ୁଛନ୍ତି, ତେବେ ତାହା ପ୍ରଶଂସାର ବିଷୟ । ଆୟକର କ୍ଷେତ୍ରରେ ଏବେ ମଧ୍ୟ ବହୁତ କିଛି କରିବାର ଆବଶ୍ୟକତା ଅଛି । କର ପ୍ରକ୍ରିୟା ଏପରି ହେବା ଦରକାର ଯାହା ଦ୍ୱାରା ଯେକୌଣସି ବ୍ୟକ୍ତି କର ପଇଠ କରିବା ମାମଲାରେ ଉଭୟ କାଗଜ ଓ ବାସ୍ତବତାକୁ ସହଜରେ ବୁଝିବାକୁ ସକ୍ଷମ ହେବ ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆ ଆୟକର ଅଧିନିୟମ ୨୦୨୫କୁ ଲୋକସଭାରେ ଉପସ୍ଥାପନ କରିଛନ୍ତି ଓ ତହିଁରେ ଟ୍ୟାକ୍ସ ଫାଇଲିଙ୍ଗ ନେଇକରି ଥିବା ଅସୁବିଧା ଗୁଡ଼ିକୁ ହ୍ରାସ କରିବାକୁ ଉଦ୍ୟମ କରିଛନ୍ତି । ନୂଆ ବିଧେୟକକୁ ପୁରୁଣା ଅଧିନିୟମଠାରୁ ଛୋଟ କରାଯାଇଛି ଓ ନୂଆ ଅଧିନିୟମରେ କମ୍ ଶବ୍ଦରେ କର ପ୍ରକ୍ରିୟାକୁ ଯଥୋଚିତ ଢଙ୍ଗରେ ବୁଝାଇବା ଲାଗି ଉଦ୍ୟମ କରାହୋଇଛି । ଅବଶ୍ୟ କର ଆଇନକୁ ସରଳ, ସ୍ୱଚ୍ଛ ଓ କରଦାତାଙ୍କ ଲାଗି ଅନୁକୂଳ କରିବା ବିକଶିତ ଭାରତ ଲାଗି ଅନୁକୂଳ କରାଯିବା ଭଳି ନିର୍ଣ୍ଣୟ ବୋଲି କୁହାଯିବ । ସାଧାରଣ ବଜେଟ ଉପସ୍ଥାପନ କରାଗଲା ବେଳେ ଆୟକରରେ ରିହାତି ସହ ନୂଆ ଆୟକର ଅଧିନିୟମ ଉପସ୍ଥାପନ କରାଯିବ ବୋଲି ଘୋଷଣା ହୋଇଥିଲା । 'ଫାଇନାନ୍ସିଆଲ ଇୟର', 'ପ୍ରିଭିୟସ ଇୟର', 'ଆସେସ୍‌ମେଣ୍ଟ ଇୟର' ଭଳି ଶବ୍ଦ ଲାଗି ଏବେ କେବଳ ଟ୍ୟାକ୍ସ ଇୟର ଶବ୍ଦର ବ୍ୟବହାର କରାଯିବ । ନୂଆ ଆଇନ ଅନୁସାରେ ପ୍ରତିରକ୍ଷା ସର୍ଭିସ ଭଳି ସାମରିକ, ଅର୍ଦ୍ଧ-ସାମରିକ ବାହିନୀ ଓ ଅନ୍ୟ କର୍ମଚାରୀମାନଙ୍କୁ ମିଳୁଥିବା ଗ୍ରାଚ୍ୟୁଟିରୁ କର ଦେବାକୁ ପଡ଼ିବ ନାହିଁ । ଚିକିତ୍ସା, ଗୃହ ଋଣ, ପିଏଫ୍, ଉଚ୍ଚଶିକ୍ଷା ଲାଗି ନିଆଯାଉଥିବା ଋଣ ଉପରେ କର ରିହାତି ପୂର୍ବବତ ଜାରି ରହିବ । ଅନୁମାନ ମୁତାବକ, ଏଇ ଆୟକର ଅଧିନିୟମ ଯଦି ଚଳିତ ବର୍ଷ ପାର୍ଲାମେଣ୍ଟରେ ଗୃହୀତ ହୋଇଯାଏ, ତେବେ ୨୦୨୬ଠାରୁ ଏହାକୁ ଲାଗୁ କରିଦିଆଯିବ । ଯଦି ଏହା ହୁଏ, ତେବେ ୨୦୨୫ ମସିହା ଆୟକର ମାମଲାରେ ଏକ ବଡ଼ ଐତିହାସିକ ବର୍ଷ ହେବ । ଏଇବର୍ଷ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ ଆୟକର ଭିଡ଼ାଯିବ ନାହିଁ । ଏଇ ବର୍ଷ ଆମ ଦେଶରେ ଏକପ୍ରକାରେ ମାନିନିଆଯାଇଛି ଯେ ୧୨ଲକ୍ଷ ଟଙ୍କା ଆୟ କରୁଥିବା ସାଧାରଣ କଥା ଓ ଏ ଦେଶ ଏକପ୍ରକାରେ ନୂଆ ଭାରତ ଗଢ଼ିବାରେ ଅଗ୍ରସର ହୋଇଛି ।

ସ୍ମରଣଯୋଗ୍ୟ ଯେ ଆୟକର ବିଷୟ ପ୍ରତ୍ୟେକ ଦେଶରେ ବିବାଦର ବିଷୟ ହୋଇ ରହିଆସିଛି । ଆୟକରକୁ ଦୋହରା ଓ ଅନାବଶ୍ୟକ କରଧନ ବୋଲି ମାନୁଥିବା ଅର୍ଥନୀତିଜ୍ଞଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଏପରିକି ବିଶ୍ୱାସ କରାଯାଏ ଯେ ପ୍ରତ୍ୟେକ ନାଗରିକଙ୍କୁ ପ୍ରତ୍ୟେକ ବସ୍ତୁ ଓ ସେବା ଲାଗି କର ଦେବାକୁ ପଡୁଥିବା ବେଳେ, ତା' ପାଖରୁ ପୁଣି ଆୟକର ଅସୁଲ କରିବାର ଯଥାର୍ଥତା କ'ଣ ? ଏହା ଏକ ବିଚାର, କିନ୍ତୁ ଆଜିର ସମୟରେ ଯେବେ ସରକାରଙ୍କୁ ସହଜ ଭାବେ କର ବା ରାଜସ୍ୱର ଆବଶ୍ୟକତା ଥାଏ, ସେବେ ଆୟକର ସବୁଠାରୁ ଲାଭକାରୀ ହୋଇଥାଏ । ଆୟର ସ୍ରୋତ ଉପରେ ହିଁ କର ଲଗାଇବା ହେଉଛି ଏକ ସହଜ ପ୍ରକ୍ରିୟା ଯାହା କି ଶାସନ-ପ୍ରଶାସନ ପାଇଁ ମଧ୍ୟ ଉପଯୋଗୀ ହୋଇଥାଏ । ଗତବର୍ଷ ଯେବେ ଆୟକର ସ୍ଲାବରେ ଆଶାନୁରୂପ ପରିବର୍ତ୍ତନ ପରିଲକ୍ଷିତ ହେଲା ନାହିଁ, ତେବେ ସରକାରଙ୍କ ବାଧ୍ୟବାଧକତାର ମଧ୍ୟ ଚର୍ଚ୍ଚା ହୋଇଥିଲା । ଅବଶ୍ୟ ଏପ୍ରକାର ବାଧ୍ୟବାଧକତା ସତ୍ତ୍ୱେ ଚଳିତବର୍ଷ ସରକାର ତ୍ୟାଗର ପରିଚୟ ଦେଲେ ଓ ଏଥିଲାଗି ଢେର ପ୍ରଶଂସା ମଧ୍ୟ ପାଇଥିଲେ । ଆଗାମୀ ଦିନରେ କର କ୍ଷେତ୍ରରେ ପ୍ରଶଂସାର ଏ କ୍ରମ ଯେପରି ଜାରି ରହିବ ତାହା ଆଶା କରାଯାଉଛି ।

ଆୟକରକୁ ନେଇ ଯେତେ ମକଦ୍ଦମା ହୋଇଛି ଏବଂ ହେଉଛି, ସେ ସଂଖ୍ୟାକୁ ନେଇ ଲୋକେ କହୁଛନ୍ତି ଏହା ହେଉଛି ଟ୍ୟାକ୍ସ ବିବାଦର ରାଜଧାନୀ । ୨୦୨୩-୨୪ ଯାଏ ଟ୍ୟାକ୍ସ ସମ୍ବନ୍ଧୀୟ ମକଦ୍ଦମାରେ ଅଟକି ରହିଥିବା ଅର୍ଥରାଶି ୧୫.୪ଲକ୍ଷ କୋଟି ଟଙ୍କା ହୋଇଗଲାଣି ଯାହାର ପ୍ରାୟ ୮୭% ଡାଇରେକ୍ଟ ଟିକସ ସହ ଯୋଡ଼ି ହୋଇରହିଛି । ଆୟକର ବିଭାଗକୁ ଏ ମାମଲାଗୁଡ଼ିକରୁ କିଛି ଫାଇଦା ମିଳୁନାହିଁ କାରଣ ଏସବୁରେ ଜିତିର ରେକର୍ଡ ବହୁତ ଭଲ ନୁହେଁ । ଅର୍ଗାନାଇଜେସନ ଫର ଇକନମିକ କୋଅପରେସନ ଏଣ୍ଡ ଡେଭଲପମେଣ୍ଟ (ଓଇସିଡି) ପକ୍ଷରୁ ୩୪ଟି ଦେଶରେ ଟିକସ ବିବାଦ ଉପରେ ଏକ ଷ୍ଟଡିରୁ ଜଣାଯାଇଛି ଯେ ଟ୍ୟାକ୍ସ ବିଭାଗ ମାତ୍ର ୧୧.୫% ମାମଲାରେ ବିଜୟୀ ହୋଇଛି । ତେଣୁ ଆସେସମେଣ୍ଟ ଇୟର ବଦଳରେ ଟ୍ୟାକ୍ସ ଇୟର ଭଳି ଶବ୍ଦାବଳୀ ସ୍ଥିର କରିବା କି ସ୍ୟାଲେରୀ ଡିସକ୍ସନ ସହ ଜଡ଼ିତ ସବୁ ବ୍ୟବସ୍ଥାକୁ ଗୋଟିଏ ସେକ୍ସନରେ ରଖିବା କି ଚାଷର ଉପାୟ ସମ୍ବନ୍ଧୀୟ ବ୍ୟବସ୍ଥାରେ ସ୍ପଷ୍ଟତା ଆଣିବାରେ, ପ୍ରସ୍ତାବିତ ବିଧେୟକ ସଠିକ୍ ଭାବେ ପ୍ରଣିତ ହୋଇ କାର୍ଯ୍ୟକାରୀ ହେଲେ, ଏ ଦେଶର ଟ୍ୟାକ୍ସ ବ୍ୟବସ୍ଥାରେ ସ୍ପଷ୍ଟତା, ସ୍ୱଚ୍ଛତା ଓ ସରଳତାର ନୂଆ ପର୍ଯ୍ୟାୟ ଆରମ୍ଭ ହୋଇପାରିବ । ❐❐

# ପ୍ରକୃତ କ୍ଷମତାର ଅଧିକାରୀ

ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି । ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ । ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ । ଆମ ଦେଶର ଗରିବ ଏବଂ ମଧ୍ୟବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ । ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର । ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଠୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି ।ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ '। ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ । ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି । ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି । ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ସ୍ତ,୪୯ସ୍ତ କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି । ପାଣିପାଗ ବିଶେସଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି । ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ । ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି । ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି । ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ । ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ ।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ ।ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ । ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ । ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ । ସେହିପରି ମହାନ ରାଷ୍ଟବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା ।ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ । କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା । ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା ।ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି । ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ,୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ । ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି । ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା । ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ । ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ । ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡିବ । ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ । ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ ।

ଗୋପାଳପୁର,ବାଲେଶ୍ୱର
ମୋ:୭୦୨୦୬୧୧୩୦୦

## ସଂପାଦକଙ୍କୁ ପତ୍ର

### ପରିବାର ଧ୍ୱଂସ କରୁଛି ନିଶା

ମହାଶୟ,

ବର୍ତ୍ତମାନ ସମୟରେ ଅନେକ ଲୋକ ନିଶାଗ୍ରସ୍ତ ହୋଇ ବୁଲୁଛନ୍ତି। ସେଥିରୁ ଆମର ଯୁବପିଢ଼ି ବାଦ୍ ଯାଉନାହିଁ । ଆମର ଭବିଷ୍ୟତ ଆମ ପରିବାରର ମୁଖ୍ୟ ଆଜି ନିଶାଗ୍ରସ୍ତ । ଏଭଳି ଅବସ୍ଥାରେ ପରିବାର କ'ଣ, ସମାଜ କ'ଣ ଦେଶ ବି ଆଗକୁ କିଭଳି ଯିବ ? ମଦ ପାଇଁ ସବୁଆଡ଼େ ବିଭ୍ରାଟ ଦେଖାଦେଇଛି । କେହି ଯଦି ଟୋପେ ପେଟକୁ ନେଲା, ଦେଖିବ ତାର ନାଟ । କି କରାମତି ! ଧରାକୁ ସରା ମନେ କରି ନିଶା ଛାଡ଼ିବା ଯାଏଁ ଯେମିତି ଭାବେ ଆଚରଣ କରିବ ପାଖ ମାଡ଼ିବାକୁ ବି ଭୟ ଲାଗିବ । ମଦ ପିଇଲେ ଯେଉଁମାନେ ନିଜର ମରଦପଣିଆ ଦେଖାନ୍ତି, ତାଙ୍କ ଠାରୁ କାପୁରୁଷ ବି ଦୁନିଆରେ କେହି ନାହାନ୍ତି । ସେମାନେ ଘରେ ବାହାରେ ଯେଉଁ ଭଳି ଭାବରେ ଆଚରଣ ଦେଖାନ୍ତି, ତାକୁ ସମ୍ଭାଳିବା କଷ୍ଟ । ସ୍ତ୍ରୀ ଯଦି ବିରୋଧ କଲା ତ ବାପଘରକୁ ବିଦା , ଯଦି ସାଙ୍ଗସାଥୀ କହିଲେ ତା ହେଲେ ଆରମ୍ଭ ହୋଇଗଲା ଦୁସମନୀ । ମଦକୁ ନେଇ ଯେଭଳି ଭାବରେ ଅଘଟଣ ଏବେ ଦେଖାଯାଉଛି, ତାହା ଭାବିଲେ ବି ମୁଣ୍ଡ ଜାମ ହୋଇଯାଉଛି । ମଦ ପିଇବା ଶରୀର ପକ୍ଷେ ହାନୀକାରକ ଜାଣି ସୁଦ୍ଧା ଲୋକେ ଏସବୁ କରୁଥିବା ଦେଖିଲେ ଯେତିକି ଦୟା ଆସେ ସେତିକି ବି ଦୁଃଖ ଲାଗେ । ଲୋକମାନେ ନିଶାଗ୍ରସ୍ତ ହୋଇ ନିଜର ହିତାହିତ ଭୁଲିଯାଉଛନ୍ତି । ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଫଳରେ ସମାଜରେ ବିଶୃଙ୍ଖଳା ଜାତ ହେଉଛି ।

ଲୋକନାଥ ମହାନ୍ତି,
ଢେଙ୍କାନାଳ

# କାହିଁକି କୁମ୍ଭମେଳା

ଶ୍ରୀକାନ୍ତ କୁମାର ସାହୁ

କୁମ୍ଭମେଳାରେ ଏଯାବତ୍ ୪୫ କୋଟିରୁ ଊର୍ଦ୍ଧ୍ୱ ଲୋକ ବୁଡ଼ ପକାଇ ସାରିଲେଣି। କୁମ୍ଭମେଳା ବାସ୍ତବରେ କଥାରେ ନାହିଁ 'ଦେଉଳ ଗଢ଼ିଲେ ନାମ, ବାଟରେ ହଗିଲେ ନାମ...' ଅର୍ଥାତ୍ ସମସ୍ତେ ଯେ ଧର୍ମ କରିବାକୁ ଯାଉଛନ୍ତି ତାହା ନୁହଁ। ଏଇ ଯେମିତି କୁମ୍ଭମେଳାରେ ଏକ ପାଞ୍ଚ ଜଣିଆ ଚୋର ନାଗପୁରରୁ ଚୋରୀ କରି ପ୍ରୟାଗରାଜରେ କୁମ୍ଭସ୍ନାନ, ଗଙ୍ଗା ଆରତୀ ଆଉ ମହଙ୍ଗା ହୋଟେଲରେ ଖାଦ୍ୟ ଖାଇ ଚୋରି ଟଙ୍କା ଉଡାଇଛନ୍ତି ଓ ସୁଖଦ ଗଙ୍ଗା ସ୍ନାନ ସମ୍ଭବ ହେଉଥିବାବେଳେ ସାଧାରଣ ଲୋକଟି ପାଖାପାଖି ୧୫ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲିବାକୁ ବାଧ୍ୟ ହେଉଛି। ସେହିପରି ଯେଉଁପରି ପ୍ରଚାର ହେଉଛି ବାସ୍ତବିକ ସେପରି ଭିତ୍ତିଭୂମି ମଧ୍ୟ ସେଠାରେ ତିଆରି ହୋଇପାରି ନାହିଁ। ଶ୍ରଦ୍ଧାଳୁଙ୍କ ପାଇଁ କେବଳ ରହଣୀ ନୁହେଁ, ବ୍ୟାପକ ସୁବିଧା ସୁଯୋଗ ସହ ଜାଣିବା ନିମିତ୍ତ ମଧ୍ୟ ସେପରି ସୂଚନା ନାହିଁ।



ଆଉ ନାଗପୁର ପୋଲିସ ସେମାନଙ୍କୁ ଗିରଫ ମଧ୍ୟ କରିଛି। ସେହିପରି କୁମ୍ଭମେଳାରେ ଅନେକ ଚୋରି ଓ ଅସାମାଜିକ ଘଟଣା ମଧ୍ୟ ଘଟୁଛି। କୁମ୍ଭମେଳା ପ୍ରୟାଗରାଜରେ ଅନୁଷ୍ଠିତ ହେଉଛି। ଆସ୍ଥା ଓ ବିଶ୍ୱାସର ଏକ ବଡ଼ ମେଳା। ଆମେ ଯାହା ଜାଣିଛୁ କୁମ୍ଭ ହେଉଛି ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ମୋ ବଂଶଜ ଓ ପୂର୍ବ ପିଢ଼ି କୁମ୍ଭକାର ସମ୍ପ୍ରଦାୟର ହୋଇଥିବାରୁ ଆମ ମାନଙ୍କ ପାଇଁ କୁମ୍ଭ ଶବ୍ଦଟି ଅତି ଚିର ପରିଚିତ ଓ କୁମ୍ଭ ସହିତ ଆମର ଏକ ପ୍ରକାର ରକ୍ତଗତ ସମ୍ପର୍କ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରୟାଗରାଜରେ ଯେଉଁ କୁମ୍ଭମେଳା ହେଉଛି ସେଠି ବୁଡ଼ ପକାଇଲେ ଶ୍ରଦ୍ଧାଳୁ ମାନଙ୍କର ମୋକ୍ଷ ପ୍ରାପ୍ତି ବୋଲି ମୁଁ ଲେଖା ମାଧ୍ୟମରେ ଜାଣିବାକୁ ପାଉଛି। ମୋ ଆଲୋଚନାରେ କୁମ୍ଭ ଅମୃତ କୁମ୍ଭ ବି ହୋଇପାରେ ଏବଂ ଏହା ବିଷ କୁମ୍ଭ ବି ହୋଇପାରେ। ମହାକୁମ୍ଭ ମେଳାରେ ଅନେକ ଲୋକ ଆଶୀର୍ବାଦ ପାଉଛନ୍ତି। ଜୀବନକୁ ଗଢ଼ିବାକୁ ନୂଆ ପ୍ରତିଜ୍ଞା ବା ଶପଥ ନେଉଛନ୍ତି। ତେବେ ଏ ସବୁ ଭିତରେ କୁମ୍ଭମେଳାରେ ଦଳା ଚକଟା ହେଉ ବା ଅଗ୍ନିକାଣ୍ଡ ଘଟଣା, ଏପରିକି କୁମ୍ଭମେଳାକୁ ଯାଉଥିବା ବେଳେ ଓ ଫେରୁଥିବା ବେଳେ ଦୁର୍ଘଟଣାରେ ମଧ୍ୟ କିଛି ଶ୍ରଦ୍ଧାଳୁଙ୍କ ଜୀବନହାନୀର ଖବର ଆମେ ଜାଣିବାକୁ ପାଉଛୁ। ବର୍ତ୍ତମାନ ମହାକୁମ୍ଭକୁ ନେଇ ସମଗ୍ର ଭାରତର ନଗର ପୁରପଲ୍ଲୀ ଏବଂ ହିନ୍ଦୁ ଧର୍ମାବଲମ୍ବୀଙ୍କ ଭିତରେ ଏକ ପ୍ରକାର ଅଭୂତପୂର୍ବ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଛି। ଏହାକୁ ପୃଥିବୀର ସର୍ବବୃହତ୍ତ ଜନସମାଗମ ଭାବରେ ମଧ୍ୟ କୁହାଯାଉଛି। ଚଉରାଳିଶ ଦିନ ବ୍ୟାପୀ ଏହି ମହାକୁମ୍ଭ ୧୪୪ ବର୍ଷ ପରେ ପଡୁଥିବାରୁ ୪୦ କୋଟି ପାଖାପାଖି ଶ୍ରଦ୍ଧାଳୁଙ୍କ ଆତ ଯାତ ହେଉଛି। ଏଠି ସମସ୍ତେ ଯେ ଶ୍ରଦ୍ଧାଳୁ ବା ସାଧୁସନ୍ଥ ତାହା ନୁହଁ। କିଛି ଅନିସନ୍ଧିତ୍ସୁ ରହିଛନ୍ତି, କିଛି ଆଗ୍ରହୀ ଉତ୍ସାହୀ, ସାମ୍ବାଦିକ, ସେଲିବ୍ରେଟି, ଧର୍ଣ୍ଣାଢ଼୍ୟ ବ୍ୟକ୍ତି, ଚଳଚ୍ଚିତ୍ର ନିର୍ମାତା, ରୋମାଞ୍ଚ ଅଭିଳାଷୀ ଏପିରିକି ସୁଯୋଗ ସନ୍ଧାନେ ଅପରାଧୀମାନେ ମଧ୍ୟ ଏହି ବାତାବରଣ ଭିତରେ ନିଜକୁ ସାମିଲ କରିଛନ୍ତି।

ଆମେ ଯାହା ଜାଣିବାକୁ ପାଇଲୁ ଏହି ବିଶାଳ ମେଳାରେ ୨ଲକ୍ଷ କୋଟି ଟଙ୍କାର ବେପାର ବଣିଜ ହେବ। ସେହିପରି ଅନେକ ବିବାଦୀୟ, ସେଲିବ୍ରେଟି ଓ ତଥାକଥିତ ଆଧ୍ୟାତ୍ମିକ ପ୍ରଚାରକ ମାନେ ମଧ୍ୟ ଏହାର ସୁଯୋଗ ନେଉଛନ୍ତି। ଉତ୍ତର ପ୍ରଦେଶର ଅନ୍ୟତମ ବଡ଼ ସହର ପ୍ରୟାଗରାଜର ଜନସଂଖ୍ୟା ଯାହା ସେଥିରେ ଏତେ ଗହଳିର ଲୋକମାନଙ୍କର ଆତଯାତକୁ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟକର ନିଶ୍ଚୟ। ତେବେ କୁମ୍ଭମେଳାକୁ ଯାଇଥିବା କିଛି ଶ୍ରଦ୍ଧାଳୁଙ୍କ ସହିତ ଆମେ କଥାବାର୍ତ୍ତା ହେବାର ସୁଯୋଗ ପାଇଛୁ। ତଥାକଥିତ ଭିଭିଆଇପି ସଂସ୍କୃତି ପାଇଁ ଶ୍ରଦ୍ଧାଳୁମାନେ ଏକ ପ୍ରକାର ଅଣନିଶ୍ୱାସୀ ହୋଇପଡୁଛନ୍ତି। କାରଣ ସେଲିବ୍ରେଟି, ଭିଭିଆଇପି ଓ ଟଙ୍କାବାଲା ଲୋକଙ୍କ ପାଇଁ ନିରାପଦ ଓ ସୁଖଦ ଗଙ୍ଗା ସ୍ନାନ ସମ୍ଭବ ...

ଆମ ସମାଜର ଆଧ୍ୟାତ୍ମିକ ଦିଗ ଅତ୍ୟନ୍ତ ସ୍ପର୍ଶକାତର। ଆମେ ସାଧାରଣ ଜୀବନରେ ଦେଖିଛେ ବିଶ୍ୱାସ ଏପରି ଏକ ଶବ୍ଦ ସେହି ବିଶ୍ୱାସ ହିଁ ବାସ୍ତବରେ ଭଗବାନ। ପଥରଟି ରଖିଦେଲେ ଏହାମଧ୍ୟ ଠାକୁର ପାଲଟିଯାଏ, ତୁଳସୀ ଧଣ୍ଡା ବା ବେଲପତ୍ର ହିଁ ମଧ୍ୟ ଆଶୀର୍ବାଦର ଓ କୃପା ସୁରକ୍ଷାର କବଚ ପାଲଟିଯାଏ। ତେବେ ଗୋଟିଏ ଛୋଟିଆ ପ୍ରଶ୍ନ ମୋ ମନକୁ ଆନ୍ଦୋଳିତ ହେଉଛି। ସତରେ କୁମ୍ଭମେଳାରେ ବୁଡ଼ ଦେଉଥିବା ଲୋକମାନେ ବାସ୍ତବରେ ମୋକ୍ଷ ପାଇଯାଆନ୍ତି ? କୁମ୍ଭମେଳା ହେଉଛି ପବିତ୍ର ନଦୀ ସଙ୍ଗମ ସ୍ଥଳରେ ସ୍ନାନ। ତେବେ ଆମ ମାନଙ୍କ ଆଖାପାଖରେ ଅନେକ ନଦୀ ସଙ୍ଗମ ସ୍ଥଳ ରହିଥିଲେ ବି ଏହାର ସୁଯୋଗ କ'ଣ ପାଇଁ ଲୋକମାନେ ନେଉ ନାହାଁନ୍ତି। ଜଣେ ଯେତେ ପାପ ଓ ଦୋଷ ବା ଅପରାଧ କରନା କାହିଁକି କୁମ୍ଭରେ ବୁଡ଼ ଦେଇ ସେ ଲୋକଟି ପରବର୍ତ୍ତୀ ସମୟରେ ଯେ ଜଣେ ସାଧୁ ପାଲଟିଯିବ ଏପରି ଗ୍ୟାରେଣ୍ଟି କିଏ ଦେଇ ପାରିବ ? ମୁଁ ଯେତିକି ଜାଣିଛି କୁମ୍ଭମେଳା ପାଇଁ ଯାତାୟାତ, ରହଣୀ ଏ ସବୁ ଯେତିକି ସମୟ ସାପେକ୍ଷ ସେତିକି ଖର୍ଚ୍ଚ ସାପେକ୍ଷ ମଧ୍ୟ। ତେବେ ଏତେ କଷ୍ଟକରି କୁମ୍ଭକୁ ଯିବା ଅପେକ୍ଷା ନିଜ ଜୀବନକୁ ସେବା କାର୍ଯ୍ୟରେ ଅତିବାହିତ କ'ଣ ଜଣେ କୁମ୍ଭପରି ମୋକ୍ଷ ପାଇପାରିବ ନାହିଁ ? ଭାରତ ବର୍ଷରେ ଏହା ପୂର୍ବରୁ ଅନେକ କୁମ୍ଭମେଳା ଅନୁଷ୍ଠିତ ହୋଇ ସାରିଲାଣି। ବର୍ତ୍ତମାନର କୁମ୍ଭମେଳାକୁ ମିଶାଇଲେ ଏବଂ ପୂର୍ବ କୁମ୍ଭମେଳାର ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦେଖିଲେ ଯାହା ଗଣିତ ହିସାବ ଆସିବ ଏହା ୨ଶହ କୋଟିରୁ ଊର୍ଦ୍ଧ୍ୱ ହେବ। କୁମ୍ଭମେଳାର ଶ୍ରଦ୍ଧାଳୁ ମାନଙ୍କର ଯଦି ଜୀବନ ମୁକ୍ତି ହୋଇଯାଉଛି ଏବଂ ସେମାନେ ଯଦି ମୋକ୍ଷ ପାଇଯାଉଛନ୍ତି ତାହାହେଲେ ଭାରତ ବର୍ଷର ଜନସଂଖ୍ୟା ବହୁତ କମ ହୋଇ ସାରିଥାନ୍ତା। ମୁଁ ଏହି କୁମ୍ଭମେଳାକୁ ସମାଲୋଚନା କରୁନାହିଁ କିମ୍ବା ଶ୍ରଦ୍ଧାଳୁ ମାନଙ୍କ ପ୍ରତି ମୋର କୌଣସି ସମାଲୋଚନା କି ସେମାନଙ୍କର ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁନାହିଁ। ନିଇତି ପରିଶ୍ରମ କରି ଗଣ୍ଡାଏ ଦାନା କନା ଯୋଗାଡ଼ କରିବାକୁ ଅସମର୍ଥ ହୋଇଯାଉଥିବା ଲୋକଟି ପାଇଁ କୁମ୍ଭମେଳାର ଅର୍ଥ ବା କ'ଣ ? ଦଳା ଚକଟାରେ ଜୀବନ ଯାଉଥିବା ଶ୍ରଦ୍ଧାଳୁଟି ପ୍ରତି ଯଦି ଧର୍ମଗୁରୁ ମନ୍ତବ୍ୟ ଦିଅନ୍ତି ଯେ ତାର ମୋକ୍ଷ ହୋଇଗଲା ତାହାହେଲେ ଯେ କେହି ବି ପ୍ରଶ୍ନ କରିବ ସେ ଧର୍ମଗୁରୁ ମୋକ୍ଷ ହେବା ସ୍ଥାନରେ ନିଜେ କାହିଁକି ତାର ସୁଯୋଗ ନେଉନାହାଁନ୍ତି। ତେଣୁ କୁମ୍ଭମେଳା କର୍ମ ଜୀବନର କୁମ୍ଭ ହେବ। କେବଳ ବିଶ୍ୱାସ କରି ପ୍ରୟାଗରାଜରେ ଅମୃତ ଛିଞ୍ଚି ହୋଇଯିବାର ଶ୍ରଦ୍ଧା ପାଇଁ ଏକତ୍ର ନହୋଇ କର୍ମ ଓ ଜୀବନବାଦୀ ହେବା ହିଁ ଅସଲ କୁମ୍ଭମେଳାର ଅନ୍ତର୍ନିହିତ ତାତ୍ପର୍ଯ୍ୟ।

ବିଡ଼ାନାସୀ, ନୂଆସାହି, କଟକ
ମୋ: ୭୦୦୮୩୨୫୭୩୧



# ଆଜି ଫଗୁଣଟା ଲାଗୁଅଛି ମିଠା

### କ୍ଷମାନିଧି ଭୋଇ

ଆଜି ଫଗୁଣଟା ଲାଗୁଅଛି ମିଠା
ତୁମେ ଅଛ ବୋଲି ପ୍ରିୟେ
ଆଜି ଫଗୁଣଟା ରଙ୍ଗର ପସରା
ଦେଇଛି ମେଳି ହୃଦୟେ।
ଫଗୁଣ ଦିହରେ ରୂପ ଯଉବନ
ଲହଡ଼ି ମାରୁଛି ନିତି
ଭାରି ଅମାନିଆ କଳା ଭଅଁରଟା
ଛାଡୁନାହିଁ ଫୁଲ କତି।
ସୁଷମା ଶୋଭିତ ଧରଣୀ ପୃଷ୍ଠ
ପରିବେଶ ସୁବାସିତ
ନବ ଉନ୍ମିଳିତ ନବ କିଶଳୟ
ମନପ୍ରାଣ ପୁଲକିତ।
ଏ ଧରଣୀରାଣୀ ସେ ମନ ମୋହିନୀ
ମନକରେ ମତୁଆଲା
ରଙ୍ଗରଙ୍ଗିଆ ଫୁଲକୁ ସଜାଇ
ଯାଚଇ ମଧୁ ପିଆଲା।
ଦୂର ଆମ୍ରବଣ ହୋଇ ଛନଛନ
ପିନ୍ଧି ବଉଳ ପୋଷାକ
ଗାଇବାକୁ ଟିକେ କୁହୁକୁହୁ ଗୀତ
କୋଇଲିକୁ ଡାକେ ପାଖ।
ଆଜି ଫଗୁଣଟା ଲାଗୁଅଛି ମିଠା
ତୁମେ ଅଛ ବୋଲି ପ୍ରିୟେ
ମଧୁର ମଳୟ ମଧୁର ବସନ୍ତ
ବହେ ହୃଦୟେ ହୃଦୟେ।
ଫଗୁଣ ଫେରିଛି ଯୌବନ ଆସିଛି
ନବ ଉଦ୍ଦୀପନା ନେଇ
ପ୍ରେମିକ ପ୍ରେମିକା ପ୍ରେମେ ଯା'ନ୍ତି ମାତି
ମିଳନର ଗାଥା ଗାଇ।
ଲାଲ ଟହଟହ ପଳାଶର ଫୁଲ
ଆହା କି ସୁନ୍ଦର ଦିଶେ
କବି ଓ ଭାବୁକ ତା' ପାଖରେ ବଶ
ତା' ରୂପର ପସରା ପାଶେ।
ଏ ମିଠା ଫଗୁଣ କିଣେ ତନୁ ମନ
ପ୍ରେମ ପିଚକାରୀ ଖେଳେ
ଅଙ୍ଗେ ଅଙ୍ଗେ ଭରି ଯଉବନ ରାଜି
ମଜ୍ଜିଯାଏ ସାଥୀ ମେଳେ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ନାକଟିଦେଉଳ

# ମିଳନ ଗୀତିକା

### ନିରଞ୍ଜନ ପତି



ନାଁ ଜାଣେନା କି ତୁମ ଗାଁ ବି ଜାଣେନା
ତେଣୁ ଅନାମିକା ସେଭ୍ କରି ଦେଇଛି,
ତୁମରି ସେନେହ ଦେଖି ମନମୋ'ଯାଇଚି ଲାଖି
ଏପରି ଦରଦୀ ସାଥୀ ଟିଏ ପାଇଛି।
ଯେବେ ତୁମ ସହ ହେଲା ପହିଲି ଦେଖା,
ଜାଣିନେଲି ହୋଇବି ମୁଁ ତୁମରି ସଖା।
କହିବି ତୁମକୁ ସବୁ ଅନ୍ତର ଖୋଲି,
ମୋ ସହ ପାଦ ମିଳେଇ ଚାଲିବ ବୋଲି।
ତୁମ କଥା ସମସ୍ତଙ୍କୁ ସବୁ କହିଛି...
ତେଣୁ ଅନାମିକା ସେଭ୍ କରି ଦେଇଛି...
ଅନାମିକା ନାୟିକା ମୋ କରିବନି ପର,
ତୁମକୁ ନେଇ ଗଢ଼ିବି ସୁନ୍ଦର ଘର।
ସେ ଘରେ ନଥିବ ରାଗ, ରୁଷା, ଅଭିମାନ,
ସେନେହ ଶରଧା ଆମେ କରିଯିବା ଦାନ।
ତୁମକୁ ନେଇ ମିଳନ ଗୀତିକା ଗାଉଛି...
ନାଁ ଜାଣେନା କି ତୁମ ଗାଁ ବି ଜାଣେନା
ତେଣୁ ଅନାମିକା ସେଭ୍ କରି ଦେଇଛି...
ଭୁଲି ହେବନାହିଁ ଯାହା ପାଇ ଯାଇଛି।


ସମ୍ପାଦକ, ମଧୁମାଳତୀ
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

 କ୍ଷୁଦ୍ରଗଳ୍ପ

# ପ୍ରିୟା

### ସୁଦର୍ଶନ ମହାପାତ୍ର





ଯାହାର ଦେହ ଉଲୁସା କଥା ପ୍ରିୟା ହୃଦୟରେ ଖେଳାଇ ଦେଇଥିଲା ପ୍ରେମର ତରଙ୍ଗ, ଖୁସିର ଉଚ୍ଛ୍ୱାସ, କିଆରି କିଆରି ସପନର ମହକରେ ମହକିତ କରିଥିଲା ମନ ଉପବନ ସେଇ ପ୍ରେମିକଟିକୁ ବରିବାକୁ ଠିକ୍ କରିଥିଲା ପ୍ରିୟା ତା ବାପା ମା'ଙ୍କ ଇଛା ବିରୁଦ୍ଧରେ।

ମାଆ ବୁଝାଇଲା -'ତୁ ଆମର ଗୋଟିଏ ବୋଲି ଅଲିଅଳି ଝିଅ। କେତେ ଆରାମ ଅୟସରେ ବଢ଼ିଛୁ। ଯାହାକୁ ପସନ୍ଦ କରିଛୁ ସେ'ତ ନିଃସ୍ୱ। ତୋ ପାଇଁ ସେ କାନରେ ନାକରେ ନିମ କାଠି ଦେବାକୁ ଅସମର୍ଥ। ବର୍ଷକୁ ଦୁଇଖଣ୍ଡ ଶାଢ଼ି କିଣି ଦେବାକୁ ତା'ର ଯୁ ନାହିଁ। ସେ ତୋ ଭଳି ସୁକୁମାରୀ ଝିଅକୁ ନେଇ ହନ୍ତସନ୍ତ କରିବ ସିନା! ତୁ ତାକୁ ଭୁଲି ଯା। ତୋ ବାପା ତୋ ପାଇଁ ଠିକ୍ କରିବେ ତୋ ଲାଖି ରାଜକୁମାର ଟିଏ। ଝିଅ କହିଲା -'ନା ମା'! ମୋର ଦରକାର ନାହିଁ ରାଜକୁମାର। ଦରକାର ନାହିଁ ସୁନା, ହୀରା, ନୀଳା, ମୋତି ମାଣିକ୍ୟ। ମୋ ପାଇଁ ବଡ଼ ପ୍ରେମ। ମୋ ପାଇଁ ବଡ଼ ସପନ ଯାହା ସେ ହିଁ ଦେଇ ପାରିବ। ମୋ ପାଇଁ ଧନଠୁ ବଡ଼ ନିଛକ ଭଲପାଇବା...!!

ବାପା ବୁଝାଇଲେ-'ଝିଅ, ସପନରେ ପେଟ ପୂରେନାହିଁ। ସପନ ଭାଙ୍ଗିଲେ ପେଟର ଜ୍ୱାଳା ଅନୁଭବ ହୁଏ। ଯାହାକୁ ତୁ ଭଲ ପାଉଛୁ ସେ ତୁଚ୍ଛା ଅଭିନୟ କରୁଥିବା କଳାକାରଟିଏ। ତା ଉପରେ ଭରସା କରନା। ମିଠା ମିଠା କଥା କହି ତୋତେ ସପନ ରାଇଜରେ ବୁଲଉଛି। ସପନ ଦେଖିବା ଆଉ ସଂସାର ପାତିବା ଏକା କଥା ନୁହେଁ। ଖିଆଲରେ ଆକାଶରୁ ଚାନ୍ଦ ତୋଳା ଯାଇପାରେ, ମାତ୍ର ବାସ୍ତବିକତା ସେଇଟା ନୁହେଁ। ତୋର ସୁଖ ତୋର ଭବିଷ୍ୟତ ପାଇଁ ଆମେ ଯାହା କହୁଛୁ ମାନିନେ। ତୋର ମଙ୍ଗଳ ହେବ।'

ଝିଅ କୌଣସି ପ୍ରକାରରେ ବୁଝିବାର ନାହିଁ। ପ୍ରେମର ପରିଭାଷା ତାକୁ ପରା ଜଣା। ଆଉ କିଏ କେମିତି ଅନୁଭବ କରିବ ତା ମନକଥା? ଗୁମସୁମ ରହିଲା ସେ। ଆଖିରୁ ଲୁହ ଝରାଇ କାନ୍ଦିଲା। ବାପା ମାଆ ଥରକୁ ଥର ଝିଅକୁ ବୁଝେଇବାକୁ ପ୍ରୟାସ କଲେ। ସବୁ ନିଷ୍ଫଳ...! ଅତଏବ ବାପା ମାଆଙ୍କ ନଜର ବନ୍ଦୀରେ ରହିଲା ଝିଅ। ଝିଅର ଦିନେ ମନେହେଲା ନିଃଶବ୍ଦ ରାତିରେ କିଏ ଆସିଛି। ପ୍ରୀତି ପ୍ରଣୟର ବାସ୍ନାଟେ ଚହଟିଗଲା ତା ଚାରି ପାଖରେ।

ଉଲୁସି ଉଠିଲା ସେ। ମନ ଉଚ୍ଚାଟିତ, ଉଲ୍ଲସିତ...!!

-'ପ୍ରିୟା..!' ଝରକା ସେପଟେ ଫିସ ଫିସ ସ୍ୱର ପ୍ରେମିକର।

ପ୍ରିୟା ଛାତିରେ ଛନକା। ମନରେ ଭୟ। ଧୀରେ ଝର୍କା ଖୋଲିଲା ସେ। ବାହାରେ ବିଛେଇ ହୋଇ ପଡ଼ିଛି ଜୋଛନା ରାଶି। ଆକାଶ ଭର୍ତ୍ତି ତାରା। ଠିଆ ହୋଇଛି ତା'ର ସପନର ରାଜକୁମାର। କଥା ଦେଇ କଥା ରଖିଛି। ଆସିଛି ତାକୁ ବଞ୍ଚିବାର ରାହା ଦେଖାଇବାକୁ।

-'ପ୍ରିୟା ଚାଲିଆସ। ମୁଁ ତୁମ ପାଇଁ ଛାଡ଼ିଆସିଛି ଘରଦ୍ୱାର ବାପା ମାଆ ସବୁକିଛି। ତୁମକୁ ନପାଇଲେ ମୁଁ ବଞ୍ଚିପାରିବିନି।'

ପ୍ରିୟା ଚାହିଁଲା କ୍ଷଣେ ପ୍ରେମିକର ଶ୍ୟାମଘନ ଅପଘନକୁ। ଧୀରେ ପାଦରଖିଲା ଏରୁଣ୍ଡି ବାହାରେ। ପ୍ରେମିକ ହାତରେ ଥାପିଲା ହାତ। ପ୍ରିୟାର ହାତମୁଠାରେ ତା'ର ଇପ୍ସିତ ସ୍ୱର୍ଗ।

ପ୍ରେମିକ ହାତରେ ହାତଛନ୍ଦି ପ୍ରେମରେ ଜୁଡୁବୁଡୁ ପ୍ରିୟା ଚାଲିଛି ନିଶାର୍ଦ୍ଧରେ। ପ୍ରେୟସୀର ମନକୁ ରସାଣିତ କରିବା ପାଇଁ ପ୍ରେମିକ ଶୁଣଉଛି ମନବୋଧ ଚଉତିଶା।

'ପ୍ରେମ ଦୁର୍ଲଭ। ପ୍ରେମ ଅମୂଲ ମୂଲ। ପ୍ରେମକୁ ସମସ୍ତେ ବୁଝିପାରନ୍ତି ନାହିଁ। ପ୍ରେମ ବିନା ଜୀବନ ରଙ୍ଗହୀନ। ପ୍ରେମ ରହିଲେ ହିଁ ଜୀବନ ହୁଏ ଇନ୍ଦ୍ରଧନୁମୟ। ପ୍ରେମରେ ହିଁ ନିହିତ ଜୀବନର ସାର୍ଥକତା। ସର୍ତ୍ତବିହୀନ ପ୍ରେମ ଏବଂ ଅନାବିଳ ପ୍ରେମ ହିଁ ପ୍ରକୃତ ପ୍ରେମର ପରିଚାୟକ। ପ୍ରେମ ପୂଜା, ପ୍ରେମ ଆରାଧନା। ବିନା ତ୍ୟାଗ ଓ ତିତିକ୍ଷାରେ ପ୍ରେମର ପରମାୟୁ ଅଢେଇ ଦିନିଆ। ପ୍ରିୟା ବାରି ପାରୁଥିଲା ପ୍ରେମିକର କଥାରେ କାବ୍ୟିକ ଛଟା। ବୁଝୁଥିଲା ପ୍ରେମକୁ ଅର୍ଜନ କରାଯାଏ। ପ୍ରେମରେ ହିସାବ ନିକାଶ ଅବା ଜୟ ପରାଜୟର ସ୍ଥାନନାହିଁ। ପ୍ରେମ ଅମର। ସଜଳ ସକାଳ ପରି ଦିଏ ମିଠା ଅନୁଭବ।

ସକାଳ ହେଲା ବେଳକୁ ପ୍ରିୟା ତା'ର ପ୍ରେମିକ ସହିତ ଥିଲା କେଉଁ ଏକ ଅଜଣା ଜାଗାରେ। ଘନ ଜଙ୍ଗଲ ପରିବେଷ୍ଟିତ ଜାଗା। କୋଳାହଳ ଠାରୁ ଦୂରରେ। ଗୋଟିଏ ପାନ୍ଥଶାଳାରେ ଦୁହେଁ ପ୍ରବେଶକଲେ। ପାନ୍ଥଶାଳାର ମାଲିକ ହୃଦୟବାନ୍। ନିକଟସ୍ଥ ମନ୍ଦିରରେ ବିବାହ କାର୍ଯ୍ୟ ବି ସମ୍ପାଦିତ କରାଇଦେଲେ। ଏବେ ଦୁହେଁ ପତିପତ୍ନୀ। ପ୍ରେମର ବିଜୟ ହୋଇଛି ବୋଲି କହିଲା ପ୍ରେମିକ।

ପ୍ରେମିକ ଛାତିରେ ମଥାରଖିଲା ପ୍ରିୟା। ଦୁହେଁ ରୋମାଞ୍ଚିତ। ଆଖି ଭର୍ତ୍ତି ସପନ। ମୁଠା ଭର୍ତ୍ତି ସ୍ୱର୍ଗ। ଦୁହେଁ ଦୁହିଁକୁ ଚାହିଁଲେ। ଦେହରେ ଶିହରଣ। ପ୍ରିୟା ଶୁଣୁଛି ପ୍ରେମିକ କଣ୍ଠରୁ ମଧୁପର ଗୁଞ୍ଜନ। ଦେହରୁ ଖୋଲିଯାଇଛି ଅଳଙ୍କାର ମାନ। ପ୍ରେମିକ ଭାଷାରେ ସେଗୁଡା ପ୍ରେମ ପ୍ରଣୟରେ ପ୍ରତିବନ୍ଧକ। ପ୍ରିୟା ଦେହକୁ ବୋଝ। ବିନା ଅଳଙ୍କାରରେ ଅପ୍ସରା ପ୍ରତୀତ ହୁଏ ପ୍ରିୟା।

ହେଲେ ରାତି ପାହିଲା ବେଳକୁ ପ୍ରିୟା ଆଖିରେ ଲୁହ। ଏଇ କ'ଣ ତା ସ୍ୱପ୍ନର ରାଜକୁମାର? ପ୍ରେମକ'ଣ ଧର୍ଷଣ ପ୍ରସୂତ..! ନିରବୀ ଯାଇଛି ପ୍ରିୟା। ପର ରାତିକୁ ବି ସେ ସହିଛି ପାଶବିକ ଅତ୍ୟାଚାର। ଦେହ ମନରେ ଏମିତି ଦହଗଞ୍ଜ କେହି କେବେ ଭୋଗିନଥିବ। କୌଣସି ସ୍ତ୍ରୀ ସ୍ୱାମୀଦ୍ୱାରା ଏମିତି ଧର୍ଷିତା ହୁଏ କି?


ପ୍ରିୟା ଦେହକୁ ଆଉ ଫେରୁ ନଥିଲା ଅଳଙ୍କାରମାନ। ଘରୁ ଲୁଚେଇ ଆଣିଥିବା ଟଙ୍କା ଓ ଅଳଙ୍କାର ବ୍ୟାଗ୍‌ଟା ବି ଅନ୍ତର୍ଦ୍ଧାନ। ପ୍ରିୟା ପ୍ରମାଦ ଗଣିଲା। ପ୍ରେମିକକୁ ପ୍ରଶ୍ନିଳ ଆଖିରେ ଚାହିଁଲା। ପ୍ରତି ବଦଳରେ ପ୍ରେମିକର ରକ୍ତମୁଖା ଆଖିରେ ଦେଖିଲା ଚୁପ୍ ରହିବାର ଇଙ୍ଗିତ।

ଚତୁର୍ଥ ରାତିରେ କବାଟ ଖୋଲି ରୁମ୍‌କୁ ଆସିଲା ପାନ୍ଥଶାଳାର ମାଲିକ। ପ୍ରିୟାର ସବୁ ପ୍ରତିରୋଧ ବ୍ୟର୍ଥ। ସତେ ପ୍ରିୟାର ପତିତା ଜୀବନର ଅୟମାରମ୍ଭ..!

ସକାଳ ହେଲା। କୋଠରୀରୁ ବାହାରିବାର ଉପାୟ ଖୋଜୁଥିଲା ପ୍ରିୟା। ବନ୍ଦ ଝର୍କାର ଫାଙ୍କ ଦେଇ ବାହାରକୁ ଚାହିଁଲା। ଖରାରେ ଝଲମଲ ହେଉଥିବା ସତ୍ୟ ତା ସାମ୍ନାରେ! ତା ପ୍ରେମିକର ହାତଧରି ପାନ୍ଥଶାଳା ଭିତରକୁ ପ୍ରବେଶ କରୁଥିଲା ଆଉ ଜଣେ ପ୍ରିୟା।

ପ୍ରିୟା ବିବଶ। ତୁଟିଯାଇଛି ସପନ। ଆଉ କୋଠରୀରୁ ନୁହେଁ, ଜୀବନରୁ ମୁକୁଳି ଯିବାକୁ ଚାହିଁଲା। ଫ୍ୟାନ୍‌ରେ ଲୁଗା ବାନ୍ଧି ଝୁଲିପଡ଼ିଲା...!

ପୁଲିସ୍ ସନାକ୍ତ କଲା ପ୍ରିୟାର ପ୍ରାଣଶୂନ୍ୟ ଦେହକୁ ପାଖ ଜଙ୍ଗଲରୁ। ବାପା ମାଆ ଦୁହେଁ କୋହ



# ମଧ୍ୟାହ୍ନରେ ଖେଳାଳିମାନେ

### ଡ. ଅନିଲ ନନ୍ଦ

ସେ କଥା ଆଉ ପଚାରେ କିଏ!
ଦିନେ ସମୟ କେମିତି
ସାଜିଥିଲା କଅଁଳା ପିଲା
ଖେଳିବାକୁ ଡାକି ନେଇ
ଗଢ଼ି ପୁଣି ଭାଙ୍ଗି ଦେଉଥିଲା
ଦୁଃଖର ବାଲିଘର।
କୋଉ ଭଙ୍ଗା ଖେଳନା ସଙ୍ଗେ
ଭାଙ୍ଗି ମିଶି ଯାଇଥିବ କେଜାଣି
ଜହ୍ନକୁ ମାମୁକରି
କୋଳକୁ ଡାକିବା
ତାରା ସଙ୍ଗେ ଗପ ଲମ୍ବାଇବା।
ମଥା ଉପରେ ସୂର୍ଯ୍ୟକୁ ଦେଖି
ଆଉ କ'ଣ ମନେପଡ଼େ ପଛକଥା!
ମଧ୍ୟାହ୍ନ ବେଳକୁ ତ
ଖେଳ ଆଉ ଯୁଦ୍ଧ ସମାନ
ଭୋକମାନଙ୍କ ପ୍ରେରଣାରେ
ଖେଳ ହୋଇଥାଏ ସଂଘର୍ଷପୂର୍ଣ୍ଣ
ହାରିଗଲା ପରେ ବି
ଛାଡ଼ି ହୁଏନାହିଁ ଖେଳପଡ଼ିଆ।
ମଧ୍ୟାହ୍ନ ନିଜେ ବି ଗୋଟେ ଖେଳ
ରକ୍ତକୁ ଝାଳକରି ନିଗାଡ଼ି ଦେବାର
ଖେଳାଳିମାନଙ୍କୁ ଦୌଡ଼ାଇ ଦେଇ
ପଡ଼ିଆକୁ ଯୁଦ୍ଧକ୍ଷେତ୍ର କରିବାର।
ଏଇ ମଧ୍ୟାହ୍ନ ବେଳକୁ
ଖେଳାଳିମାନେ ଦେଖାନ୍ତି
ନିଜ ନିଜ କରାମତି
ଭୁଲିଯାଆନ୍ତି ଚାଣକ୍ୟ ନୀତିଶ୍ଳୋକ
ଭୁଲିଯାଆନ୍ତି ପ୍ରତିପକ୍ଷକୁ ବି
ଜିଣିହୁଏ ପ୍ରେମରେ
ପ୍ରତିଦ୍ୱନ୍ଦ୍ୱୀକୁ ଆଘାତ ନଦେଇ।

କ୍ୟାମ୍ପସ୍ -୯, କିଟ୍
ମୋ-୯୯୩୭୮୪୩୩୬୮

# ବଂଶୀ

### ଶୁଭଶ୍ରୀ ରାଉତ



ଏବେ ବେଳେବେଳେ ମନେପଡ଼େ ସେଇ ପୁରୁଣା ଦିନ। ସେଇ ଅତୀତ, ଯିଏ ଗୋଟିଏ ସାଧାରଣ ସମୟଖଣ୍ଡ ପରି ମନେ ହେଲେ ମଧ୍ୟ ତାରି ଭିତରେ ଘଟି ଯାଇଥିବା ଅନେକ ଘଟଣା। ଘଟଣାଜନିତ ଯନ୍ତ୍ରଣାରେ ମନ କ୍ଷତବିକ୍ଷତ ହୋଇଉଠେ। ଏମିତି ଏକ ଯନ୍ତ୍ରଣାରେ ଅହୋରାତ୍ର ଦଗ୍ଧୀଭୂତ ହେଉଥିବା ଏକ ମାନବୀୟ ଆତ୍ମାର ନିଛକ ପ୍ରତିଛବି ହେଉଛନ୍ତି ଦୀପକ ମିଶ୍ର। ଜୀବନ ପାଲଟି ଯାଇଛି ଗୋଟିଏ ମହମ ଘର। ପ୍ରତି ବଖରାରେ ସେ ଗୋଟେ ଗୋଟେ ଜଳନ୍ତା ଦୀପାଳୀ। ଜୀବନକୁ ନେଇ ଜଳିଜଳି ବଞ୍ଚିବାର ଅନିର୍ବାଣ ଅଗ୍ନି ଶିଖାରେ ତିଳତିଳ ହେଇ ତରଳୁଥିବା ଆଶା, ଆକାଂକ୍ଷା ଏବଂ ନାଲି ନେଳି ସ୍ୱପ୍ନର ଭିଡ଼ ଭିତରେ ଅଣନିଃଶ୍ୱାସୀ ଚରିତ୍ରଟିଏ ଦୀପକ ମିଶ୍ର।

ଜଳିପୋଡି ଭସ୍ମୀଭୂତ ହେବାକୁ ବସିଥିବା ଏହିଭଳି ଏକ ଚରିତ୍ର ସହ ଭେଟ ହୋଇଥିଲା ଏଇ ଲେଖିକାର। ଗୋଟିଏ ଅପନ୍ତରା, ଅମଡ଼ା, ଭଙ୍ଗା ପୋଲ ଉପରେ ଆଉ ମେଞ୍ଚାଏ ନିଶୁନ୍ ଅନ୍ଧାର ଗୁମ୍ ମାରି ବସିଥିବା କିଛି ପବନ ଭିତରେ। ମୁଁ ଯଦିଓ ତାଙ୍କ ବିଷୟରେ କିଛି ଜାଣିନଥିଲି ତଥାପି ତାଙ୍କୁ ଚିହ୍ନିବା ଓ ଜାଣିବା ପାଇଁ ମନ ଭିତରେ ଏକ କୌତୁହଳ ସୃଷ୍ଟି ହେଇଥିଲା। ପାଖକୁ ଗଲି, ଅତି ପାଖକୁ। ନମ୍ର ସ୍ୱରରେ ପଚାରିଲି, ଆଜ୍ଞା! ଏପରି ଅନ୍ଧାରରେ ଭଙ୍ଗା ପୋଲଟା ଉପରେ କାହିଁକି ବସିଛନ୍ତି? କିଛି ମୁହୂର୍ତ୍ତର ନୀରବତା। ପୁଣି ପଚାରିଲି। ଆହୁରି ପଚାରିଲି। ପଚାରି ଚାଲିଲି ଅନେକ କଥା, ନିରୁତ୍ତର ଥିଲେ ସେ। ଭାବିଲି ମୋ ବାଟରେ ମୁଁ ଚାଲିଯିବି, କିନ୍ତୁ ବିବେକ ମତେ ବାଧା ଦେଲା। ସେଇ ନୀରବ ହୃଦୟଟିର ଅନୁଚ୍ଚାରିତ ଭାଷା ମତେ ପୁଣି ଅଟକେଇ ଦେଲା। ବୁଲିପଡ଼ି ତାଙ୍କ ପାଖକୁ ଫେରିଗଲି, କିଛି କୋହର ପ୍ରତିଧ୍ୱନି, କିଛି ଲୁହ ବିନ୍ଦୁ ଶୁଖିଲା ପତ୍ର ଉପରେ ପଡ଼ିଯିବାର ଟପ୍ ଟପ୍ ଶବ୍ଦରେ। ଆପଣାପଣର ଭାବ ବିହ୍ୱଳତାରେ ଆଉ ଟିକେ ପାଖକୁ ଯାଇ ପଚାରିଲି ଆପଣ କିଏ? କାନ୍ଦୁଛନ୍ତି କାହିଁକି? ଭଦ୍ରଲୋକଟି ନିଜ ପରିଚୟ ଦେଇ ଦୁଃଖଭରା କଣ୍ଠରେ କହିବା ଆରମ୍ଭକଲେ, ଆପଣ ବେଲାଳସନଙ୍କୁ ଜାଣିଛନ୍ତି? ତାଙ୍କୁ ପଚାରନ୍ତୁ ସେ କହିବେ ଏବେ ବି ସେ ଲୌହଖମ୍ବ ଉପରେ ବିରାଜିତ ଗୋଟିଏ କଟା ମୁଣ୍ଡ। ମୁଁ ବୁଝିଗଲି। ଜୀବନ ଯୁଦ୍ଧରେ ସର୍ବହରା ହୋଇ ଅଣୁଏ ଶାନ୍ତି ଖୋଜୁଥିବା ଦୀପକ ମିଶ୍ର ଶେଷ ନିଃଶ୍ୱାସ ମାରୁଥିବା ଗୋଟିଏ ପଥର ମୂର୍ତ୍ତି। ଗୋଟିଏ ମହାଭାରତର ଅନ୍ତିମ ପର୍ବ। ମୋତେ ଶୁଣାଗଲା କୋଉଠି ନା କୋଉଠି ବାଜୁଛି ବଂଶୀ। ସେ କୁରୁକ୍ଷେତ୍ର ହେଉ କି ବୃନ୍ଦାବନ!!

ଅମରାବତୀପୁର, ଚାରିବାଟିଆ, କଟକ
ସମ୍ବଲପୁର, ୭୬୮୧୧୮
ମୋ-୯୪୩୮୨୯୨୯୩୩

# ଲେଖିବ ମୋହରି ଜୀବନୀ

### ନିରଞ୍ଜନ ସାହୁ

ସ୍ୱପ୍ନରେ ହେଉ କି ବାସ୍ତବରେ ହେଉ
ମୋତେ ଜମା ଭୁଲି ଯିବନି
ମୋତେ ରଖିଥିବ ହୃଦୟ ଭିତରେ
ଲେଖିବ ମୋହରି ଜୀବନୀ।କେମିତି କେଉଁଟି
କିପରି ଭାବରେ
ତୁମ ଜୀବନକୁ ଆସିଲି
ରଙ୍ଗୀନ ସପନ ଦେଖାଇ ଦେଖାଇ
କେମିତି ଶାନ୍ତିକୁ ନାଶିଲି
ଘୃଣାକରି କେବେ ମୋହରି ଉପରୁ
ମୁହଁଟା ବୁଲାଇ ନେବନି।

ହାତ ଧରି ବାଟ ଚାଲିବା ପାଇଁକି
କେମିତି ମୁଁ କଥା ଦେଇଛି
ଉପହାର ଭାବେ ତୁମଠାରୁ ମୁହିଁ
କଅଣ କେମିତି ନେଇଛି
କିପରି ଭାବରେ ସାଜିଥିଲି ମୁହିଁ
କାଳୀ, ଗୋରୀ ଅବା ସାବିନୀ।

ମୋ ପାଇଁ ତୁମର ସମୟ ଗୁଡ଼ାକ
କେମିତି ଅଯଥା ଯାଇଛି
ମୋ ପାଇଁ କିପରି ତୁମ ହୃଦୟଟା
ଅନେକ ବେଦନା ପାଇଛି
ସବୁ ସତକଥା ଖୋଲି ଲେଖିଦେବ
ସାମାନ୍ୟ ଲୁଚାଇ ଦେବନି।

ନିହଲପ୍ରସାଦ, ଗଁଦିଆପାଟଣା,
ଢେଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩





# ହେ ଗୋଲାପ...

### ଚନ୍ଦନ କୁମାର ଦାସ

ତୁମେ ମୋ ନୟାନ୍ତ ଅପରାହ୍ନର
ଅସ୍ତରାଗ ତଳେ ଗଢ଼ିହୁଅ
ସ୍ମୃତିର ପାଖୁଡ଼ା ହୋଇ
ଦେଇଯାଅ କେବେ
ପ୍ରିୟତମାର ପୂରିଲା ଆଙ୍ଗୁଳିର ସ୍ପର୍ଶ
କେବେ ପୁଣି ତା ନିରୀହ ନିରୋଳପଣର ଏକାନ୍ତ ବିଶ୍ୱାସ
ତୁମ ଉନ୍ମୁକ୍ତ ଓଠର ରଙ୍ଗୀନ ତରଙ୍ଗରେ
ଦ୍ରବୀଭୂତ ଦୁଇଟି ହୃଦୟର
ଖାଲି ମାତ୍ର ଗୋଟିଏ ଉଚ୍ଛ୍ୱାସ
ହରରଙ୍ଗୀ ବୃତ୍ତ ମଣ୍ଡଳର ତୁମ ହରିତ ସବୁଜିମାରେ
ପ୍ରିୟା ମୋର ହସୁଥାଏ ଜହ୍ନର ଜୁଆରୀ ହସ
କୋମଳ କଳାର କୁହୁକ ଦଳରେ ତୁମ
ଦିଶୁଥାଏ ତା ସୁଢ଼ଳ ଦେହର ଦୁର୍ଲଭ ଦଅଣୀ ବେଶ
ହେ ଗୋଲାପ...!
ତୁମେ ଦେହ ହେଲେ ପ୍ରିୟା ମୋର ଦେହରୁ ଅତୀତ
ତୁମେ ଚିତ୍ର ହେଲେ ପ୍ରିୟା ମୋର ଗୋଲାପୀ ସଙ୍ଗୀତ
ତୁମ ନିଶିଥ ନଗ୍ନ ବନରେ ବାସୁଥାଏ ମୋ
ମୋ ବୟସର ବଉଳା ବସନ୍ତ
ତୁମ ରକ୍ତିମ ଆଭାର
କୋମଳ ଆଭରଣ ତଳେ ଫି' ଥର
ବହିଯାଏ ମୁଁ ମୋ ପ୍ରିୟତମାର ତନ୍ମୟୀ ପାଦର
ପାହୁଡ଼େ ଅଳତା ହୋଇ
ତୁମ ଉତ୍ଫୁଲ୍ଲ ଉପମାର ଐଶ୍ୱର୍ଯ୍ୟ ତଳୁ
ଝରୁଥାଏ ନିଇତି ମୁଁ
ତା ନିଶଃବ୍ଦ ପାଉଁଜିର ନିଃସର୍ତ୍ତ ସେନେହ ନେଇ।

ଭୋଗରାଇ, ବାଲେଶ୍ୱର
ମୋ-୮୧୧୪୩୪୫୯୮୮

ଏଇ ପୃଷ୍ଠାପାଇଁ ଗପ ଓ କବିତା
ପଠାଇବାକୁ ଚାହୁଁଥିଲେ ପଠାଇପାରିବେ।
ନୂଆ ଲେଖକ/ଲେଖିକାଙ୍କୁ ପ୍ରାଥମିକତା ଦିଆଯିବ।
ମେଲ୍ କରନ୍ତୁ:
Prajatantrasahitya@gmail.com


cmyk cmyk cmyk

cmyk cmyk cmyk



# ମାଓ ଅସ୍ତ୍ରାଗାର ଠାବ




ମାଲକାନଗିରି(ପିପିଏସ୍): ସର୍ଚ୍ଚ ଅପରେସନରେ ଦୁଇ ବାଟାଲିୟନ ବିଏସ୍ଏଫ୍ ଯବାନ ସିଲାକୋଟା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ନିର୍ଦ୍ଦିଷ୍ଟ ସୂଚନାକୁ ଆଧାର କରି ଯବାନମାନେ ପଡିଆ ଥାନା ଅନ୍ତର୍ଗତ ସିଲାକୋଟା ଗାଁ ନିକଟସ୍ଥ ଜଙ୍ଗଲରେ ଚଳାଇଥିଲେ ସର୍ଚ୍ଚ ଅପରେସନ୍। ଭିନ୍ନ ଭିନ୍ନ ସ୍ଥାନରେ ତଲାସୀବେଳେ ପଥର ସନ୍ଧିରୁ ମାଓ ଡମ୍ପ୍ ସନ୍ଧାନ ମିଳିଥିଲା। ଅତ୍ୟନ୍ତ ମାଓ ପ୍ରଭାବିତ ମାଲକାନଗିରି ଜିଲ୍ଲା ସିଲାକୋଟା ଜଙ୍ଗଲରୁ ଆଇଇଡି, ଡେଟୋନେଟର , ବିଦ୍ୟୁତ ତାର , ପାୱାର ବ୍ୟାଙ୍କ ଏବଂ ଏସବିଏମଏଲ ବନ୍ଧୁକ ଭଳି ଅନେକ ମାଓ ଡମ୍ପ ଉଦ୍ଧାର କରିଛନ୍ତି ବିଏସଏଫ ଯବାନ। ଜିଲ୍ଲା ପୁଲିସ ଏବଂ ବିଏସଏଫର ଲଗାତାର ଅପରେସନ ଜାରି ରହିଥିବା ବେଳେ ଯବାନଙ୍କ ଏହି ସଫଳତା ନିଶ୍ଚିତ ଭାବେ ମାଓବାଦୀ ସଙ୍ଗଠନକୁ ଦୁର୍ବଳ କରିବ ଆଶଙ୍କା କରାଯାଉଛି। ପୂର୍ବରୁ ଏହି ଅଞ୍ଚଳ ମାଓବାଦୀଙ୍କ ଗଡ଼ ଥିଲା। ମାଲକାନଗିରି ଜିଲ୍ଲାକୁ ମାଓ ମୁକ୍ତ କରିବା ପାଇଁ ଜିଲ୍ଲା ପୁଲିସ ଏବଂ ବିଏସଏଫ ନିରନ୍ତର ସର୍ଚ୍ଚ କୁମ୍ବିଂ ଅପରେସନ ଜାରି ରଖିଛନ୍ତି।

## ମଦ ପ୍ରସ୍ତୁତବେଳେ ଚଢ଼ଉ : ଜଣେ ଗିରଫ

ଜୟପୁର: ଦେଶୀମଦ ପ୍ରସୁତ ସମୟରେ ବୋରିଗୁମ୍ମା ଅବକାରି ଥାନା ଚଢାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜଗବନ୍ଧୁ ନାୟକ । ଦେଶୀ ମଦ ପ୍ରସ୍ତୁତ ସହ ଲଚାଇ ରଖିଥିବା ସୁଚନା ପାଇ ବୋରିଗୁମ୍ମା ଅବକାରି ଥାନା କେବିଡି ଜଙ୍ଗଲରେ ଚଢାଉ କରିଛି । ଚଢାଉ କରି ୬୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଷୟ ବୋରିଗୁମ୍ମା ଅବକାରି ଓଆଇସି ବିଶ୍ୱଜିତ ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

## ଜଳଛାୟା ଅଧିକାରୀଙ୍କ ଘରେ ଚଢ଼ଉ
# ଦୁଇ କର୍ମଚାରୀ ଚାକିରିରୁ ବହିଷ୍କୃତ

ମାଲକାନଗିରି(ପିପିଏସ୍): ମାଲକାନଗିରି ଜିଲ୍ଲା ଜଳଛାୟା ବିଭାଗର ସାନ୍ତନୁ କୁମାର ମହାପାତ୍ର ଆୟ ବହିର୍ଭୂତ ସମ୍ପତି ଠାବ ଘଟଣାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ବେଳେ ତାଙ୍କ ସହ ବିଭାଗରେ କାର୍ଯ୍ୟରତ ୩ ଜଣ ଓ ଅନ୍ୟ ଜଣେ ଗ୍ରାହକ ସେବାକେନ୍ଦ୍ରର ମାଲିକ ଗିରଫ ହୋଇଥିଲେ। ତେବେ ଏହି ଘଟଣାରେ ଗିରଫ ହୋଇଥିବା ଚୁକ୍ତିଭିତ୍ତିକ କର୍ମଚାରୀ ଅମୀୟକାନ୍ତ ସାହୁ ଏବଂ କୃଷି ସଂପ୍ରସାରଣ ସଂଯୋଜକ ବିଶ୍ୱଜିତ ମଣ୍ଡଳଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସେହିପରି କୋରାପୁଟ ଜିଲ୍ଲା କଫି ବୋର୍ଡ ଉପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସାଇଁଙ୍କୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ମାଲକାନଗିରି ଜିଲ୍ଲା ଜଳଛାୟା ବିଭାଗର ଉପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

## ଅସହାୟଙ୍କ ଶବ ସତ୍କାରକଲା ମାହେଶ୍ୱରୀ ସେନା

ବଲାଙ୍ଗିର: ଆଧୁନିକ ଯୁଗରେ ମଧ ସାମାଜିକ ବାସନ୍ଦ । ମର ଶରୀର ପାଖକୁ କେହି ଆସିଲେନି, ରାତିରେ ପଡି ରହିଥିଲା ଶବ । ମଧରାତ୍ରିରେ ମା ମାହେଶ୍ୱରୀ ସେନା ପହଂଚି ସସମ୍ମାନେ ଶବ ସତ୍କାର କଲା । ସୂଚନା ଅନୁସାରେ ୧୩ ଫେବୃୟାରୀ ୨୦୨୫ ଗୁରୁବାର ଦିନ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ନାଇକେନସିରା ଗ୍ରାମର ଶ୍ୟାମ କାଲସାଏଙ୍କ ସ୍ତ୍ରୀ ସବିତା କାଲସାଏ ମୃତ୍ୟୁବରଣ କରିଛନ୍ତି । ସବିତା କାଲସାଏ ଦିର୍ଘ ଦିନ ହେବ ଯକ୍ଷ୍ମା ଓ କେନସର ରୋଗରେ ପିଡିତ ଥିଲେ ଏବଂ ବୁର୍ଲା ମେଡିକାଲରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା । ଯେହେତୁ ସେ ଅନ୍ୟ ଜାତିରେ ବିବାହ କରିଥିଲେ । ସାମାଜିକ ବାସନ୍ଦ ହେତୁ ତାଙ୍କର ମର ଶରୀରକୁ ସତ୍କାର ପାଇଁ ଜାତି ସମାଜ କେହି ବି ଆସିଲେନି । ଏହି ଦୁଃଖ ଦୁର୍ଦ୍ଦଶା ସମୟରେ ମା ମାହେଶ୍ୱରୀ ସେନାର ସଦସ୍ୟମାନେ ମାନବିକତାର ପରିଚୟ ଦେଇ ଶବକୁ ବୋହି ସସମ୍ମାନେ ଶବ ସତ୍କାର କଲେ । ମା ମାହେଶ୍ୱରୀ ସେନାର ସଦସ୍ୟ ସୁରେଶ କର୍ମ, ଧନୁର୍ଯ୍ୟୟ କରନ, ମନୋଜ ଖମାରୀ, ରମାକାନ୍ତ ମେଶ୍ରା, ଅରୁଣ ପଲତା, ବିରେନ୍ଦ୍ର ପାଣ୍ଡେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ହାତୀବାରି ଟୋଲଗେଟ୍‌ରେ ଟୋଲ୍ ଫ୍ରି ଦାବି

ସମ୍ବଲପୁର: ସମ୍ବଲପୁର-ଅନୁଗୁଳ ରାଷ୍ଟ୍ରୀୟ ରାଜପଥର ସମ୍ପ୍ରସାରଣ ପରେ ସମ୍ବଲପୁର ଉପକଣ୍ଠ ହାତୀବାରି ଠାରେ ସ୍ଥାପିତ ଟୋଲ ଗେଟ୍ ରେ ନିଆଯାଉଥିବା ଟୋଲ ଟ୍ୟାକ୍ସ କୁ ନେଇ ସମ୍ବଲପୁରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସମ୍ବଲପୁରର ଜନମାନସରେ ଏହି ଟୋଲ ଟ୍ୟାକ୍ସ ଆଦାୟକୁ ନେଇ ବ୍ୟବସାୟୀ ମହଲରେ ଚାପା ବିରୋଧାଭାସ ପରିଲକ୍ଷିତ ହୋଇଛି । ସମ୍ବଲପୁର ଜିଲ୍ଲାର ଯାନବାହନଗୁଡ଼ିକୁ ଏହି ଟୋଲଗେଟ୍‌ରେ ଦେୟ ମୁକ୍ତ କରିବା ପାଇଁ ଅଞ୍ଚଳର ଅଗ୍ରଣୀ ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ ଦାବି କରାଯାଇଅଛି । ମଞ୍ଚର ବରିଷ୍ଠ ସଦସ୍ୟ ତଥା ଯୁଜୁମୋରା ଅଞ୍ଚଳର ଯୁବ ନେତା ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଞ୍ଚର ଏକ ଚାରି ଜଣିଆ ସଦସ୍ୟଙ୍କ ପ୍ରତିନିଧି ଦଳ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍ ଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ପରେ ଚାରିଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସମ୍ବଲପୁର ଜିଲ୍ଲାର ପଞ୍ଜୀକୃତ ଯାନବାହାନ ଓ.ଆର୍-୧୫, ଓ.ଡି-୧୫ ସମେତ ଜିଲ୍ଲାବାସୀଙ୍କ ଠାରେ ରହିଥିବା ଅନ୍ୟ ଅଞ୍ଚଳର ପଞ୍ଜିକୃତ ଯାନବାହାନର ଠିକଣା ସହ ପ୍ରମାଣପତ୍ରକୁ ଆଧାର କରି ହାତୀବାରି ଟୋଲ୍ ଗେଟ୍ ରେ ଦେୟ ମୁକ୍ତ କରାଯିବା ପାଇଁ ଦୃଷ୍ଟି ଆକର୍ଷଣ କରାଇଛନ୍ତି । ବିଶେଷ ଭାବରେ ହାତୀବାରି ଅଞ୍ଚଳ ଓ ଫୁଲଝରନ୍ ଅଞ୍ଚଳରେ ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ରେ ହାତୀବାରି ଗ୍ରାମର ବହୁ ପଡ଼ା ଅଞ୍ଚଳମାନ ରହିଛି ଓ ଫୁଲଝରନ୍ ରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟ ରହିଛି । ଶହ ଶହ ଗ୍ରାମବାସୀ, ବ୍ୟବସାୟୀ ଓ ଛାତ୍ରଛାତ୍ରୀ ମାନେ ଦୈନିକ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ କାର୍ଯ୍ୟ ସମ୍ପାଦନ ପାଇଁ ଏପାଖରୁ ସେ ପାଖକୁ ଯାତାୟାତ କରିଥାଆନ୍ତି । ଜାତୀୟ ରାଜପଥ ଅତିକ୍ରମଣ ବେଳେ ଅନେକ ସମୟରେ ଦୁର୍ଘଟଣା ମାନ ବି ଘଟୁଛି । ତେଣୁ ଉଭୟ ହାତୀବାରି ଅଞ୍ଚଳ ଓ ଫୁଲଝରନ୍ ଅଞ୍ଚଳରେ ଜାତୀୟ ରାଜପଥର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ ନିର୍ମାଣ କରାଯାଉ । ହାତୀବାରିର ବଜାର ଅଞ୍ଚଳ ଓ ଫୁଲଝରନ୍ ର ଶିକ୍ଷାନୁଷ୍ଠାନ ପ୍ରବଣ ଅଞ୍ଚଳ ରେ ଉଭୟ ସବ୍ ରୋଡ କୁ ପୃଥକ ପୃଥକ ଭୂତଳ ମାର୍ଗ ଜରିଆରେ ଉଭୟ ପାର୍ଶ୍ୱ ସର୍ଭିସ ରାସ୍ତା କୁ ସଂଯୋଗ କରାଯାଉ । ହାତୀବାରି ରୁ ଫୁଲଝରନ୍ ଯାଏଁ ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ରେ ଷ୍ଟ୍ରିଟ ଲାଇଟ ର ସୁବ୍ୟବସ୍ଥା କରାଯାଉ ।ଦାବୀ ପତ୍ର ରେ ମଞ୍ଚ ପକ୍ଷରୁ ଏହି ଉପୋରକ୍ତ ଚାରୋଟି ପ୍ରମୁଖ ଦାବୀ ଉପସ୍ଥାପନ କରାଯାଇଅଛି । ମଞ୍ଚ ର ଉପଦେଷ୍ଟା ତଥା ବରିଷ୍ଠ ଆଇନଜିବୀ ଡ.ପ୍ରମୋଦ ରଥ, ବରିଷ୍ଠ ସଦସ୍ୟ ସୂର ?ୟ୍ୟକାନ୍ତ ପାଣିଗ୍ରାହୀ, ଆବହକ ଭବାନୀ ଶଙ୍କର ଭୋଇ ଓ ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ଉପସ୍ଥିତ ରହି ଜିଲ୍ଲାପାଳ ଙ୍କ ସହିତ ସମସ୍ତ ବିଷୟ ରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସମ୍ପର୍କିତ ବିଭାଗ ର ଅଧିକାରୀ ଙ୍କ ସହିତ ଆଲୋଚନା କରି ଦାବୀ ଗୁଡିକ ପୂରଣ ଦିଗରେ କାର୍ଯ୍ୟ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି ।

## କୁଷ୍ଠ ସଚେତନତା ପକ୍ଷ ଅଭିଯାନ

ସମ୍ବଲପୁର, ( ହିସ) - ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ସରକାରି ବାଳିକା ବିଦ୍ୟାଳୟରେ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୁଷ୍ଟ ସଚେତନତା ପକ୍ଷ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ର ଜିଲ୍ଲା କୁଷ୍ଟ ଅଧିକାରୀ ଡ଼. ପ୍ରମୋଦ କୁମାର ବିଶ୍ୱାଲ ଯୋଗଦେଇ କୁଷ୍ଠ ରୋଗର ଲକ୍ଷଣ ଇତିହାସ ରେ ପୃଷ୍ଠ ଭୂମି ଚିକିତ୍ସା ଏବଂ ନିରାକରଣ ଉପରେ ସଚେତନତା ବାର୍ତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡ଼ା. ଶରତ କୁମାର ଦେହୁରୀ, କୁଷ୍ଟ ନୋଡାଲ ଅଧିକାରୀ ଡ଼ା. ଦିବ୍ୟରଞ୍ଜନ ବେହେରା, ଟିକିଲିପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ବେହେରା ଯୋଗଦେଇଥିଲେ । ଶିକ୍ଷକ ନିରଞ୍ଜନ ଶିଥ ଏବଂ ଶିକ୍ଷୟତ୍ରୀ ଲଳିତା ଧଳ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମ୍ବଲପୁର ବି.ଏନ.ଦବ୍ଲୁ କୁଷ୍ଟ ସଚେତନତା ପାଇଁ ଶପଥ ପାଠ କରାଇଥିଲେ । ବିଦ୍ୟାଳୟ ରେ ଏହି ପରିପେକ୍ଷି ରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲାଓ ପ୍ରତିଯୋଗିତା ରେ ଉନ୍ନୀତ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଜାତୀୟ କ୍ରୀଡ଼ା ବିଜୟିନୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର : ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ୩୮ ତମ ଜାତୀୟ କ୍ରୀଡ଼ାରେ ଲନ ବଲରେ ରୌପ୍ୟ ବିଜେତା ରାଜେଶ୍ୱରୀ ସେଠ ଏବଂ ରୋଶନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ ଉତରାଖଣ୍ଡରେ ଅନୁଷ୍ଠିତ ହେଇଥିବା ଜାତୀୟ କ୍ରିଡାରେ ବଲାଙ୍ଗିରର ର ଏହି ଦୁଇ ଖେଳାଳି ରୌପ୍ୟ ଜିତିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ରାଜେଶ୍ୱରୀ ସେଠ ଏବଂ ରୋଶନୀ ସାହୁଙ୍କୁ ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ ପୁଷ୍ପଗୁଛ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସମସ୍ତ କ୍ଷେତ୍ରରେ ବଲାଙ୍ଗିରର ନାମ ଆଗକୁ ନେବାକୁ ଆହ୍ୱାନ କରିଥିଲେ । ସମସ୍ତ ଦିଗରେ ନିଜର ଶତପ୍ରତିଶତ ଦେବାକୁ ତଥା ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବାରୁ ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିବେ ବୋଲି କହିଥିଲେ । କୃତି ଖେଳାଳି ଭାଷଣ ଦେଇ ନିଜର ଖୁସି ବ୍ୟକ୍ତ କରିବା ସହ କ୍ରିଡା କ୍ଷେତ୍ରରେ ଉନ୍ନତ ମନନିବେଶ କରିବାକୁ କହିଥିଲେ । ଏହି ସଭାରେ ଜିଲ୍ଲା ମୁଖ୍ୟ କ୍ରିଡାଧିକାରୀ ରାଜେନ୍ଦ୍ର ନାୟକ ଏବଂ କୋଚ ପରାଶର ବାଗ, କ୍ରିଡା ସଂଗଠକ ସୁମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଭା ପରିଚାଳନା କରିଥିଲେ ।

# ବେଦବ୍ୟାସ ଟ୍ରକ୍‌ମାଲିକ ସଂଘର ନୂତନ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ରାଉରକେଲା ,(ପିପିଏସ): ୨୦୨୫-୨୬ ବର୍ଷ ପାଇଁ ବେଦବ୍ୟାସ ଟ୍ରକ ମାଲିକ ସଂଘର ନୂତନ କମିଟି ଗଠନ ହୋଇଛି । ଏହି ଅବସରରେ କମିଟି ପକ୍ଷରୁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ୨୦୨୫-୨୬ ବର୍ଷ ପାଇଁ ବିଜୟ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ସଭାପତି, ଜୟ ବାହାଦୁର ସିଂହଙ୍କୁ ଉପସଭାପତି, ବିଶ୍ୱରଞ୍ଜନ ବେହୁରାଙ୍କୁ ସାଧାରଣ ସମ୍ପାଦକ, ବିଜୟ ଚୌଧୁରୀ ଏବଂ ସନ୍ତୋଷ ଯାଦବଙ୍କୁ ସମ୍ପାଦକ ଏବଂ ରାମଚନ୍ଦ୍ର ମାଲାହାଙ୍କୁ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଛି । ସଂଗଠନର କାର୍ଯ୍ୟାଳୟରେ ନୂତନ କମିଟିର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ନୂତନ କମିଟିର ସମସ୍ତ ପଦାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏଥିସହିତ ଫେବୃଆରୀ ୧୬ ତାରିଖ ସନ୍ଧ୍ୟା ୭ଟା ସମୟରେ ବାସନ୍ତୀ କଲୋନୀର ବାସନ୍ତୀ ସରୋବର କଟେଜରେ କାର୍ଯ୍ୟଗ୍ରହଣ ଉତ୍ସବ ଆୟୋଜନ କରାଯିବ । ଏହି କାର୍ଯ୍ୟଭାର ଗ୍ରହଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସମ୍ମାନିତ ଅତିଥି ଭାବେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗର ପରିବହନ ଅଧିକାରୀ ବି ସାମନ୍ତସିଂହରାୟ ଏବଂ ବିଶେଷ ଅତିଥି ଭାବେ କ୍ରିଷ୍ଣା ବାହନ, ଟାଟା ମୋଟର୍ସର ସାଜନ୍ ଖୈତାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି । ଏଠାରେ ସ୍ମରଣଯୋଗ୍ୟ ଯେ, ବେଦବ୍ୟାସ ଟ୍ରକ ମାଲିକ ସଂଘର ୨୦୦ ସଦସ୍ୟ ଅଛନ୍ତି ।

# ଦମକିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣମେଳା

ବଲାଙ୍ଗିର : ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଛୁଆଲିଉଦର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା-୨୦୨୫ ଦମକିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସବିତା ଭୋଇ ସଭାପତିତ୍ୱ କରିଥିବା ହେଳେ ସଭାରେ ମୁଖ୍ୟଅତିଥି ଭାବରେ କ୍ଲଷ୍ଟର ସିଆରସିସି ସତ୍ୟ ନାରାୟଣ ସାହୁ ଛୁଆଲିଉଦର, ମୁଖ୍ୟବକ୍ତା ଭାବରେ ଚନ୍ଦ୍ରଶେଖର ବାଗ, ସମ୍ମାନିତ ଅତିଥି ଭାବରେ ତମିଆ କ୍ଲଷ୍ଟର ସିଆର୍‌ସିସି ଆଶିଷ କୁମାର ପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ରେ ୧୧ଟି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଶିକ୍ଷଣ ଉପକରଣ ପ୍ରଦର୍ଶିତ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଅଭିଭାବକ ସହିତ ଶିକ୍ଷୟିତ୍ରୀ ସୀତୟା ବରିହା, ଦେବକୀ ଭୂଏ, ହରେକୃଷ୍ଣ ଭୋଇ, ବାଳକୃଷ୍ଣ ପଧାନ, ବିନୋଦିନୀ କିଶାନ, ଦୁର୍ଯ୍ୟୋଧନ ମଲ୍ଲିକ, ସୁମନ୍ତ ଚୌହାନ, ଦିନେଶ୍ ଦିହିରିଆ, ଡୋଲାମଣି ସାହୁ, କୈଳାସ ଚନ୍ଦ୍ର ସାହୁ, ଅଜିତ କୁମାର ପଟେଲ, ପଙ୍କଜ ଦଣ୍ଡସନା, ଜଗଦୀଶ ପର୍ଡିଆ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ଥିଲେ । ଶିକ୍ଷକ ସନ୍ଦୀପ କୁମାର ସାହୁ, ଉର୍ବଶୀ ରାଜହଂସ, ଅନୀମା ପଧାନ ସହଯୋଗ କରିଥିଲେ । ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ବର୍ଣ୍ଣବୋଧ ବଂଟନ କରାଯାଇଥିଲା । ଶେଷରେ ଶିକ୍ଷକ ଦେବରାଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଲେଣ୍ଟାଇନ୍ ଡେ’ରେ ଅଙ୍ଗଦାନ

ବଲାଙ୍ଗୀର(ହି.ସ.) : ପ୍ରେମୀ ଯୁଗଳ ବିଭିନ୍ନ ଢଙ୍ଗରେ ଭାଲେଂଟାଇନ ଡେ ବା ପ୍ରେମ ଦିବସ ପାଳନ କରିଥାନ୍ତି । ଇନ୍ଦ୍ରପ୍ରସ୍ତ ହୋଟେଲ ମାଲିକ ରାମ ଦାଶ ଓ ପତ୍ନୀ ଅନୟା ଦାଶ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ଯାଇ ମରଣତୋର ଶରୀର ଦାନ ଭାଲେଂଟାଇନ ଡେ ପାଳନ କରିଛନ୍ତି । ଏହି ସମୟରେ ଭୀମ ଭୋଇ ମେଡିକାଲ କଲେଜର ଡିନ୍ ଡା ସ୍ୱୟମପ୍ରଭା ପ୍ରଧାନ, ଏନାଟୋମି ପ୍ରଫେସର ଡା ସନ୍ତୋଷ କୁମାର ସାହୁ, ମେଡିକାଲ କଲେଜ କର୍ମଚାରୀ ସନ୍ଧ୍ୟାରାଣୀ ରାୟ ଓ ମାରୱାଡ଼ି ମହିଳା ସମିତି ସଭାପତି ବବି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଯେ, ମେଡିକାଲ ଶିକ୍ଷାର୍ଥିଙ୍କ ଗବେଷଣା ପାଇଁ ମର ଶରୀର ଆବଶ୍ୟକତା ରହିଛି । ମର ଶରୀର ଅଭାବରେ ଶିକ୍ଷାର୍ଥିମାନଙ୍କ ଘୋର ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । କିଛିଦିନ ହେବ ଚକ୍ଷୁ ଦାନ ପ୍ରତି ଲୋକେ ସଚେତନ ହେବା ଦେଖା ଯାଉଛି । ସେହିପରି ଲୋକେ ସବ ଶରୀର ଦାନ କଲେ ଶରୀର ଓ ଚିକିତ୍ସା ବିଜ୍ଞାନ ଆହୁରି ଉନ୍ନତ ହେବା ସହ ସମାଜ ପ୍ରତି ଏହା ପ୍ରକୃତ ଭାଲେଂଟାଇନ୍ ହେବ ବୋଲି ଦାଶ ଦମ୍ପତି ପ୍ରକାଶ କରିଛନ୍ତି ।

## ମାର୍ଚ୍ଚ ୧୭ରେ ମହାପଞ୍ଚାୟତ

ବରଗଡ଼ :ବରଗଡ଼ ଜିଲାରେ କୃଷି ଏବଂ କୃଷକଙ୍କ ସମସ୍ୟା ଅସମାହିତ ରହିଯାଇଛି । ଏହାକୁ ନେଇ ଜିଲାରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷିନୀତି ଏବଂ କୃଷିକ୍ଷେତ୍ରକୁ କମ୍ପାନୀକରଣ ବିରୋଧରେ ଆନ୍ଦୋଳନ ତେଜି ଉଠିଛି । ଆସନ୍ତା ମାର୍ଚ୍ଚ ୧୭ତାରିଖରେ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଏହି ସମସ୍ୟାକୁ ନେଇ ଏକ ମହାପଞ୍ଚାୟତ କାର୍ଯ୍ୟକ୍ରମ ରହିଛି । ବରଗଡ଼ର ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ହେବାକୁ ଥିବା ଏହି ମହାପଞ୍ଚାୟତରେ ଜିଲାର ୧୮ଅନୁଷ୍ଠାନ ସାମିଲ ହେବାକୁ ଥିବାବେଳେ ୧୦ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବାର କାର୍ଯ୍ୟକ୍ରମ ରହଛି । ଏ ନେଇ ବରଗଡ଼ ଅଗ୍ରଗାମୀ ଯୁବକ ସଂଘରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସଂଯୁକ୍ତ କୃଷକ ସଂଗଠନ, ବରଗଡ଼ର ଉପଦେଷ୍ଟା ରମେଶ ମହାପାତ୍ର ସୂଚନା ଦେଇ କହିଥିଲେ, ଉକ୍ତ ମହାପଞ୍ଚାୟତରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କେନ୍ଦ୍ରୀୟ ନେତୃବୃନ୍ଦ ସଂଯୁକ୍ତ କିଷାନ ମୋର୍ଚ୍ଚାର ଚୌଧୁରୀ ରାଜେଶ ଟିକାୟତ, ସତ୍ୟବାନ ଜୀ, ଡା. ଦର୍ଶନ ପାଲ, ଅପ୍ଲୁତନ ଦେଶାଇ, ଚୌଧୁରୀ ରାଜେନ୍ଦ୍ର ପ୍ରମୁଖ ସମାବେଶରେ ଯୋଗଦେବେ ।

# ଶ୍ରମିକ ସଚେତନତା ରଥର ଶୁଭାରମ୍ଭ




ମାଲକାନଗିରି,(ପିପିଏସ୍): ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଏହି ଶ୍ରମିକ ସଚେତନତା ରଥ ଏକ ମାସ ବ୍ୟାପି ଜିଲ୍ଲାର ସମସ୍ତ ବ୍ଲକ, ଏନଏସି, ଶ୍ରମିକ ହାଟ, ଜନବହୁଳ ସ୍ଥାନ ଓ ନିର୍ମାଣ ଧୀନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ସହ ରାଜ୍ୟ ସରକାର ଓ ଶ୍ରମ ବିଭାଗର ଜନାଭିମୁଖୀ ଓ ଶ୍ରମିକ କଲ୍ୟାଣ ଯୋଜନାଗୁଡିକ କିଭଳି ଲୋକଙ୍କ ପାଖରେ ପାଞ୍ଚିପାରିବ ସେନେଇ ସଚେତନତା ସୃଷ୍ଟି କରିବ । ବିଭିନ୍ନ ଶ୍ରମ କଲ୍ୟାଣ ବୋର୍ଡ଼ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଯଥା ଓଡିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼, ଓଡିଶା ସୁରକ୍ଷା ବୋର୍ଡ଼ ମାଧ୍ୟମରେ ମିଳୁଥିବା ଶ୍ରମିକ ସହାୟତା ଅଣସଂଗଠିତ ଶ୍ରମିକ ସାମାଜିକ ଯୋଜନାଗୁଡିକ ସହ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ ଓ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କର ଅଧିକାର କର୍ତ୍ତବ୍ୟ ଏବଂ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ନିୟମ ବିଷୟରେ ମଧ ସଚେତନତା ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀ, ସହକାରୀ ଶ୍ରମ ଅଧିକାରୀ, ପୁର୍ଣିମା ଡୁରୁକା, ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାଶ, ଚାଇଲଡ ଲାଇନ ସଦସ୍ୟ, ସି ଡବ୍ଲୁ ସି ସଦସ୍ୟ, ପରିବର୍ତନ ଏନଜିଓ, ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟନନ୍ଦ ପଣ୍ଡା, ରିଙ୍କୁ ରଞ୍ଜନ ଅଧିକାରୀ, ସୋନାଲି ରାୟ ଉପସ୍ଥିତ ଥିଲେ ।

# ଉଦାହରଣ ଟ୍ରଷ୍ଟର ତୃତୀୟ ସହିଦ୍ ସମ୍ମାନ ସମାରୋହ



ରାଉରକେଲା(ପିପିଏସ୍) : ସହୀଦଙ୍କ ପ୍ରତି ସମର୍ପିତ ଥିବା ଉଦାହରଣ ଟ୍ରଷ୍ଟ ପକ୍ଷରୁ ତୃତୀୟ ସହିଦ୍ ସମ୍ମାନ ସମାରୋହ ସିଭିକ ସେଣ୍ଟର୍‌ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ସିଆରପିଏଫର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧକ୍ଷତା ଓ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ଆବାହକତ୍ୱ ଓ ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୯ ବାଟାଲିୟନ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ନରେଶ କୁମାର ଶର୍ମା, ଦ୍ୱିତୀୟ କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା , ସିଆଇଏସଏଫ୍ ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜାଲୱନିଆ, ସମାଜସେବୀ ସୁନିଲ କାୟଲ ,ପୋଷ୍ଟାଲ ସୁପପରିଟେଣ୍ଡେଣ୍ଟ ଶ୍ୟାମସୁନ୍ଦର ମହାରଣା, ଏନ୍‌ଆଇଟିର ପ୍ରଫେସର ହୃଷିକେଶ ନାୟକ, ଆର୍‌ଏସ୍‌ପିର ମହାପ୍ରବନ୍ଧକ ରାଜକିଶୋର ଧାରୁଆ, ପ୍ରାକ୍ତନ ସୁବେଦାର ସୋମନାଥ ସାହୁ, ଉପେନ୍ଦ୍ର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଫୁଲୱମା ସହିଦ୍ ଦିବସ ପାଳନ ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦେଶପାଇଁ ପ୍ରାଣବଳୀ ଦେଇ ଓଡ଼ିଶା ମାଟିକୁ ଗର୍ବିତ କରିଥିବା ୬ଜଣ ସହିଦ୍ ପରିବାରକୁ ସମ୍ମାନିତ କରିଥିଲେ । ଏହି ସହିଦ୍‌ମାନେ ହେଲେ ଝାରସୁଗୁଡ଼ା ଲଖନପୁରର ଦୀପକସେନ ଭୋଇ, ବ୍ରଜରାଜନଗର ର ବଳରାମ ପ୍ରଧାନ, ଲଇକେରାର ଉମାକାନ୍ତ ନାଏକ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରାର ଅନୀଲ ମାଝୀ, କେଉଁଝରର ଗଣେଶ ପ୍ରସାଦ ସା ଓ ସଞ୍ଜୟ କୁମାର ଦାସ । ଏହି ଅବସରରେ ସେମାନଙ୍କ ପରିବାରକୁ ସମ୍ମାନିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା । ଏହି ଅବସରରେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ପ୍ରାରମ୍ଭରେ ଅଧକ୍ଷ ଶ୍ରୀ ତନ୍ତୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ଓ ସାଧାରଣ ସମ୍ପାଦକ ଶ୍ରୀ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସୂଚନାଯୋଗ୍ୟ ଯେ ପ୍ରଥମବର୍ଷ ୧୩, ଦ୍ୱିତୀୟ ବର୍ଷ ୮ ଟି ସହିଦ୍ ପରିବାରକୁ ସମ୍ମାନିତ କରାଯାଇଥିଲାବେଳେ ଚଳିବର୍ଷ ୬ ଟି ପରିବାରକୁ ସମ୍ମାନିତ କରାଯାଇଥିଲା । ଉଦାହରଣ ଟିମ୍ କେବଳ ସହିଦ୍ ପରିବାରକୁ ସମ୍ମାନିତ କରେ ନାହିଁ ପରବର୍ତ୍ତୀ ସମୟରେ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥାଏ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ବିମଳ କୁମାର ବିଶି, ଚନ୍ଦ୍ରଶେଖର ଶତପଥୀ, କୋଷାଧକ୍ଷ ରୋହିତ ମହାନନ୍ଦିଆ, ସଦସ୍ୟ ସଞ୍ଜୟ ପ୍ରଧାନ, ଅଶ୍ୱିନୀ କୁମାର ଶାସନୀ, ରାଜେଶ ତନ୍ତୀ, ବିଶ୍ୱଜିତ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ମାନିତ ହୋଇଥିବା ପରିବାର ଏଥିପାଇଁ ଟ୍ରଷ୍ଟ କୁ ଧନ୍ୟବାଦ ଜଣାଇବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ରଖିଥିଲେ ।

# ମୁକ୍ତାପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଘଟଗାଁ, (ହି. ସ ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଧୀନରେ ଥିବା ମୁକ୍ତାପୁର ଆଶ୍ରମ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ପାଳନ କରିଛନ୍ତି ବାର୍ଷିକ ଉତ୍ସବ । ଉକ୍ତ ଉତ୍ସବରେ ମୁକ୍ତାପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ତିଳୋତମା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଗ୍ରାମ ପଞ୍ଚାୟତ ଉଚ ବିଦ୍ୟାଳୟ ମୁକ୍ତାପୁର ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାନ୍ତ ଯୋଗଦେଇ ମଞ୍ଚର ଶୋଭା ବର୍ଦ୍ଧିତ କରିଥିଲେ । ଏହି ଉତ୍ସବ ରେ ମଞ୍ଚ ପରିଚାଳନା କରିଥିଲେ ବାଲମୁକୁଳି ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପାତ୍ର । ମୁକ୍ତାପୁର ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଙ୍କ ତତ୍ୱାବଧନରେ ଅନୁଷ୍ଠିତ ଉତ୍ସବରେ ସମସ୍ତ ଶିକ୍ଷକ, ସି ସି ଏ, ଏଲ ସି ସି ଏ, ଏସ ଏମ ସି ସଭ୍ୟ ସଭ୍ୟା, ଏବଂ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକକୁ ଉପଭୋଗ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ମହାନ୍ତ ଉପସ୍ଥିତ ସମସ୍ତ ଛାତ୍ର ଓ ଛାତ୍ରୀ ମାନଙ୍କୁ ଶିକ୍ଷାର ମାନ ଓ ମହତ୍ୱ ବୁଝାଇବା ସହିତ ଆଗାମୀ ଦିନରେ ଗୁରୁ ଓ ବିଦ୍ୟାଳୟର ନାଁ ରଖିବା ଲାଗି ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ବିଦ୍ୟାଳୟ ଉନ୍ନତି ନିମନ୍ତେ ସମସ୍ତ ପ୍ରକାର ଚେଷ୍ଟା କରିବାକୁ ପ୍ରତିଶୃତି ଦେଇଥିଲେ । ଶେଷରେ ବିଗତ ଦିନ ଗୁଡିକରେ ଖେଳ, କୁଦ, ନାଚ, ଗୀତ ଭଳି ପ୍ରତି ଯୋଗିତା ଗୁଡିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଓ ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଦିବ୍ୟାଙ୍ଗଙ୍କୁ ହୁଇଲ୍‌ଚେୟାର ପ୍ରଦାନ କଲେ ବିଡିଓ

ଜୟପୁର: ଜୟପୁର ବ୍ଲକ ପରିସରରେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଛି । ବ୍ଲକ ପ୍ରଶାସନ ତରଫରୁ ବିଡିଓ ଶକ୍ତି ମହାପାତ୍ର ପ୍ରଦାନ କରିଛନ୍ତି । ଦିବ୍ୟାଙ୍ଗ ଉମୁରି ଫେଂଟଆ ସାହିର ଅଭି ଖୋସଲାଙ୍କୁ ପ୍ରଦାନ କରାଯାଇଛି । ପ୍ରଦାନ ସମୟରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ. ନିଶା ଉପସ୍ଥିତ ଥିଲେ ।

cmyk cmyk cmyk

# ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ବରମୁଣ୍ଡା ଖେଳ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶରେ ସାମିଲ ହୋଇଛନ୍ତି ରାଜ୍ୟର ବିଭିନ୍ନ ଅଞ୍ଚଳର ମତ୍ସ୍ୟଚାଷୀ ଓ ବିଭିନ୍ନ ବର୍ଗର ପ୍ରାଣୀପାଳକ। ତେବେ ସମାବେଶରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି ରାଜସ୍ଥାନର ମଇଁଷି ଷଣ୍ଢ 'ଭୀମ'। 'ଭୀମ'ର ଜୀବନଶୈଳୀ, ଖାଦ୍ୟଶୈଳୀ ଓ ଭାବଭଙ୍ଗିମା ଲୋକଙ୍କ ମଧ୍ୟରେ ବିଶେଷ କୌତୁହଳ ଜାଗ୍ରତ କରୁଛି। ରାଜସ୍ଥାନ ଯୋଧପୁର ସହରରୁ ଆସିଥିବା ଏହି 'ଭୀମ' ମୁରା ପ୍ରଜାତିର। ଚିକ୍କଣ କଳା ରଙ୍ଗ ଭୀମର ଓଜନ ପ୍ରାୟ ୧୫୦୦ କିଲୋଗ୍ରାମ ଓ ଉଚ୍ଚତା ପ୍ରାୟ ୬ ଫୁଟ। 'ଭୀମ'କୁ ବର୍ତ୍ତମାନ ୯ ବର୍ଷ। ରାଜସ୍ଥାନର ଜବାହରଲାଲ ଜାଙ୍ଗିଦଙ୍କ ଦ୍ୱାରା ପ୍ରତିପାଳିତ 'ଭୀମ'ର ସୁନ୍ଦର ଓ ବଳିଷ୍ଠ ସ୍ୱାସ୍ଥ୍ୟ, ବିଶାଳ ଆକାର ଓ ଉଚ୍ଚକୋଟିର ଶୁକ୍ରାଣୁ ପାଇଁ ସମଗ୍ର ଦେଶରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଛି। ଦୈନିକ ଖାଇବାରେ ୫ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ସୁନ୍ଦର ଓ ବଳିଷ୍ଠ ସ୍ୱାସ୍ଥ୍ୟ ପାଇଁ 'ଭୀମ' ପ୍ରତିଦିନ ଖୋଲା ପଡ଼ିଆରେ ବ୍ୟାୟମ କରିଥାଏ। ସନ୍ତରଣ କୁଣ୍ଡରେ ପ୍ରତିଦିନ ସକାଳୁ ଓ ସନ୍ଧ୍ୟାରେ ସନ୍ତରଣ କରିଥାଏ। ସୂଚନାଯୋଗ୍ୟଯେ, ମୁରା ପ୍ରଜାତିର ମଇଁଷିମାନଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ଦିନକୁ ୨୦-୨୫ ଲିଟର ହୋଇଥାଏ।

# ବିଜେବି କଲେଜକୁ ମିଳିଲା ନାକ୍ 'ଏ' ମାନ୍ୟତା

**ଭୁବନେଶ୍ୱର (ପିପିଏସ୍):** ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ମିଳିଲା ନାକ୍ 'ଏ' ଗ୍ରେଡ୍ ମାନ୍ୟତା। ୩.୧୧ ପରସେଣ୍ଟାଇଲ୍ ସହ ପୂର୍ବ ମାନ୍ୟତା ବଜାୟ ରଖିବାରେ ସଫଳ ହୋଇଛି। ଲଗାତାର ତୃତୀୟ ଥର ପାଇଁ ମଧ୍ୟ 'ଏ' ମାନ୍ୟତା ପାଇଛି। ଏହି ମାନ୍ୟତା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏନେଇ ନାକ୍ ନିର୍ଦ୍ଦେଶକ ମହାବିଦ୍ୟାଳୟକୁ ଅବଗତ କରିଛନ୍ତି। ସୂଚନା ଅନୁଯାୟୀ ଗତ ଜାନୁଆରୀ ୨୮ ଓ ୨୯ ଦୁଇଦିନ ଧରି ହିମାଳୟାନ୍ ବିଶ୍ୱବିଦ୍ୟାଳୟ କୁଳପତି ଡ. କେ ବେଣୁଗୋପାଳ ରାଓଙ୍କ ନେତୃତ୍ୱରେ ତିନି ଜଣିଆ ନାକ୍ ଟିମ୍ ମହାବିଦ୍ୟାଳୟ ଗସ୍ତରେ ଆସି ଭିତ୍ତିଭୂମି ପରଖିଥିଲେ। ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ପଦ୍ଧତି ସମ୍ପର୍କରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ଠାରୁ ପଚାରି ବୁଝିଥିଲେ। ପାଠାଗାର ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବୁଲି ଦେଖିଥିଲେ। ସବୁ କ୍ଷେତ୍ରକୁ ଅନୁଧ୍ୟାନ କରିବା ପରେ ମୂଲ୍ୟାଙ୍କନ କରିଛନ୍ତି। ୨୦୧୬ରେ ୩.୧୯ ପରସେଣ୍ଟାଇଲ୍ ପାଇଥିବବେଳେ ଚଳିତ ଥର ଏଥିରେ ହ୍ରାସ ପାଇଛି। ହେଲେ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନି। ମହାବିଦ୍ୟାଳୟର ସାମର୍ଥ୍ୟ ମଧ୍ୟରେ ୬ଟି ମୁଖ୍ୟ ବିନ୍ଦୁକୁ ନାକ୍ ଟିମ୍ ଉଲ୍ଲେଖ କରିଛନ୍ତି। ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ସରକାରୀ କଲେଜ ଭାବେ ଦର୍ଶାଇବା ସହ ସହରର ମଧ୍ୟଭାଗରେ ଏକ ସ୍ୱୟଂଶାସିତ ସହ-ଶିକ୍ଷା ମହାବିଦ୍ୟାଳୟ, ବିକେନ୍ଦ୍ରୀକୃତ ପରିଚାଳନା ବ୍ୟବସ୍ଥା, ୪୨ ହଜାରରୁ ଅଧିକ ପୁସ୍ତକ, ଇ-ସମ୍ବଳ ଏବଂ ଆଇସିଟି ସୁବିଧା ସହିତ ସୁସଜ୍ଜିତ ପାଠାଗାର, ଶ୍ରେଣୀ ଗୃହରେ ବୈଷୟିକ ଜ୍ଞାନକୌଶଳ ଏବଂ ଦକ୍ଷ, ଯୋଗ୍ୟ ଏବଂ ପ୍ରତିବଦ୍ଧ ଅଧ୍ୟାପକ ଥିବା ଦର୍ଶାଇଛନ୍ତି। ସେହିପରି ଖାଲିଥିବା ନିୟମିତ ଅଧ୍ୟାପକ ହେତୁ ଗବେଷଣା ଏବଂ ଶିକ୍ଷାଦାନ ବାଧାପ୍ରାପ୍ତ, ପୂର୍ବତନ ଛାତ୍ରଛାତ୍ରୀଙ୍କ ଭିତ୍ତିଭୂମିକୁ ଉପଯୋଗ କରିବାରେ ଶିଥିଳତା ଏବଂ ଶାସ୍ତ୍ରୀୟ ବିଷୟରେ ଶିକ୍ଷାଦାନ କରାଯାଉ ଥିବାରୁ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ସୀମିତ ସୁଯୋଗ ପରି ୩ଟି କାରଣକୁ ପ୍ରମୁଖ ଦୁର୍ବଳତା ଭାବେ ଉଲ୍ଲେଖ କରିଛନ୍ତି। ଅନୁରୂପ ଭାବେ ନୂତନ ଶିକ୍ଷାନୀତିକୁ ପ୍ରଭାବୀ ଭାବେ କାର୍ଯ୍ୟକାରୀ କରିବା, ସରକାରୀ ଅନୁଦାନ ବ୍ୟତୀତ ଅନ୍ୟାନ୍ୟ ପାଣ୍ଠି ସଂଗ୍ରହ, ଜମି ଅଭାବ ହେତୁ ଭିତ୍ତିଭୂମିର ବିକାଶ, ବିଶ୍ୱବିଦ୍ୟାଳୟରୁ ଅନୁମୋଦନରେ ବିଳମ୍ବ ପାଇଁ ପିଏଚ୍‌ଡି ନାମଲେଖା ଏବଂ ପର୍ଯ୍ୟାପ୍ତ ଅଣ-ଶିକ୍ଷକ କର୍ମଚାରୀଙ୍କ ଅଭାବ ମହାବିଦ୍ୟାଳୟ ପାଇଁ ପ୍ରମୁଖ ଆହ୍ୱାନ ହେବ ବୋଲି ଦର୍ଶାଯାଇଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ



**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ନିକଟ ଧର୍ମବିହାର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ମାତୃପିତୃ ଦିବସ ପାଳିତ ହୋଇଛି। ଛାତ୍ରଛାତ୍ରୀ ଉପସ୍ଥିତ ଗୁରୁଜୀ, ଗୁରୁମା ଓ ଅଭିଭାବକଙ୍କୁ ଫୁଲଚନ୍ଦନ ଦେଇ ଆଳତି ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଭାରତୀୟ ବାୟୁସେନା ଅଧିକାରୀ ରମେଶଚନ୍ଦ୍ର ଜେନା ପରିଚାଳନା କରିବା ସହ ମାତା, ପିତାଙ୍କ ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଆରତୀ ଜେନା, ସାମାଜିକ କର୍ମୀ ସାନୁଜ ମେଘମାଳାଙ୍କ ସମେତ ଗୁରୁଜୀ, ଗୁରୁମା'କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲାୟନସ୍ କ୍ଲବ୍ ଅଫ୍ ବ୍ୟାଙ୍କର୍ସ ଦ୍ୱାରା 'ସାଇବର ସୁରକ୍ଷା' କର୍ମଶାଳା

**ଭୁବନେଶ୍ୱର (ପିପିଏସ୍):** ଲାୟନସ୍ କ୍ଲବ୍ ଅଫ୍ ଭୁବନେଶ୍ୱର ବ୍ୟାଙ୍କର୍ସଙ୍କ ଦ୍ୱାରା 'ସାଇବର ସୁରକ୍ଷା' ଉପରେ ଏକ କର୍ମଶାଳା ଓଡ଼ିଶା ଲାୟନ୍ସ ଭବନରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧ ନିୟନ୍ତ୍ରଣ ଉପରେ ସମାଜରେ ସଚେତନତା ଓ ସତର୍କତା ସୃଷ୍ଟି କରିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଲାୟନସ୍ ଡିଷ୍ଟ୍ରିକ୍ଟ ୩୨୨ ସି ୪ ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ସରସ୍ୱତୀ ପାତ୍ର ଏହି କର୍ମଶାଳାକୁ ଉଦ୍‌ଘାଟନ କରି ସାଂପ୍ରତିକ ପରିସ୍ଥିତିରେ ସାଇବର ଅପରାଧର ଗମ୍ଭୀରତାକୁ ଉପଲବ୍ଧ ଓ ଏହାର ପ୍ରତିରୋଧ କରିବାକୁ ଜନ ସଚେତନତା ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ପୁଲିସ ଅଧୀକ୍ଷକ (ଅପରାଧ) ତଥା ସାଇବର ସୁରକ୍ଷା ବିଶେଷଜ୍ଞ ଅଞ୍ଜନା ଟୁଡୁ ଉକ୍ତ କର୍ମଶାଳାରେ ଯୋଗଦାନ କରି ଉପସ୍ଥିତ ଶ୍ରୋତାଙ୍କୁ ସ୍ଲାଇଡ୍ ମାଧ୍ୟମରେ ସାଇବର ଅପରାଧର ବିଭିନ୍ନ ଦିଗ, କାରଣ, ନିରାକରଣ, ସଚେତନତା ଏବଂ ସତର୍କତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆବଶ୍ୟକ ସ୍ଥଳେ ତୁରନ୍ତ ସାଇବର ହେଲ୍ପ ଲାଇନ ୧୯୩୦ ଏବଂ ସାଇବର ଥାନାର ସାହାଯ୍ୟ ନେବାକୁ ଉପଦେଶ ଦେଇଥିଲେ। ଲାୟନସ୍ କ୍ଲବ ଅଫ ବ୍ୟାଙ୍କର୍ସର ସଭାପତି ଲାୟନ ବାନାମ୍ବର ସାହୁ ସ୍ୱାଗତ ଭାଷଣ ସହ କର୍ମଶାଳାର ଉଦ୍ଦେଶ୍ୟ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ଜୋନାଲ ଚେୟାରମ୍ୟାନ ଲାୟନ ମନୋରଞ୍ଜନ ଭୂୟାଁ ଯୋଗ ଦେଇଥିଲେ। ଲାୟନ ନୃସିଂହ ପ୍ରସାଦ ମହାପାତ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ, ସମ୍ପାଦକ ଲାୟନ ଶ୍ରୀହର୍ଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


# ପିତୃମାତୃ ପୂଜନ ଦିବସ



**ଭୁବନେଶ୍ୱର (ପିପିଏସ୍):** ୟୁନିଟ୍ -୮, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିତୃମାତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ସ୍ୱଦେଶ ରଞ୍ଜନ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ପବିତ୍ର ମୋହନ ନାୟକ, ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଚୌଧୁରୀ ରାଜେନ୍ଦ୍ର କୁମାର ମହାପାତ୍ର ଓ ଗୁରୁଜୀ ଗୁରୁମା'ଙ୍କ ଉପସ୍ଥିତିରେ ପ୍ରାୟ ୫୦୦ ଅଭିଭାବକଙ୍କୁ ସେମାନଙ୍କର ଶିଶୁପୁତ୍ର କନ୍ୟାମାନେ ପୂଜା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ବିଶ୍ୱରଞ୍ଜନ ରଥ ପୌରୋହିତ୍ୟ କରିଥିଲେ।

## ଖଣ୍ଡଗିରି ଯାତ୍ରା

# ରିପିଟ୍ ପରେ ବି ସବୁ ପେଣ୍ଡାଲ ହାଉସ୍ ଫୁଲ୍



**ଭୁବନେଶ୍ୱର (ପିପିଏସ୍):** ଖଣ୍ଡଗିରି ଯାତ୍ରା ଏବେ ଖୁମ୍ ଜମୁଥିବାବେଳେ ୧୦ମ ରାତିରେ ୭ଟି ଯାକ ଯାତ୍ରା ଦଳ ନାଟକ ପରିବେଷଣ କରୁଛନ୍ତି। କେହି କାହାରିକୁ ଛାଡୁ ନାହାନ୍ତି କି ପଛଘୁଞ୍ଚା ଦେଉନାହାନ୍ତି। ହାଇ ଭୋଲଟେଜ୍ ଲଢ଼େଇ ଦେଖିବା ପାଇଁ ଯାତ୍ରା ପ୍ରେମୀଙ୍କ ଭିଡ଼ ଜମୁଛି। ଯାତ୍ରା ମହାସମର ସରିବାକୁ ଆଉ ଦିନ କେଇଟା ବାକି ଥିବାବେଳେ ସମସ୍ତେ ନିଜ ନିଜର ଶ୍ରେଷ୍ଠତା ଦେଖାଇବା ଲାଗି ଫୁଲ୍ ଦମରେ ଲାଗିଛନ୍ତି। ନାଟକ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପାର୍ଟି ଗୁଡ଼ିକ ସମସ୍ତେ ବହି ରିପିଟ୍ କରୁଛନ୍ତି। ନାଟକ ରିପିଟ୍ ହେଉଥିଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁନାହିଁ। ୭ଟି ଯାକ ପେଣ୍ଡାଲ ହାଉସ ଫୁଲ୍ ହେଉଛି। ତେବେ ପ୍ରାୟ ସବୁ ଯାତ୍ରାରେ ପାଥେଟିକ୍ କାହାଣୀ ସହ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ମଞ୍ଚ ତଳେ କାନ୍ଦିବା ପାଇଁ ବାଧ୍ୟ କରୁଛି। ସନାତନ ସେବା ସମିତି ପେଣ୍ଡାଲରେ କୋଣାର୍କ ଗଣନାଟ୍ୟର ସମାନ ନାଟକ ପରିବେଷଣ କରିଛି। ଲଗାତାର ତୃତୀୟ ରାତିରେ 'ମୋ ହସରେ ତୁ, ମୋ ଲୁହରେ ତୁ' ନାଟକ ପରିବେଷଣ କରିଛି। ରତି-ମିଟୁନା, ନଳିନୀ-ଜିତୁ, ମୁନା-ରୁପା, ଝରଣା-ସୁବାସ ଓ ଖଳନାୟକ ଦୈତାରୀ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଛି। ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ମଞ୍ଚରେ ରଙ୍ଗମହଲ ମଧ୍ୟ ଯାତ୍ରା ସେଇ ବହିକୁ ରିପିଟ୍ କରିଛି। ତୃତୀୟ ରଜନୀରେ 'ପାପ ଜାଣିନି କି ପୁଣ୍ୟ ଜାଣିନି' ନାଟକ ପରିବେଷଣ କରିଛି। ବାପି ପଣ୍ଡା, ବାସୁ, କୁନା-ରଞ୍ଜି, ମନ୍ଦାକିନୀ, ଅଞ୍ଜନା, ଦୀପୁ, ଚଗୁଲୁ, ବୁଦ୍ଧିଆନା, ଗୁରୁ ଓ ଜିନାଙ୍କ ଅଭିନୟ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ୍ୟ କରିଛି।

ମା' ମଙ୍ଗଳା ପେଣ୍ଡାଲରେ ଅପେରା ସ୍ୱର୍ଣ୍ଣମହଲ ତୃତୀୟ ରାତିରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ଭେଟି ଦେଇଛି। ସୁବାସ, ଭାବନା, ନବ ଘୋଷ, କମଲ୍, ମାନସୀ, ପିଙ୍କିଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ମିଳିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ ମଞ୍ଚରେ 'ଅପେରା ସିଂହବାହିନୀ' ହାଉସଫୁଲ ବେପାର କରୁଛି। ବହୁ ଚର୍ଚ୍ଚିତ ନାଟକ 'ବଡ଼ ବେଦରଦୀ କଳା ସାଆନ୍ତ' ପରିବେଷଣ କରିଛି। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନା, ଅଜୁ-ଅପୁ ଓ କମେଡିରେ ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ ଅଭିନୟ ଦେଖିଛନ୍ତି ଦର୍ଶକ।

କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚ ମାଧ୍ୟମରେ ଯାତ୍ରା ମହାରଥୀ 'କଳିଙ୍ଗ ଗଣନାଟ୍ୟ' ଖଣ୍ଡଗିରି ଯାତ୍ରାରେ ପାଦ ଥାପିଛି। ପ୍ରଥମ ରଜନୀରେ 'ବାଜିବ ଲୋ ସାହାନାଇ, ତୋରି ପାଇଁ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ସୁରେଶ ପଣ୍ଡା, ହାପି କର, ମାମା, ପ୍ରିୟଙ୍କା ଓ ସତ୍ୟଙ୍କ ଅଭିନୟ ଦେଖିବାକୁ ସାରା ରାତି ଉଜାଗର ହୋଇଛନ୍ତି ନାଟକ ପ୍ରେମୀ।

ସେପଟେ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ମଞ୍ଚରେ 'ତୁଳସୀ ଗଣନାଟ୍ୟ' ପଞ୍ଚମ ରାତିରେ ଦର୍ଶକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ବହି ରିପିଟ୍ କରିଛି। ଲଗାତାର ପାଞ୍ଚ ରାତି ଧରି ନାଟକ ବଦଳୁ ନଥିଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମିନାହିଁ। 'ଜହ୍ନ ରାତିର ଝଡ଼' ବହି ରିପିଟ୍ କରି ହାଉସଫୁଲ ବେପାର କରିଛି।

ସେହିଭଳି ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ନାଚୁଥିବା ସ୍ୱପ୍ନମହଲ ଲଗାତାର ତୃତୀୟ ରାତିରେ 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ପରିବେଷଣ କରିଛି। ମୁନା-ନମିତା, ଶୁଭେନ୍ଦୁ-ଟିକିନା ଅଭିନୟ ସାଙ୍ଗକୁ ନରି ପଣ୍ଡା, ସାନ ମଣିଙ୍କ ଅଭିନୟ ଦର୍ଶକଙ୍କୁ ମଞ୍ଚ ନିକଟକୁ ଟାଣି ଆଣୁଛି।

# ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଲୋକାଭିମୁଖୀ କରିବା ନିମନ୍ତେ ଗତ ୭ ବର୍ଷ ଧରି ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର ଠାରେ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଆସୁଛି ଯଶୁଆପୁର ମହୋତ୍ସବ। ଆଜି ଉଦ୍‌ଘାଟନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଯୋଗଦେଇଥିବା ବେଳେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢ଼ାଲି, ପ୍ରାକ୍ତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ସରପଞ୍ଚ ରମାଲତା ନାୟକ, ଯଶୁଆପୁର ବିକାଶ ପରିଷଦର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୫ ଜଣ କୃତୀ ପ୍ରତିଭାଙ୍କୁ ଆମ ଯଶୁଆପୁର ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ମାନେ ଛଉ, ସମ୍ବଲପୁରୀ, ଗୋଟିପୁଅ ଆଦି ପାରମ୍ପରିକ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କ ମନ୍ ଜିଣିଥିଲେ।

# ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଯାପିତ

**ଭୁବନେଶ୍ୱର (ପିପିଏସ୍):** ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେଉଥିବା 'ଏକାଦଶ ଆଉଟ୍‌ରିଚ୍ ଅନ୍ତର୍ଜାତୀୟ ରେଡ଼ିଓ ମେଳା-୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ହଜୁରକୋ ରେଡିଓର ଦୀପକ କୁମାର ଘିମିରେ ଏବଂ ତମାକୋଶୀ ଏଫଏମ୍‌ର ସରୋଜ ରାଜ ସୁବେଦୀ, ରେଡ଼ିଓ ନମସ୍କାରର ମୁଖ୍ୟ ଏନ୍‌ଏ ସାହା ଅନସାରୀ, କମଳ ଲୋଚନ ମିଶ୍ରଙ୍କ ସହ ବିଭିନ୍ନ ରେଡ଼ିଓ ଷ୍ଟେସନର ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଉଟ‌ରିଚ୍‌ର ମୁଖ୍ୟ ସୁବ୍ରତ କୁମାର ପତି ପରିଚାଳନା କରିଥିବା ବେଳେ ସଂଯୋଜନା କରିଥିଲେ। ମେଳାରେ ଦେଶର ଅନେକ ରେଡିଓ ପ୍ରସାରକ ଓ ଷ୍ଟେସନ ଯୋଗଦେବା ସହ ୩ ହଜାରରୁ ଊର୍ଦ୍ଧ୍ୱ ପୁରୁଣା ରେଡ଼ିଓ, ପ୍ରସାରଣ ସାମଗ୍ରୀ, ହାମ୍ ରେଡ଼ିଓ ଓ ଗ୍ରାମଫୋନ ପ୍ରଦର୍ଶିତ ହେବା ସହ ରାଜ୍ୟର ଅନେକ କମ୍ୟୁନିଟି ରେଡିଓ ଷ୍ଟେସନ୍ ସାଙ୍ଗକୁ ରେଡ଼ିଓ ସଂଗ୍ରାହକ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସଂସ୍କୃତି ବିଭାଗ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିବାହ ମଣ୍ଡପରୁ ସୁନା ଅଳଙ୍କାର ଲୁଟ୍ ମାମଲା

# ୟୁପିରୁ ଅଭିଯୁକ୍ତ ଗିରଫ, ଲୁଟ୍ ସୁନା ଜବତ

**ଭୁବନେଶ୍ୱର (ପିପିଏସ୍):** ଏକ ତାରକା ହୋଟେଲରେ ଚାଲୁଥିବା ବିବାହ ଉତ୍ସବରୁ ସୁନା ଗହଣା ଏବଂ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଚମ୍ପଟ ମାରିଥିବା ଅଭିଯୁକ୍ତକୁ ଗିରଫ କରିଛି ମୈତ୍ରୀବିହାର ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ମଧ୍ୟପ୍ରଦେଶର ରିତେଶ ସିସୋଦିଆ। ତା' ନିକଟରୁ ଚୋରି ସୁନା ଗହଣା ଜବତ କରିଛି। ଏନେଇ ମୈତ୍ରୀବିହାର ଥାନାରେ ଅଭିଯୋଗକାରୀ, ସରୋଜ କୁମାର ମିଶ୍ର ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୋଗ ଅନୁସାରେ, ମୈତ୍ରୀବିହାରର ସୂର୍ଯ୍ୟାଂଶୁ ହୋଟେଲରେ ତାଙ୍କର ଏକ ବିବାହ ଉତ୍ସବ ଚାଲିଥିବା ଜଣେ ଅଭିଯୁକ୍ତ ଏକ ଭ୍ୟାନିଟି ବ୍ୟାଗ ଚୋରି କରି ନେଇଥିଲା। ଚୋରି ହୋଇଥିବା ଭ୍ୟାନିଟି ବ୍ୟାଗରେ ପ୍ରାୟ ୧୭୦ ଗ୍ରାମ ସୁନା ଏବଂ ହୀରା ଅଳଙ୍କାର ଏବଂ ନଗଦ ଅର୍ଥ ୧ଲକ୍ଷ ୨୦ହଜାର ଟଙ୍କା ଥିଲା। ବ୍ୟାଗଟି ତାଙ୍କ ପତ୍ନୀ ମମତା କୁମାରୀ ମିଶ୍ରଙ୍କ ହେପାଜତରେ ଥିଲା। ପ୍ରାୟ ରାତି ୧୧:୩୦ ସମୟରେ ଅଭିଯୁକ୍ତ ପ୍ରବେଶ କରି ଉତ୍ସବରେ ଯୋଗ ଦେଇଥିଲା। ସେହି ସମୟ ମଧ୍ୟରେ ପରିବାରର କୌଣସି ସଦସ୍ୟ ଅଭିଯୁକ୍ତଙ୍କୁ ସନ୍ଦେହ କରିନଥିଲେ। ଫଟୋ ସେସନ୍ ସମୟରେ ଅଭିଯୁକ୍ତ ମମତା କୁମାରୀ ମିଶ୍ରଙ୍କ ହେପାଜତରେ ଥିବା ବ୍ୟାଗଟି ଚୋରି କରି ନେଇଥିଲା। ଚୋରି କରିବା ପରେ ଅଭିଯୁକ୍ତମାନେ ଏକ ଧଳା ମାରୁତି ସିଫ୍ଟ ଡିଜାୟାର କାରରେ ଘଟଣାସ୍ଥଳରୁ ଖସିଯିବାରେ ସଫଳ ହୋଇଥିଲେ। ଗତ ୨ତାରିଖରେ ପୁରୀର ହୋଟେଲ ସମ୍ରାଟରୁ ଏକ ବିବାହ ହ୍ୟାଣ୍ଡବ୍ୟାଗ ଚୋରି କରୁଥିବା ସମୟରେ ସେହି ଅଭିଯୁକ୍ତ ଧରାପଡ଼ିଥିଲା। ଏହା ପରେ ଅଭିଯୁକ୍ତ ରିତେଶ ସିସୋଦିଆଙ୍କୁ ବଳିଆପଣ୍ଡା ପୁଲିସ ଗିରଫ କରି କୋର୍ଟକୁ ପଠାଇ ଦେଇଥିଲେ। କିଛି ଦିନ ଜେଲରେ ରହିବା ପରେ ବେଲରେ ଆସି ପୁଣି ଏଭଳି ଢଙ୍ଗରେ ଚୋରି କରୁଥିଲା। ମୈତ୍ରୀବିହାରର ଏକ ପୁଲିସ ଦଳ ପୁରୀ ଜେଲକୁ ଯାଇ ଅଭିଯୁକ୍ତ ରିତେଶ ସିସୋଦିଆଙ୍କ ସମ୍ପର୍କରେ ତଥ୍ୟ ନେଇଥିଲା। ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ଏକ ଦଳ ମଧ୍ୟପ୍ରଦେଶର ରାଜଗଡ଼ ଜିଲ୍ଲାର ବୋଡା ପୁଲିସ ଷ୍ଟେସନ ଅନ୍ତର୍ଗତ ତାଙ୍କ ଜନ୍ମସ୍ଥାନ କାଡିଆକୁ ଯାଇ ଚୋରି ସାମଗ୍ରୀଗୁଡ଼ିକୁ ସଫଳତାର ସହ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଅଭିଯୁକ୍ତ ସେମାନେ ସାଧାରଣତଃ ବିବାହ ଋତୁରେ ବିବାହ ହଲରେ ଚୋରି କରିବା ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ସ୍ଥାନକୁ ଯାତ୍ରା କରନ୍ତି। ସେମାନେ ରାଜ୍ୟର ପ୍ରମୁଖ ହୋଟେଲଗୁଡ଼ିକ ବିଷୟରେ ଗୁଗୁଲ୍‌ରୁ ସୂଚନା ସଂଗ୍ରହ କରନ୍ତି ଏବଂ ତା'ପରେ ବିବାହ ଉତ୍ସବ ଖୋଜିବା ପାଇଁ ନିୟମିତ ଭାବରେ ଗୋଟିଏ ହୋଟେଲରୁ ଅନ୍ୟ ହୋଟେଲକୁ ଯାଆନ୍ତି। ଏକ ନିର୍ଦ୍ଦିଷ୍ଟ ହୋଟେଲରେ ବିବାହ କାର୍ଯ୍ୟକ୍ରମ ନିଶ୍ଚିତ କରିବା ପରେ, ସେମାନେ ସୁନ୍ଦର ଭାବରେ ପୋଷାକ ପିନ୍ଧନ୍ତି ଏବଂ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି। ସେମାନଙ୍କର ମୁଖ୍ୟ ଧ୍ୟାନ କନ୍ୟା ପରିବାର ଏବଂ ଉପହାର ଥିବା ବ୍ୟାଗ ଉପରେ ରହିଥାଏ। ଭିଡ଼ର ସୁଯୋଗ ନେଇ ସେମାନେ ଖସିଯାଆନ୍ତି ବୋଲି ଜଣାପଡ଼ିଛି।

# ନଳକୂପ ମିସ୍ତ୍ରି ଓ ପମ୍ପଚାଳକଙ୍କୁ କୁଶଳୀ ଭାବେ ଦରମା ଦେବାକୁ ଦାବି



**ଭୁବନେଶ୍ୱର (ପିପିଏସ୍):** ପଞ୍ଚାୟତସ୍ତରରେ ନଳକୂପ ମିସ୍ତ୍ରି ଓ ପମ୍ପ ଚାଳକ ଭାବେ କାର୍ଯ୍ୟରତ କର୍ମଚାରୀମାନେ ୧୦ ଦଫା ଦାବିରେ ଶୁକ୍ରବାର ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ୧୫ ଟଙ୍କା ଦରମାରୁ କାର୍ଯ୍ୟ ଆରମ୍ଭ କରି ବର୍ତ୍ତମାନ ୩୨୫୦ ଟଙ୍କା ପାଉଛନ୍ତି। ତହିଁରେ ପରିବାର ଚଳାଇବା ଓ ବଞ୍ଚିବା କଷ୍ଟକର ହେଉଛି। କୁଶଳୀ କାରିଗର ମାନ୍ୟତା ପାଇଁ ତାଲିମ୍ ଦେଇଥିଲେ ମଧ ସେହି ଅନୁପାତରେ ଦରମା ପାଉନାହାନ୍ତି। ତେଣୁ ସେମାନଙ୍କୁ କୁଶଳୀ କାରିଗର ଭାବେ ଦରମା ପ୍ରଦାନ ସାଙ୍ଗକୁ ଖାଲି ଥିବା ପଦରେ ନିଯୁକ୍ତି, ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୨୦ ଲକ୍ଷ ଓ ଅକର୍ମଣ୍ୟ ହେଲେ ୧୦ ଲକ୍ଷ ସହାୟତା, ଡ୍ରେସ୍ ସହ ସୁରକ୍ଷା ସରଞ୍ଜାମ ପ୍ରଦାନ କରିବା ପରି ପ୍ରମୁଖ ଦାବି ରଖିଛନ୍ତି। ସରକାର ଦାବି ପୂରଣ ନକଲେ ଆଗକୁ ଆହୁରି ବ୍ୟାପକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ଇଏମ୍ ଓ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘର ସଭାପତି ତୁଳାରାମ ଭୁଏ, ସାଧାରଣ ସମ୍ପାଦକ ବୈକୁଣ୍ଠ ନାଥ ସାହୁ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଗଡ଼ିଲା ବିଜ୍ଞାନ ରଥ

**ଭୁବନେଶ୍ୱର (ପିପିଏସ୍):** ସିଏସଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲସ ଆଣ୍ଡ ମ୍ୟାଟେରିଆଲସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି), ଭୁବନେଶ୍ୱର ପକ୍ଷରୁ 'ୱନ୍ ୱିକ୍ ୱନ୍ ଥିମ୍' ଗବେଷଣା କାର୍ଯ୍ୟକଳାପକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ବିଜ୍ଞାନ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ଓଏମ୍‌ସି ଲିମିଟେଡର ନିର୍ଦ୍ଦେଶକ (ଅପରେସନ) ସବ୍ୟସାଚୀ ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତିରେ ଭାରତ ସରକାରଙ୍କ ଡିଏସଆଇଆରର ସଚିବ ଏନ କଲିସେଲଭି ଏହି ବିଜ୍ଞାନ ରଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅଭିନବ ପ୍ରକଳ୍ପ ଓଡ଼ିଶା, ଜାମସେଦପୁର, ଝାଡ଼ଖଣ୍ଡ ଏବଂ ନୟାଗଡ଼ ରାଜ୍ୟର ସ୍କୁଲ, କଲେଜ ଏବଂ ସମ୍ପ୍ରଦାୟ ମାଧ୍ୟମରେ ଯାତ୍ରା କରିବ। ବିଜ୍ଞାନ ରଥକୁ ଗବେଷଣା ଓ ବିକାଶ, ମାଇନ୍ସ, ଖଣିଜ ପଦାର୍ଥ, ଧାତୁ ଓ ପଦାର୍ଥ (୪ଏମ୍) ବିଷୟବସ୍ତୁ ଅନୁଯାୟୀ ଡିଜାଇନ୍ କରାଯାଇଛି। ଏହି ଅବସରରେ ତିନୋଟି ଜ୍ଞାନ କୌଶଳ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ବୈଜ୍ଞାନିକ ଡ. ଏଲ.ଡି ବେସ୍ରା ଧନ୍ୟବାଦ ଦେଇଥିଲେ।

# ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ ମାମଲାରେ ୨ଜଣଙ୍କୁ ଜେଲ୍

**ଭୁବନେଶ୍ୱର (ପିପିଏସ୍):** ନୂଆପଲ୍ଲୀ ଥାନା ଅଞ୍ଚଳର ଏକ ଲୁଟ୍ ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ଦୁଇ ଅଭିଯୁକ୍ତଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଗେଣେଶ ସାହୁ ଏବଂ ଦୀପଙ୍କର କୁଲୁଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏନେଇ ଥାନାରେ ସୁଜାତା ବେହେରା ଅଭିଯୋଗ କରିଥିଲେ। ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜ, ପ୍ଲଟ ନମ୍ବର- ଏନ୍ ୫/୨୨୭ ରେ ପରିବାର ସହ ରୁହନ୍ତି ସୁଜାତା। ଗତ ୨୦୨୩ ଜୁନ୍ ୯ ତାରିଖ ରାତି ୮ଟା ସମୟରେ ସେ ଏବଂ ତାଙ୍କର ଜଣେ ସମ୍ପର୍କୀୟା ମହିଳା ଗାନ୍ଧୀ ମାର୍କେଟରୁ ପରିବା କିଣି ଚାଲିଚାଲି ଘରକୁ ଫେରୁଥିବା ବେଳେ, ତକ୍ଷଶିଳା ସ୍କୁଲ ନିକଟରେ ଦୁଇ ଅଭିଯୁକ୍ତ ଗଣେଶ ଏବଂ ଦୀପଙ୍କର ବାଇକ୍‌ରେ ପିଛାକରି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ଫେରାର ହୋଇଯାଇଥିଲେ। ତାଙ୍କ ପାଟି ଶୁଣି ରାସ୍ତାରେ ଯାଉଥିବା କିଛି ଯୁବକ ଉଭୟ ଅଭିଯୁକ୍ତଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କୁ କାବୁ କରିବାରେ ସକ୍ଷମ ହୋଇପାରି ନଥିଲେ। ପରେ ଅଭିଯୋଗକାରିଣୀ ଏନେଇ ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏନେଇ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉପରୋକ୍ତ ଛିନତାଇ ମାମଲାର ବିଚାର କରି ମାନ୍ୟବର ଅଦାଲତ ବିଭିନ୍ନ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡିକୁ ଆଧାର କରି ଦୁଇ ଆସାମୀ ଗଣେଶ ସାହୁ ଏବଂ ଦୀପଙ୍କର କୁଲୁଙ୍କୁ ଦଫା- ୩୯୨ ଅନୁଯାଇ ୨ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦୦୦ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର କଳ୍ପତରୁ ସାହୁ ଓ ଶ୍ରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ପାନ ଗୁଟ୍‌ଖା ଖାଇ ଅଫିସ୍ ଆସିପାରିବେନି ବିଏମ୍‌ସି କର୍ମଚାରୀ



**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସି ମୁଖ୍ୟାଳୟରେ ଆଉ କେହି ପାନ ଗୁଟ୍‌ଖା ଖାଇବେନି କି ବର୍ଜ୍ୟ ସୃଷ୍ଟି କରିବେ ନାହିଁ। ସେହିପରି କେହି ପ୍ଲାଷ୍ଟିକ କ୍ୟାରି ବ୍ୟାଗ୍ ବ୍ୟବହାର କରିବେ ନାହିଁ। କପଡ଼ା ବ୍ୟାଗ୍ ବ୍ୟବହାର କରିବେ। କେହି ଖାଦ୍ୟ ନଷ୍ଟ କରିବେ ନାହିଁ। ପାଣି ପିଇବା ପାଇଁ ପ୍ଲାଷ୍ଟିକ ବୋତଲ ବଦଳରେ ଏଣିକି ସମସ୍ତେ କାଚ କିମ୍ବା ଷ୍ଟିଲ ବୋତଲ ବ୍ୟବହାର କରିବେ। ଯଥା ସମ୍ଭବ କମ୍ କାଗଜ ବ୍ୟବହାର କରିବେ। ବିଏମ୍‌ସି କାର୍ଯ୍ୟାଳୟର କୌଣସି ଉପବିଭାଗରେ ଯେପରି ପେପର କିମ୍ବା ଅନ୍ୟାନ୍ୟ ଅଦରକାରୀ ଜିନିଷ ନ ପଡ଼େ, ସେଥିପ୍ରତି ଦୃଷ୍ଟି ଦିଆଯିବ। ବିଏମ୍‌ସିକୁ ବର୍ଜ୍ୟମୁକ୍ତ କାର୍ଯ୍ୟାଳୟରେ ପରିଣତ କରିବାକୁ ଏଭଳି ବ୍ୟବସ୍ଥା କରାଯାଇଛି। ଯାହାଫଳରେ ବିଏମ୍‌ସି ଜିରୋ ୱେଷ୍ଟ ଅଫିସ୍ ହେବ। ଶୁକ୍ରବାର ଠାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ୫ଅଭ୍ୟାସ ମାନିବା ପାଇଁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଜିରୋ ୱେଷ୍ଟ ଅଡିଟ କରାଯିବ। ନିୟମିତ ବ୍ୟବଧାନରେ ଗୋଟିଏ ଗୋଟିଏ ଉପବିଭାଗର ତିନି ଜଣିଆ ଟିମ୍ ହୋଇ ସମସ୍ତ ଉପବିଭାଗ ବୁଲି ଅନୁଧ୍ୟାନ କରିବେ। କୌଣସି କର୍ମଚାରୀ ଘରେ, ବାହାରେ କିମ୍ବା ଅଫିସରେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଖାଦ୍ୟ ଆଣୁଛନ୍ତି, ସେମାନେ ବଳକା ଖାଦ୍ୟ ଫୋପାଡ଼ିବେ ନାହିଁ। ସେହିପରି ଅଫିସରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର କାଗଜ କପ୍, ପ୍ଲେଟ, ଆଦି ଏଣେତେଣେ ନ ରଖି ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ପାଇଁ କୁହାଯାଇଛି। ପ୍ରଥମେ ଆମେ ନିଜକୁ ସୁଧାରିବା, ତା ପରେ ଅନ୍ୟକୁ କହିବା। ଏହା ଏପରି କୌଣସି ବଡକାମ ନୁହେଁ, ଯାହାକୁ ଆମେ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିବା ନାହିଁ। ପରିବେଶ ଅନୁଗାମୀ ହୋଇ ଜିରୋ ୱେଷ୍ଟ ଅଭ୍ୟାସକୁ ଆପଣେଇ ପାରିଲେ ବ୍ୟକ୍ତିଗତ, ପାରିବାରିକ ଏବଂ ସାମାଜିକ ସୁସ୍ଥତା ଆସିବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ଏହି ଅଭ୍ୟାସଗୁଡ଼ିକୁ ପ୍ରଥମେ ଆମେ କାର୍ଯ୍ୟକାରୀ କରିବା ପରେ ଅନ୍ୟାନ୍ୟ କାର୍ଯ୍ୟାଳୟରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରାଯିବ ବୋଲି ଅତିରିକ୍ତ କମିସନର ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟରେ କିପରି ଜିରୋ ୱେଷ୍ଟ ରକ୍ଷା କରାଯାଇ ପାରିବ, ସେ ସମ୍ପର୍କରେ ପୁଣେସ୍ଥିତ ଆସେରା ସୋସିଆଲ ଫାଉଣ୍ଡେସନ ପକ୍ଷରୁ ଅର୍ଚ୍ଚନା ମୋରେ ଏକ ବୃତଚିତ୍ର ଉପସ୍ଥାପନା କରିବା ସହ ଉପସ୍ଥିତ ବିଏମ୍‌ସିର ସମସ୍ତ କର୍ମଚାରୀ କିପରି କାର୍ଯ୍ୟାଳୟକୁ ଜିରୋ ୱେଷ୍ଟ କରିପାରିବେ, ସେ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ନିଜ ଘରେ କିପରି ଆମେ ବିଘଟନ ଯୋଗ୍ୟ ବର୍ଜ୍ୟରୁ ଖତ ପ୍ରସ୍ତୁତ କରିପାରିବା, ସେ ସମ୍ପର୍କରେ ସହକାରୀ କମିଶନର ଏନ୍. ଗଣେଶ ବାବୁ ବିଷଦ ଭାବେ ବୁଝାଇଥିଲେ।

## ହମାସ୍‌କୁ ଧମକାଇଲେ ଟ୍ରମ୍ପ୍



**ୱାଶିଂଟନ :** ଗାଜାରେ ହମାସ ଦ୍ୱାରା ବନ୍ଧକଙ୍କୁ ମୁକ୍ତ କରିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ସେ ଶୁକ୍ରବାର କହିଥିଲେ ଯେ ଯଦି ସମସ୍ତ ବନ୍ଧକଙ୍କୁ ଶନିବାର (ଫେବୃଆରୀ ୧୫) ଅପରାହ୍ନ (ସ୍ଥାନୀୟ ସମୟ) ସୁଦ୍ଧା ମୁକ୍ତ କରାନଯାଏ, ତେବେ ପରିଣାମ ଭୟଙ୍କର ହେବ । ଟ୍ରମ୍ପ ସ୍ପଷ୍ଟ ଶବ୍ଦରେ କହିଛନ୍ତି, 'ଯଦି ସମସ୍ତ ବନ୍ଧକଙ୍କୁ ସମୟସୀମା ମଧ୍ୟରେ ମୁକ୍ତ କରାନଯାଏ, ତେବେ ଏହାର ଗମ୍ଭୀର ପରିଣାମ ହେବ ।' ସେ ଏହା ମଧ୍ୟ କହିଛନ୍ତି ଯେ ହମାସ ଦ୍ୱାରା ଏପର୍ଯ୍ୟନ୍ତ ମୁକ୍ତ ହୋଇଥିବା ବନ୍ଧକଙ୍କ ଅବସ୍ଥା ଚିନ୍ତାଜନକ ଏବଂ ସେମାନଙ୍କ ସହିତ ଅମାନବୀୟ ବ୍ୟବହାର କରାଯାଇଛି ।

ସମ୍ପ୍ରତି ମୁକ୍ତ ହୋଇଥିବା କିଛି ବନ୍ଧକଙ୍କ ଅବସ୍ଥା ଉପରେ ଟ୍ରମ୍ପ ଚିନ୍ତା ପ୍ରକାଶ କରିଛନ୍ତି । ସେ କହିଥିଲେ, 'ମୁଁ ପୂର୍ବ ଏବଂ ପରବର୍ତ୍ତୀ ଫଟୋ ଦେଖିଲି । କିଛି ଲୋକ ପୂର୍ବରୁ ସୁସ୍ଥ ଏବଂ ଫିଟ ଦେଖାଯାଉଥିଲେ, କିନ୍ତୁ ଏବେ ସେମାନେ ବହୁତ ଦୁର୍ବଳ ହୋଇଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଏତେ ପରିବର୍ତ୍ତନ ହୋଇଛି ଯେ ମନେ ହେଉଛି ଯେପରି ସେ କୌଣସି ଭୟଙ୍କର ଦୁଃଖଦ ପରିସ୍ଥିତି ଦେଇ ଗତି କରିଛନ୍ତି ।' ଜଣେ ମହିଳା ବନ୍ଧକଙ୍କ ବିଷୟରେ ସେ କହିଥିଲେ ଯେ ତାଙ୍କ ଆଙ୍ଗୁଠିଗୁଡ଼ିକ ଉଡ଼ିଯାଇଥିଲା କାରଣ ସେ ନିଜକୁ ରକ୍ଷା କରିବା ପାଇଁ ତାଙ୍କ ହାତ ଉଠାଇଥିଲେ ଏବଂ ଗୁଳି ତାଙ୍କ ଡାହାଣ ହାତରେ ବାଜିଥିଲା । 'ଏହା ଅମାନବତାର ଶୀର୍ଷ,' ଟ୍ରମ୍ପ କହିଛନ୍ତି । ହମାସ ବନ୍ଧକମାନଙ୍କୁ ଭୟଙ୍କର ପରିସ୍ଥିତିରେ ରଖିଥିଲା ଏବଂ ସେମାନଙ୍କ ସହିତ ନିର୍ମମ ବ୍ୟବହାର କରୁଥିଲା ।

# ବଢ଼ିଲା ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଅଡୁଆ

**ନୂଆଦିଲ୍ଲୀ, (ଏଜେନ୍ସି):**

ନିର୍ବାଚନ ପରାଜୟ ଦୁଃଖରୁ ବାହାରି ଥିବେ କି ନାହିଁ ଅରବିନ୍ଦ କେଜ୍ରିୱାଲଙ୍କୁ ଏକ ଝଟକା ଲାଗିଛି । 'ଶୀଶମହଲ'କୁ ନେଇ କେଜ୍ରିୱାଲଙ୍କ ଅଡୁଆ ବଢିଛି । ବିଜେପି କରିଥିବା ଅଭିଯୋଗ ଉପରେ ଆକ୍ସନ ନେଇଛନ୍ତି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ । 'ଶୀଶମହଲ'ର ତଦନ୍ତ ହେବ । ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଭବନ ୬ ଫ୍ଲାଗଷ୍ଟାଫ ବଙ୍ଗଲୋ ନବୀକରଣର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ ( ଉଠଉ) । ଦିଲ୍ଲୀ ଆମ୍ ଆଦମୀ ପାର୍ଟି ସୁପ୍ରିମୋ ତଥା ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ ବଢାଇଛି ତଥାକଥିତ 'ଶୀଶମହଲ' । ବିଜେପି କରିଥିବା 'ଶୀଶମହଲ' ଅଭିଯୋଗକୁ ନେଇ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ବିସ୍ତୃତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ନେଇ ଗତ ନଭେମ୍ବରରୁ ତଦନ୍ତ ଚାଲିଥିଲା । ପ୍ରାଥମିକ ରିପୋର୍ଟ ମିଳିବା ପରେ 'ଶୀଶମହଲ'ର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସିପିଡବ୍ଲୁଡିକୁ ନିର୍ଦ୍ଦେଶ ଦେଇଛି ସିଭିସି । ୮ ଏକର ତଥା ୪୦ ହଜାର ବର୍ଗଫୁଟ ଜାଗାରେ ବିଳାସମୟ ବଙ୍ଗଲୋ ନିର୍ମାଣ ପାଇଁ ନିୟମ ଉଲ୍ଲଙ୍ଘନ ଅଭିଯୋଗ ହୋଇଥିଲା । ୨୦୧୫ରୁ ୨୦୨୪ ଯାଏ ଏହି ବଙ୍ଗଲୋରେ ରହୁଥିଲେ ଅରବିନ୍ଦ




କେଜ୍ରିୱାଲ । ଗତବର୍ଷ ଅକ୍ଟୋବରରେ ପ୍ରକାଶିତ ପିଡବ୍ଲୁଡି ରିପୋର୍ଟକୁ ନେଇ ବିବାଦ ଉପୁଜିଥିଲା । ବିଜେନ୍ଦ୍ର ଗୁପ୍ତା ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅରବିନ୍ଦ କେଜ୍ରିୱାଲ ରହୁଥିବା ବାସଭବନ ଅବୈଧରେ ନିର୍ମାଣ ହୋଇଥିବା ନେଇ ସିଭିସିରେ ଅଭିଯୋଗ କରିଥିଲେ ।ବିଳାସମୟ ବଙ୍ଗଲୋ ନିର୍ମାଣ ନିୟମ ଉଲ୍ଲଙ୍ଘନ ହୋଇଛି ନା ନାହିଁ ତାର ପୁଙ୍ଖନାପୁଙ୍ଖ ତଦନ୍ତ ନେଇ ସିପିଡବ୍ଲୁଡିକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ବିରାଟ ବଙ୍ଗଲୋ ସହିତ ୪ଟି ସରକାରୀ ସମ୍ପତ୍ତିର ସମିଶ୍ରଣକୁ ଅବୈଧ ଘୋଷଣା ଦାବି କରି ଗତ ୧୦ ତାରିଖରେ ଦିଲ୍ଲୀ ବିଜେପି ସଭାପତି ବିଜେନ୍ଦ୍ର ସଚ୍ଚିଦେବା ଉପରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ । ବଙ୍ଗଲୋରେ ଷ୍ଟାଇଲିସ୍ ସାୱାର ଓ ବହୁ ଦାମୀ ଆସବାପତ୍ର ସରଞ୍ଜାମ ଲଗାଯାଇଥିବା ପିଡବ୍ଲୁଡି ରିପୋର୍ଟରେ ଦର୍ଶାଯାଇଥିଲା । ଦିଲ୍ଲୀ ବିଧାନସଭା ନିର୍ବାଚନୀ ପ୍ରଚାରରେ ଆପ୍ ଓ ଅରବିନ୍ଦ କେଜ୍ରିୱାଲଙ୍କୁ ସମାଲୋଚନା କରିବା ସହ ସେହି ବଙ୍ଗଲୋକୁ 'ଶୀଶମହଲ' କହି କଟାକ୍ଷ କରିଥିଲା ।

## ଆମ ଦେଶରେ ଗଣତନ୍ତ୍ର ସକ୍ରିୟ ଅଛି : ଜୟଶଙ୍କର

**ନୂଆଦିଲ୍ଲୀ :** ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ, ଭାରତୀୟ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଭାରତର ଦୃଢ଼ ଗଣତନ୍ତ୍ର ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁରକ୍ଷା କରିଥିଲେ । ଏହା ସହିତ ସେ ଗଣତନ୍ତ୍ର ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକର ଦୁଇମୁହାଁ ନୀତିକୁ ମଧ୍ୟ ପ୍ରକାଶ କରିଥିଲେ । ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି ବୋଲି ଯୁକ୍ତିରେ ଅସହମତ ହୋଇଥିଲେ ଜୟଶଙ୍କର । ସେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱାରୋପ କରିଥିଲେ ।

ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ 'ଲାଇଭ୍ ଟୁ ଭୋଟ୍ ଆନାଦର୍ ଡେ: ଫର୍ଟିଫାୟିଂ ଡେମୋକ୍ରାଟିକ୍ ରେଜିଲିଏନ୍ସ' ବିଷୟରେ ଭାଷଣ ଦେଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ପଚରାଯାଇଥିଲା ଯେ ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି କି ? ଏହାର ଉତ୍ତରରେ ସେ କହିଥିଲେ ଯେ 'ମୁଁ ଭାବୁଛି ଏହି ପ୍ୟାନେଲରେ ବସିଥିବା ସମସ୍ତ ଲୋକଙ୍କ



ମଧ୍ୟରୁ ମୁଁ ସବୁଠାରୁ ଆଶାବାଦୀ ବ୍ୟକ୍ତି । ଏଠାକାର ଅଧିକାଂଶ ଲୋକଙ୍କର ଏକ ନିରାଶାବାଦୀ ଦୃଷ୍ଟିକୋଣ ଅଛି ।'ସେ କହିଥିଲେ ଯେ 'ମୋ ଆଙ୍ଗୁଠିରେ ଭୋଟ ଚିହ୍ନ ଅଛି । ମୋ ନଖରେ ତୁମେ ଯେଉଁ ଚିହ୍ନ ଦେଖୁଛ ତାହା ହେଉଛି ଜଣେ ବ୍ୟକ୍ତିଙ୍କ ଚିହ୍ନ ଯିଏ ଏବେ ଭୋଟ ଦେଇଛନ୍ତି । ବିଦେଶ ମନ୍ତ୍ରୀ ଦିଲ୍ଲୀ ନିର୍ବାଚନର ଉଦାହରଣ ଦେଇଥିଲେ । ସେ କହିଥିଲେ ଯେ ଗତ ବର୍ଷ ଏକ ଜାତୀୟ ନିର୍ବାଚନ ହୋଇଥିଲା । ଏହି ନିର୍ବାଚନରେ ୯୦ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୭୦ କୋଟି ଲୋକ ମତଦାନ କରିଥିଲେ । ଆମେ ଗୋଟିଏ ଦିନରେ ଭୋଟ ଗଣନା କରୁ । ଜୟଶଙ୍କର ଆହୁରି କହିଛନ୍ତି ଯେ ଦଶନ୍ଧି ପୂର୍ବ ଅପେକ୍ଷା ଆଜି ୨୦ ପ୍ରତିଶତ ଅଧିକ ଲୋକ ଭୋଟ ଦେଉଛନ୍ତି । ତେଣୁ, ଯଦି କେହି କୁହନ୍ତି ଯେ ବିଶ୍ୱ ସ୍ତରରେ ଗଣତନ୍ତ୍ର ସଙ୍କଟରେ ଅଛି, ମୁଁ ସମ୍ପୂର୍ଣ୍ଣ ଅସହମତ ।' ଆମ ଦେଶରେ ଗଣତନ୍ତ୍ର ସକ୍ରିୟ ଅଛି, ମତଦାନ ନିରପେକ୍ଷ ଭାବରେ ହେଉଛି ଏବଂ ଆମେ ଆମର ଗଣତାନ୍ତ୍ରିକ ପଥ ବିଷୟରେ ଆଶାବାଦୀ । ଆମ ପାଇଁ, ଗଣତନ୍ତ୍ର ବାସ୍ତବ ଫଳାଫଳ ଦେଇଛି ।'

## ଅନୁପ୍ରବେଶ ଅପେକ୍ଷାରେ ୧୫୦ ଆତଙ୍କବାଦୀ



ନୂଆଦିଲ୍ଲୀ: ଭାରତ ସୀମା ମଧ୍ୟକୁ ଅନୁପ୍ରବେଶ କରିବା ଲାଗି ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ୧୫୦ରୁ ଅଧିକ ପ୍ରଶିକ୍ଷଣପ୍ରାପ୍ତ ଆତଙ୍କବାଦୀ ସକ୍ରିୟ ରହିଛନ୍ତି । ପିଓକେର ନୀଲମ ଭ୍ୟାଲିର ୬ଟି ଲଞ୍ଚ ପ୍ୟାଡ୍ରେ ଆତଙ୍କବାଦୀମାନେ ସଜାଗ ରହିଛନ୍ତି । ପିଓକେରେ କାଶ୍ମୀର ଏକତା ଦିବସ ପାଳନ ଦିନ ଠାରୁ ଆତଙ୍କବାଦୀମାନେ ଭାରତ ସୀମାକୁ ଅନୁପ୍ରବେଶ ଲାଗି ଏକଜୁଟ୍ ହୋଇଛନ୍ତି । ଭାରତ ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ ଏହି ଆତଙ୍କବାଦୀମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଯୋଜନା କରିଛନ୍ତି । ସେମାନେ ଭାରତର ସୀମାରେ ଥିବା ସେନାର ଆଗୁଆ ଘାଟିଗୁଡିକ ଉପରେ ଆକ୍ରମଣ କରିବେ । ଗୁଇନ୍ଦା ବିଭାଗର ଏପରି ସୂଚନା ପରେ ଜାମ୍ମୁ-କାଶ୍ମୀରର ସୁରକ୍ଷା ବାହିନୀକୁ ହାଇ ଆଲର୍ଟ ଜାରି କରାଯାଇଛି । ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ନେଟୱର୍କକୁ ନଷ୍ଟ କରିବା ଲାଗି ସୁରକ୍ଷାବାହିନୀ ବ୍ୟାପକ ଅଭିଯାନ ଚଳାଇଛି । କାଶ୍ମୀର ରେଞ୍ଜ ଆଇଜିପି ଭିକେ ବିର୍ଦି କହିଛନ୍ତି ଯେ ଶ୍ରୀନଗର ସମେତ କାଶ୍ମୀର ଜୋନ୍‌ର ସମସ୍ତ ଜିଲାରେ ବହୁ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରତି ଜିଲାର ସୀମାରେ ନାକାବନ୍ଦୀ କରାଯିବା ସହିତ ୨୪ ଘଣ୍ଟିଆ ପ୍ରହରା ଦିଆଯାଉଛି । ସବୁ ସ୍ଥାନରେ ଡ୍ରୋନ ଓ ସିସିଟିଭି ଟେକ୍ନୋଲୋଜିକୁ ଉପଯୋଗ କରାଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଉପରାଜ୍ୟପାଳ ମନୋଜ ସିହ୍ନା ଜାମ୍ମୁ-କାଶ୍ମୀର ସୁରକ୍ଷା ପରିସ୍ଥିତିର ସମୀକ୍ଷା କରିଛନ୍ତି । ବୈଠକରେ ଆତଙ୍କବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଅନ୍ୟପଟେ କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବା ଲାଗି ପାକିସ୍ତାନ ସେନା ନିୟମିତ ଭାବେ ରଣନୀତି ବଦଳାଇବାରେ ଲାଗିଛି ।

## ତାମିଲ ଅଭିନେତା ବିଜୟଙ୍କୁ କେନ୍ଦ୍ର ଦେଲା 'Y' ଶ୍ରେଣୀର ସୁରକ୍ଷା



**ଚେନ୍ନାଇ :** ତାମିଲନାଡୁର ତାମିଲଗା ଭେଟ୍ରି କାଝାଗମ (ଟିଭିକେ)ର ପ୍ରମୁଖ ଅଭିନେତାରୁ ରାଜନେତା ହୋଇଥିବା ବିଜୟଙ୍କୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଣ ବର୍ଗର ସୁରକ୍ଷା ପ୍ରଦାନ କରିଛି । ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଏକ ଆଭ୍ୟନ୍ତରୀଣ ସୁରକ୍ଷା ଅଡିଟ କରାଯାଇଥିଲା, ଯାହା ପରେ କେନ୍ଦ୍ର ସରକାର ବିଜୟଙ୍କୁ ଣ ବର୍ଗର ସୁରକ୍ଷା ପ୍ରଦାନ କରିଛନ୍ତି । ଗୁରୁବାର (୧୩ ଫେବୃଆରୀ, ୨୦୨୫) କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଣ ସୁରକ୍ଷା କଭରେଜ ଅଧୀନରେ, ୮ରୁ ୧୧ ଜଣ ଯବାନ ଏବଂ ଗୋଟିଏ କିମ୍ବା ଦୁଇଟି କମାଣ୍ଡୋ ଟିଭିକେ ମୁଖ୍ୟ ବିଜୟଙ୍କ ସହିତ ୨୪ ଘଣ୍ଟା ରହିବେ । କେନ୍ଦ୍ର ସରକାରଙ୍କ ଦ୍ୱାରା ଚାରି ପ୍ରକାରର ସୁରକ୍ଷା କଭର ପ୍ରଦାନ କରାଯାଇଛି – X, Y, Z ଏବଂ Z+, ଯାହା ଯେକୌଣସି ବ୍ୟକ୍ତିଙ୍କୁ ତାଙ୍କ ବିପଦ ସ୍ତର ଆଧାରରେ ପ୍ରଦାନ କରାଯାଏ । ସୂତ୍ର ଅନୁଯାୟୀ, ଯେତେବେଳେ ବିଜୟ ସାର୍ବଜନୀନ ସ୍ଥାନକୁ ଯାଆନ୍ତି, ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଣ ସୁରକ୍ଷା କଭର କାର୍ଯ୍ୟକାରୀ କରାଯିବ । ସରକାର ବିଶ୍ୱାସ କରନ୍ତି ଯେ ବିଜୟ ଯେଉଁଠାକୁ ଯିବେ, ସେଠାରେ ଏକ ବିରାଟ ଭିଡ଼ ହେବ ଯାହାକୁ ସୁରକ୍ଷା କର୍ମୀମାନେ ଭଲ ଭାବରେ ନିୟନ୍ତ୍ରଣ କରିପାରିବେ । ଏହି ସମୟରେ, ତାମିଲନାଡୁ ଭାଜପା ସଭାପତି କେ ଅନ୍ନାମଲାଇ ଶାସକ ଦ୍ରାବିଡ ମୁନେତ୍ର କାଝଗମ ସରକାର ଉପରେ ସୁରକ୍ଷା ଯୋଗାଇବାରେ ଦୂରଦୃଷ୍ଟିର ଅଭାବ ଥିବା ଅଭିଯୋଗ କରିଛନ୍ତି । ଭାଜପା ରାଜ୍ୟ ସଭାପତି କହିଛନ୍ତି, ଏଆଇଏ-ଡିଏମକେ (ଅଲ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ) ଭାଜପା ସହିତ ମେଣ୍ଟରେ ଅଛି କି ନାହିଁ, କେନ୍ଦ୍ର ସରକାର ବିରୋଧୀ ନେତା ଇପିଏସ (ଏଡାପ୍ପାଡି କେ ପଲାନିସ୍ୱାମୀ)ଙ୍କୁ ସିଆରପିଏଫ ସୁରକ୍ଷା ଯୋଗାଇ ଦେଇଛନ୍ତି । ଅନ୍ନାମଲାଇଙ୍କ ଅନୁଯାୟୀ, ଏଡାପ୍ପାଡି କେ ପଲାନିସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଅନେକ ଏଜେନ୍ସି ରିପୋର୍ଟ କରିବା ପରେ ତାଙ୍କୁ ସୁରକ୍ଷା କଭର ପ୍ରଦାନ କରାଯାଇଛି ।

## ଦିଲ୍ଲୀରେ 'ଟ୍ରିପଲ ଇଞ୍ଜିନ' ସରକାର ପାଇଁ ପ୍ରସ୍ତୁତି ଜୋରଦାର

**ନୂଆଦିଲ୍ଲୀ :** ଶନିବାର ୩ ଜଣ ଆମ ଆଦମୀ ପାର୍ଟି (ଆପ) କାଉନସିଲର ଭାଜପାରେ ଯୋଗ ଦେଇଛନ୍ତି । ଏହିପରି, ଆଗାମୀ ଏମସିଡି ମେୟର ନିର୍ବାଚନରେ ତାଙ୍କର ବିଜୟ ସମ୍ଭାବନା ବୃଦ୍ଧି ପାଇଛି । କାଉନସିଲରମାନଙ୍କୁ ସ୍ୱାଗତ କରି ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚଦେବ କହିଛନ୍ତି ଯେ ଦିଲ୍ଲୀରେ କେନ୍ଦ୍ର, ବିଧାନସଭା ଏବଂ ପୌର ସ୍ତରରେ ଏକ 'ଟ୍ରିପଲ ଇଞ୍ଜିନ' ସରକାର ରହିବ । ଭାଜପାରେ ଯୋଗ ଦେଇଥିବା ତିନି ଜଣ କାଉନସିଲର ହେଉଛନ୍ତି ଅନିତା ବାସୋୟା (ଆଣ୍ଡ୍ରୁଜ ଗଞ୍ଜ), ନିଖିଳ ଚପରାନା (ହରି ନଗର) ଏବଂ ଧରମବୀର (ଆରକେ ପୁରମ) । ସଚଦେବ କହିଛନ୍ତି ଯେ ଦିଲ୍ଲୀକୁ ଏକ ସ୍ୱଚ୍ଛ ଏବଂ ସୁନ୍ଦର ସହର କରିବା ପାଇଁ କାଉନସିଲରମାନେ ଭାଜପାରେ ଯୋଗ ଦେଇଛନ୍ତି । ବିଧାନସଭା ନିର୍ବାଚନରେ ସମ୍ପ୍ରତି ବିଜୟ ପରେ, ଭାଜପା ମେୟର ପଦବୀ ଜିତି ଦିଲ୍ଲୀରେ 'ଟ୍ରିପଲ ଇଞ୍ଜିନ ସରକାର' ଉପରେ ନଜର ରଖିଛି । ଭାଜପା ୭୦ଟି ବିଧାନସଭା ଆସନରୁ ୪୮ଟି ଜିତିଥିଲା, ଏକ ଦଶନ୍ଧି ପରେ ଆପକୁ କ୍ଷମତାରୁ ବାହାର କରିଥିଲା ।

ଏପ୍ରିଲରେ ମେୟର ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ୨୦୨୪ ନଭେମ୍ବରରେ ଅନୁଷ୍ଠିତ ଶେଷ ମେୟର ନିର୍ବାଚନରେ ଆପ ତିନୋଟି ଭୋଟରେ ବିଜୟୀ ହୋଇଥିଲା । କାଉନସିଲରମାନଙ୍କ ବ୍ୟତୀତ, ଦିଲ୍ଲୀ ନଗର ନିଗମର ମେୟର ଏବଂ ଡେପୁଟି ମେୟର ନିର୍ବାଚନରେ ୭ଜଣ ଲୋକ ସଭା ଏମପି (ସମସ୍ତେ ଭାଜପାରୁ), ୩ଜଣ ରାଜ୍ୟ ସଭା ଏମପି (ସମସ୍ତେ ଆପରରୁ) ଏବଂ ଦିଲ୍ଲୀର ୧୪ ଜଣ ମନୋନୀତ ବିଧାୟକ ଭୋଟର ଅଟନ୍ତି । ତିନି ଜଣ କାଉନସିଲରଙ୍କ ସାମିଲ ହେବା ପରେ, ଭାଜପାର ଆସନ ଏବେ ଆପ ଅପେକ୍ଷା ଅଧିକ ହୋଇଯାଇଛି । ଭାଜପା ନେତାମାନେ କହିଛନ୍ତି ଯେ ଭାଜପା ଏମସିଡି ପାଇଁ ଏହାର ୧୦ ଜଣ ବିଧାୟକଙ୍କୁ ମନୋନୀତ କରିବାକୁ ଯାଉଛି, ଯେତେବେଳେ ଆପର ନାଗରିକ ସଂସ୍ଥା ପାଇଁ ୪ ଜଣ ପ୍ରାର୍ଥୀ ନାମାଙ୍କନ ରହିବ । ଫେବୃଆରୀ ୫ ତାରିଖରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ, ୮ ଜଣ ଭାଜପା ଏବଂ ୩ ଜଣ ଆପ କାଉନସିଲର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୨୨ ଏମସିଡି ନିର୍ବାଚନରେ, ଆପ ୧୩୪ଟି, ଭାଜପା ୧୦୪ଟି, କଂଗ୍ରେସ ୯ଟି ଏବଂ ସ୍ୱାଧୀନ ପ୍ରାର୍ଥୀ ତିନୋଟି ୱାର୍ଡ ଜିତିଥିଲେ ।

## ମହାକୁମ୍ଭ ଯାଉଥିବାବେଳେ ଅଘଟଣ

**ପ୍ରୟାଗରାଜ :** ଉତ୍ତର ପ୍ରଦେଶର ପ୍ରୟାଗରାଜ ଜିଲାରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୦ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ୧୯ ଜଣ ଆହତ ହୋଇଛନ୍ତି । ସୂଚନା ମିଳିବା ମାତ୍ରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛି । ଇତିମଧ୍ୟରେ, ମୃତଦେହଗୁଡ଼ିକୁ ମର୍ଗରୀରେ ରଖାଯାଇଛି । ବୋଲେରୋରେ ଥିବା ସମସ୍ତ ଯାତ୍ରୀ ପୁରୁଷ ଥିଲେ, ଯାହାଙ୍କ ବୟସ ୨୫ ରୁ ୪୫ ବର୍ଷ ମଧ୍ୟରେ ଥିଲା । ଦୁର୍ଘଟଣାରେ ସମସ୍ତେ ପ୍ରାଣ ହରାଇଛନ୍ତି । ସୂଚନା ଅନୁଯାୟୀ, ଶୁକ୍ରବାର (୧୪ ଫେବୃଆରୀ) ବିଳମ୍ବିତ ରାତିରେ ପ୍ରୟାଗରାଜ-ମିର୍ଜାପୁର ରାଜପଥରେ ଏହି ଦୁର୍ଘଟଣା ଘଟିଛି । ଭକ୍ତମାନଙ୍କରେ ଭର୍ତ୍ତି ଏକ ବୋଲେରୋ ଏବଂ ଏକ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣାରେ ବୋଲେରୋରେ ଯାତ୍ରା କରୁଥିବା ସମସ୍ତ ୧୦ ଜଣ ଶ୍ରଦ୍ଧାଳୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ।

## ତାହାଉର ରାଣାର ପ୍ରତ୍ୟର୍ପଣ ପାଇଁ ଟ୍ରମ୍ପ୍‌ଙ୍କ ସ୍ୱୀକୃତି

**ୱାଶିଂଟନ:** ୨୬/୧୧ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ଘଟଣାର ଅନ୍ୟତମ ଷଡଯନ୍ତ୍ରକାରୀ ତାହାଉର ରାଣାର ଭାରତ ପ୍ରତ୍ୟର୍ପଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂପ୍ରତି ଆମେରିକା ଗସ୍ତରେ ଯାଇଥିବାବେଳେ ଟ୍ରମ୍ପଙ୍କ ସହ ଆଲୋଚନା କାଳରେ ରାଣାର ପ୍ରତ୍ୟର୍ପଣ ପ୍ରସଙ୍ଗ ଉଠିଥିଲା । ଟ୍ରମ୍ପ କହିଛନ୍ତି ଯେ ରାଣା ଭଳି ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଭାରତକୁ ହସ୍ତାନ୍ତର କରାଯିବା ଯୁକ୍ତିସଙ୍ଗତ । ଚଳିତବର୍ଷ ଜାନୁଆରୀ ୨୧ରେ ଆମେରିକା ସୁପ୍ରିମକୋର୍ଟ ରାଣାର ରିଭ୍ୟୁ ପିଟିସନକୁ ଖାରଜ କରିଥିବାରୁ ପ୍ରତ୍ୟର୍ପଣ ବାଟ ପରିଷ୍କାର ହୋଇଥିଲା ।



ତେବେ ରାଷ୍ଟ୍ରପତିଙ୍କ ଅନୁମୋଦନ ବିନା ଏହା ସମ୍ଭବ ହୋଇପାରିନଥାନ୍ତା । ବର୍ତ୍ତମାନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିଥିବାରୁ ରାଣାକୁ ଭାରତ ଅଣାଯାଇ ଜେରା କରାଯାଇପାରିବ । ମୁମ୍ବଇ ପୁଲିସ ପକ୍ଷରୁ ଦାଖଲ କରାଯାଇଥିବା ୪୦୦ ପୃଷ୍ଠାର ଚାର୍ଜସିଟ୍ରେ ରାଣାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିବା ଉଲ୍ଲେଖ କରାଯାଇଛି । ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନରେ ସକ୍ରିୟ ଥିବା ଲସ୍କର-ଇ-ତୋଇବା ସଂଗଠନର ୧୦ ଜଣ ଆତଙ୍କବାଦୀ ଜଳପଥରେ ମୁମ୍ବଇରେ ପ୍ରବେଶ କରିବା ସହ ବିଭିନ୍ନ ସ୍ଥାନରେ ଆତଙ୍କ ଖେଳାଇଥିଲେ । ଏଥିରେ ୨୬ ବିଦେଶୀ ନାଗରିକଙ୍କ ସମେତ ମୋଟ ୧୬୬ ଜଣ ପ୍ରାଣ ହରାଇଥିବାବେଳେ ୩୦୦ରୁ ଅଧିକ ଆହତ ହୋଇଥିଲେ । ପୁଲିସ କାର୍ଯ୍ୟାନୁଷ୍ଠାନରେ ୯ ଜଣ ଆତଙ୍କବାଦୀ ପ୍ରାଣ ହରାଇଥିବାବେଳେ ଧରାପଡିଥିବା ଏକମାତ୍ର ଆତଙ୍କବାଦୀ ଆଜମଲ କସାବକୁ ୨୦୧୨ ନଭେମ୍ବର ୨୧ରେ ଫାଶୀ ଦିଆଯାଇଥିଲା ।

## ଯୁଦ୍ଧ ବନ୍ଦ ହେଲେ ରୁଷିଆ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ: ଜେଲେନସ୍କି

ମ୍ୟୁନିଚ୍: ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ନିକଟରେ ମୁଣ୍ଡ ନୁଆଁଇବା ଆରମ୍ଭ କରିଛନ୍ତି । ଯୁଦ୍ଧ ସମାପ୍ତ କରିବା ପାଇଁ ଜେଲେନସ୍କି ଏବେ ରୁଷିଆ ସହିତ ଆଲୋଚନା କରିବାକୁ ରାଜି ହୋଇଛନ୍ତି । ତଥାପି, ସେ ଆମେରିକା ସମ୍ମୁଖରେ ଏକ ଦାବି ମଧ୍ୟ ରଖିଛନ୍ତି । ସେ ପୁଟିନଙ୍କ ସହିତ ଟ୍ରମ୍ପଙ୍କ ସିଧାସଳଖ କଥାବାର୍ତ୍ତା ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜେଲେନସ୍କି କହିଛନ୍ତି ଯେ, ସେ ରୁଷିଆ ସହିତ ସିଧାସଳଖ ଆଲୋଚନା ପାଇଁ ପ୍ରସ୍ତୁତ । ତେବେ ସେ ସର୍ତ୍ତ ରଖିଛନ୍ତି । ସେ କହିଛନ୍ତି ଏହା ସେତେବେଳେ ଘଟିବ ଯେତେବେଳେ ଆମେରିକା ଏବଂ ୟୁରୋପୀୟ ସହଯୋଗୀମାନଙ୍କ ମିଳିତ ପ୍ରୟାସରେ ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଏକ ସାଧାରଣ ଯୋଜନା ପ୍ରସ୍ତୁତ ହେବ । ଆମେ ଆମେରିକା ଏବଂ ଆମର ସହଯୋଗୀଙ୍କ ସହ ଯେକୌଣସି ଆଲୋଚନା ପାଇଁ ପ୍ରସ୍ତୁତ । ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଜେଲେନସ୍କି ଏହା କହିଛନ୍ତି । ଯଦି ସେମାନେ ଆମର ନିର୍ଦ୍ଦିଷ୍ଟ ଅନୁରୋଧଗୁଡ଼ିକର ଉପଯୁକ୍ତ ଉତ୍ତର ପ୍ରଦାନ କରନ୍ତି ଏବଂ ବିପଜ୍ଜନକ ଭ୍ଲାଡିମିର ପୁଟିନଙ୍କ ସହିତ ଏକ ସହମତିରେ ପହଞ୍ଚିପାରନ୍ତି । ତା'ପରେ ଆମେ ରୁଷିଆମାନଙ୍କ ସହିତ ଆଲୋଚନା କରିବାକୁ ପ୍ରସ୍ତୁତ ରହିବୁ ।

# ଭାରତ ବିଶ୍ୱର ସୌର ମହାଶକ୍ତି : ଜାତିସଂଘ ଜଳବାୟୁ ମୁଖ୍ୟ

**ନୂଆଦିଲ୍ଲୀ:**

ମିଳିତ ଜାତିସଂଘର ଜଳବାୟୁ ମୁଖ୍ୟ ସାଇମନ ଷ୍ଟିଲ ଭାରତକୁ 'ସୌର ମହାଶକ୍ତି' ବୋଲି କହିଛନ୍ତି । ସମଗ୍ର ଅର୍ଥନୀତିକୁ ବ୍ୟାପକ କରୁଥିବା ଏକ ଉଚ୍ଚାକାଂକ୍ଷୀ ଜଳବାୟୁ ଯୋଜନା ବିକଶିତ କରିବାକୁ ସେ ଭାରତକୁ ଅନୁରୋଧ କରିଥିଲେ । ବିଶ୍ୱ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଉନ୍ନତିର ଫାଇଦା ଉଠାଇଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି । ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭାରତ ଆସିଥିବା ଷ୍ଟିଲ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ଭାରତର ପ୍ରୟାସକୁ ପ୍ରଶଂସା କରି କହିଛନ୍ତି ଯେ କିଛି ସରକାର କେବଳ କଥାବାର୍ତ୍ତା କରୁଥିବା ବେଳେ



ଭାରତ କାମ କରେ । ୧୦୦ ଗିଗାୱାଟରୁ ଅଧିକ ସୌର ଶକ୍ତି ସ୍ଥାପନ କରିଥିବା ୪ଟି ଦେଶ ମଧ୍ୟରୁ ଭାରତ ଏକ ସୌର ମହାଶକ୍ତି । ୨୦୧୮ ସୁଦ୍ଧା ଦେଶର ବିଭିନ୍ନ ଗାଁରେ ବିଜୁଳି ପହଞ୍ଚାଇବା ସହ ଶକ୍ତି ଉପଲବ୍ଧତା ବୃଦ୍ଧି ପାଇବାରେ ଲାଗିଛି । " ଷ୍ଟିଲ କହିଛନ୍ତି ଯେ ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ନେବାର ସମୟ ଆସିଛି ଯାହା ଭାରତର ୧.୪ ବିଲିୟନ ଲୋକ ଏବଂ ଅର୍ଥନୀତିକୁ ଆହୁରି ଅଧିକ ଫାଇଦା ଦେବ । ଭାରତ ଏ ଦିଗରେ ଦୃଢ଼ ଗତିରେ ଆଗକୁ ବଢୁଛି, କିନ୍ତୁ ବିଶ୍ୱ ସ୍ୱଚ୍ଛ ଶକ୍ତି ବୃଦ୍ଧିକୁ ଆହୁରି ଦୃଢ଼ତାର ସହ ଗ୍ରହଣ କଲେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବୃଦ୍ଧି ପାଇବ । ଷ୍ଟିଲ କହିଛନ୍ତି ଯେ ଭାରତ ପାଖରେ ଏକ ସୁଯୋଗ ଅଛି ଯାହା କେବଳ ଅଳ୍ପ କିଛି ଦେଶ ପାଖରେ ଅଛି । ଶହ ଶହ ଗିଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ନିୟୋଜିତ କରିବା, ସବୁଜ ଶିଳ୍ପାୟନର ଏକ ନୂତନ ଲହରର ନେତୃତ୍ୱ ନେବା, ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ବିକାଶ, ସମ୍ପ୍ରସାରଣ ଏବଂ ରପ୍ତାନି କରିବା ର ମହତ୍ୱାକାଂକ୍ଷୀ ଯୋଜନାକୁ ଏହା ସାକାର କରୁଛି ।'

## ପନ୍ନୁ ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧମକ



**ଚଣ୍ଡିଗଡ :** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଧମକ ଦିଆଯାଇଛି । ଏହି ଧମକ ଅନ୍ୟ କେହି ନୁହେଁ ବରଂ ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂହ ପନ୍ନୁ ଦେଇଛନ୍ତି । ଆତଙ୍କବାଦୀ ପନ୍ନୁ ପୁଣି ଥରେ ଦେଶ ବିରୋଧରେ ବିଷ ଓଗାଳିଛନ୍ତି । ନିଷିଦ୍ଧ ସଂଗଠନ ଶିଖ ଫର ଜଷ୍ଟିସର ମୁଖ୍ୟ ଗୁରୁପତୱନ୍ତ ପନ୍ନୁ ପୁଣିଥରେ ପଞ୍ଜାବର ଜଳନ୍ଧରର ନାକୋଦର ସହରରେ ଖଲିସ୍ତାନକୁ ସମର୍ଥନ କରି ପୋଷ୍ଟର ଲଗାଇଛନ୍ତି । ନାକୋଦରର ଗୋଟିଏ ନୁହେଁ ବରଂ ଚାରୋଟି ସ୍ଥାନରେ ଏହି ପୋଷ୍ଟରଗୁଡ଼ିକ ଲଗାଯାଇଛି । ଷ୍ଟେଟ ପବ୍ଲିକ ସ୍କୁଲ, ଗୁରୁ ନାନକ ନ୍ୟାଶନାଲ କଲେଜ, ଡକ୍ଟର ଆମ୍ବେଦକର ଚୌକ, ନାକୋଦର ଏବଂ ଆଦର୍ଶ କଲୋନି ନାକୋଦରରେ ଖଲିସ୍ତାନି ପୋଷ୍ଟର ଦେଖିବାକୁ ମିଳିଛି । ସୂଚନା ମିଳିବା ମାତ୍ରେ ପୋଲିସ ମଧ୍ୟ ତଦନ୍ତ ଆରମ୍ଭ କରିଛି । ଆତଙ୍କବାଦୀ ପନ୍ନୁ ଏହି ସମ୍ପୂର୍ଣ୍ଣ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି ଏବଂ ଏଥିରେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନଙ୍କୁ ମଧ୍ୟ ଧମକ ଦେଇଛନ୍ତି । ଭାଇରାଲ ଭିଡିଓରେ କୁହାଯାଉଛି ଯେ, ଜଳନ୍ଧରର ନାକୋଦରରେ ୪ଟି ସ୍ଥାନରେ ଖଲିସ୍ତାନି ପୋଷ୍ଟର ଲଗାଯାଇଛି ।

# ବେଆଇନ ବାଲିଖାଦାନରେ ଚଢ଼ଉ: ୨୨ ହାଇଓ୍ୱା ସହ ୨ ପୋକ୍ଲିନ୍ ଜବତ

କେନ୍ଦ୍ରାପଡ଼ା ,(ପିପିଏସ): ଗରଦପୁର ତହସିଲ ଅଧିନସ୍ଥ ବିଞ୍ଚଣା ଅଞ୍ଚଳରେ ଚାଲିଥିବା ହରିଦାସପୁର ବେଆଇନ୍ ବାଲି ପକାଇ ଘାଟ ଉପରେ ଜିଲ୍ଲା ପ୍ରଶାସନ, ଖଣି ବିଭାଗ ଏବଂ ପାଟକୁରା ଥାନାର ମିଳିତ ସହଯୋଗରେ ଅତର୍କିତ ଚଢ଼ଉ ହୋଇଛି। ଯେଉଁଥିରେ ୨୨ ହାଇଓ୍ୱା ସମେତ ୨ ଗୋଟି ପୋକ୍ଲିନ ଜବତ କରାଯାଇ ପାଟକୁରା ଥାନାକୁ ହସ୍ତାନ୍ତର କରିଛନ୍ତି ସେହି ନୂଆକରି ଆସିଥିବା ଦବଙ୍ଗ ଖଣି ଅଧିକାରୀ ରଞ୍ଜିତ ବେହେରା।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୩୦ ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବାଲି ଖାଦାନ ବର୍ଷ ବର୍ଷ ଧରି ଚାଲି ଆସୁଛି। ଯେଉଁଥିରେ ଦିନକୁ ଲକ୍ଷାଧିକ ଟଙ୍କାର ଆୟକୁ ଆଖି ଆଗରେ ରଖି ଚୋରା ବାଲି ମାଫିଆ ମଧ ସକ୍ରୀୟ ହୋଇ ଉଠିଛନ୍ତି। ବିଭିନ୍ନ ସମୟରେ ଏହି ବାଲି ଚୋରା ଚାଲାଣ ଏବଂ ନିଲାମକୁ ନେଇ କେନ୍ଦ୍ରାପଡାରେ ମଧ ଦୁଇ ଗୋଷ୍ଠୀ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ଅନେକ ସମୟରେ ପ୍ରଶାସନିକ ଅଧିକାରୀ ମାନେ ମଧ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି। କିନ୍ତୁ ଚୋର ଘର ସବୁବେଳେ ଅନ୍ଧାର ନଥିବା ଭଳି, ଗତ ଅକ୍ଟୋବର ୨୦୨୩ ରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ନୂଆ କରି ଯୋଗଦେଇଥିବା ଖଣି ଅଧିକାରୀ ରଞ୍ଜିତ ବେହେରାଙ୍କ





ଲଗାତାର ଚଢ଼ାଉ ପାଇଁ ଏବେ ବେଆଇନ୍ ଘାଟ ଗୁଡ଼ିକ ସାମ୍ନାକୁ ଆସୁଛି। ସେହିପରି ଗତକାଲି ଅର୍ଥାତ୍ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ଗରଦପୁର ତହସିଲ ଅଧିନସ୍ଥ ବିଞ୍ଚଣା ଅଞ୍ଚଳରେ ଚାଲିଥିବା ବେଆଇନ୍ ବାଲି ଘାଟର ଖବର ପାଇ ନୂଆକରି ଆସିଥିବା ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ଖଣି ଅଧିକାରୀ ରଞ୍ଜିତ ବେହେରା,ପାଟକୁରା ପୋଲିସ ଟିମ ଅତର୍କିତ ଭାବେ ଚଢ଼ାଉ କରି ୧୯ ଗୋଟି ହାଇଓ୍ୱା ସମେତ ୨ ଗୋଟି ପୋକ୍ଲିନ୍ ଜବତ୍ କରି ପାଟକୁରା ଥାନାକୁ ଜିମା ଦେଇଥିବା କହିଛନ୍ତି ଖଣି ଅଧିକାରୀ ରଞ୍ଜିତ ବେହେରା।

## ବତିମୀରା ଶିଶୁ ବିଦ୍ୟାମନ୍ଦିରରେ ମାଗଣା ସ୍ୱାସ୍ଥ୍ୟ ଶିବିର

ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ସ୍ଥିତ ବତିମିରା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶନିବାରଦିନ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ବିକ୍ରମ ଦାଶଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଭୁବନେଶ୍ୱର କେୟାର ହସ୍ପିଟାଲ ତରଫରୁ ଭେଷଜ, ହୃଦରୋଗ ଛାତି ଏବଂ ଶ୍ୱାସ ଇତ୍ୟାଦି ବିଭାଗର ୧୫ଜଣିଆ ଅଭିଜ୍ଞ ଚିକିତ୍ସକ ତଥା ଯୋତିର୍ମୟୀ ସାହୁ, ଅବିନାଶ ପଣ୍ଡା, ସଂଜୀବ ମଲ୍ଲିକ, ଓ ମ୍ୟାନେଜର କୃତିସୁନ୍ଦର ହୋତା ଓ ସହଯୋଗୀ ମାନେ ପହଂଚି ଅଂଚଳର ରୋଗୀମାନଙ୍କ ଚିକିତ୍ସା କରିଥିଲେ। ଶିବିରରେ ୧୦୫ଜଣ ରୋଗୀଙ୍କ ମାଗଣା ଚିକିତ୍ସା, ମାଗଣା ପରୀକ୍ଷା କରାଯିବାସହିତ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରର ପରିଚାଳନାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ପରିଚାଳନା କମିଟିର ସଭ୍ୟମାନେ ସହାୟତା କରିଥିଲେ।

## ସିପିଆଇର ଅଭିଯୋଗ: ଅସାମାଜିକଙ୍କ ଚରାଭୂଇଁ ପାଲଟିଛି କେନ୍ଦ୍ରାପଡ଼ା

କେନ୍ଦ୍ରାପଡ଼ା,(ପିପିଏସ): ରାଜ୍ୟରେ ସରକାର ବଦଳିଲା ପରେ ଓ ଡବଲ ଇଞ୍ଜିନ୍ ସରକାର ଆସିବା ପରେ କେନ୍ଦ୍ରାପଡା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସର୍ବତ୍ର ପୋଲିସ ପ୍ରଶାସନ ନିଷ୍କ୍ରିୟ। ଅପରାଧିମାନଙ୍କ ଚରାଭୂଇଁରେ ପରିଣତ ହୋଇଛି ସାରା ଜିଲ୍ଲା। ଜିଲ୍ଲାର ସମସ୍ତ ଅଞ୍ଚଳରେ ନିଜକୁ ସରକାରୀ ଦଳର ଲୋକ କହି ଅନେକ ଅସାମାଜିକ ଆତଙ୍କ ଚଳାଇଛନ୍ତି ବୋଲି ଜିଲ୍ଲା ସିପିଆଇଏମ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି । କିଛିଦିନ ତଳେ କେନ୍ଦ୍ରାପଡାର ଗରାପୁର ଅଞ୍ଚଳରେ ଜଣେ ଲୋକକୁ ଅଖାରେ ପୁରାଇ ପିଟି ପିଟି ମାରି ଦିଆଗଲା। ଇନ୍ଦୁପୁର ଅଞ୍ଚଳରେ ଜଣକୁ ମାରି ଦିଆଗଲା। ପଟ୍ଟାମୁଣ୍ଡାଇ ବଜାରରେ ଦିନ ଦିପହରରେ ଖଣ୍ଡା ଓ ମାରଣାସ୍ତ୍ର ଧରି ସରକାରୀ ଦଳର କେତେକ ଅସାମାଜିକ ଯୁବକ ସହର ସାରା ଆତଙ୍କ ସୃଷ୍ଟି କଲେ। ଏ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହେଲା ନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଡେରାବିଶ ଅଞ୍ଚଳରେ ଜନୈକ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲା। ଥାନାରେ ଏଫ୍.ଆଇ.ଆର. ପଡିଥିଲେ ମଧ ପୋଲିସ୍ ହାତବାନ୍ଧି ବସିଛି। ଜିଲ୍ଲା ସାରା ବାଲି ମାଫିଆଙ୍କ ଆତଙ୍କରାଜରେ ନିରୀହ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ମହାକାଳପଡା ବ୍ଲକର କଂସାର ପଞ୍ଚାୟତରେ ଜଣେ ଯୁବକଙ୍କ ଉପରେ ସରକାରୀ ଦଳ ବୋଲାଉଥିବା ଦଳେ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କଲେ। ପୋଲିସ ଜାଣିଥିଲେ ମଧ ଏ ପର୍ଯ୍ୟନ୍ତ ଆସାମୀମାନଙ୍କୁ ଧରିଲା ନାହିଁ। ମାର୍ଶାଘାଇର ପୋଦନା ଗାଁରେ ଦଳୀୟ କାରଣରୁ ଅତ୍ୟାଚାରିତ ଗୋଟିଏ ନିରୀହ ପରିବାର ସୁରକ୍ଷା ପାଇଁ ଜିଲ୍ଲାର ସମସ୍ତ ମୁଖ୍ୟ ପଦାଧିକାରୀରୀଙ୍କୁ ପ୍ରତିଦିନ ଭେଟିବା ପରେବି ଫଳଶୂନ୍ୟ। ଏମିତି ଅନେକ ଘଟଣା ଜିଲ୍ଲାରେ ରହିଛି। ସରକାରୀ ଅଧିକାରୀମାନେ ବଦଳି ଭୟରେ ହାତଗୋଡ ଜାକି ବସିଛନ୍ତି। ଯେମିତି ଜଣାପଡୁଛି ଜିଲ୍ଲାର ଆଇନର ଶାସନ ନାହିଁ। ଜିଲ୍ଲା ଅସାମାଜିକମାନଙ୍କ ଚରାଭୂଇଁରେ ପରିଣତ ହୋଇଛି। ଏହାର ପ୍ରତିବାଦରେ ଆଇନର ଶାସନ ଫେରାଇ ଆଣିବା ପାଇଁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଦୃଢ ଦାବି କରିଛି କି, ସଙ୍ଗୀନ ପରିସ୍ଥିତିରୁ ଜିଲ୍ଲାକୁ ରକ୍ଷା କରିବା ପାଇଁ ଓ ସାଧାରଣ ନାଗରିକଙ୍କ ଆସ୍ଥାକୁ ଫେରେଇ ଆଣିବା ପାଇଁ ଜିଲ୍ଲା ପୋଲିସ ଓ ପ୍ରଶାସନ ଦୃଢ ପଦକ୍ଷେପ ଗ୍ରହଣ କରନ୍ତୁ। ପରନ୍ତୁ ପାର୍ଟି ସାରା ଜିଲ୍ଲାରେ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଜିଲ୍ଲା କମିଟି ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜଗତଜୀବନ ଦାଶ, କାଳିପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥୀ, ମାଧବ ଦାସ, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିସି ବିଦ୍ୟାମନ୍ଦିର ୧୯୭୮ ବ୍ୟାଚ୍ ବନ୍ଧୁମିଳନ



ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ରେଢୁଆସ୍ଥିତ ବୃନ୍ଦାବନଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ ପୂରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗହ୍ମାପୁର ମାଳଠାରେ ଅନୁଷ୍ଠିତ ହୋଇଯାଇଛି। ପୂରାତନ ଛାତ୍ର ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ଆବହାକତାରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୪ ଜଣ ଛାତ୍ରଛାତ୍ରୀ ଯୋଗଦେଇ ପରସ୍ପର ଭାବର ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିକାଶ ଓ ପ୍ରତ୍ୟେକ ଛାତ୍ରୀଛାତ୍ର ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ କେତେକ ଜନହିତକର କାର୍ଯ୍ୟ ହାତକୁ ନେବାପାଇଁ ସ୍ଥିର ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ରାଉତ, ଶୈଳେନ୍ଦ୍ର ରାଉତରାୟ, ସୁରେଶ ଚନ୍ଦ୍ର ମୁଦୁଲି, କୃଷ୍ଣପ୍ରିୟା ବିଶ୍ୱାଳ, କନକ ଜେନା ପ୍ରମୁଖ ଯୋଗଦେଇଥିଲେ।

## 'କେନ୍ଦ୍ରାପଡ଼ା ହେବ ରାଜ୍ୟର ଶିଳ୍ପ କରିଡର'

କେନ୍ଦ୍ରାପଡା,(ପିପିଏସ୍): କେନ୍ଦ୍ରାପଡା ଜିଲା ରାଜ୍ୟର ଏକ ଶିଳ୍ପ କରିଡର ହେବ ବୋଲି କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ଜୟ ପଣ୍ଡା ଶୁକ୍ରବାର ଅପରାହ୍ନରେ ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ କହିଛନ୍ତି। ଶ୍ରୀ ପଣ୍ଡା ଆହୁରି କହିଥିଲେ ଯେ କେନ୍ଦ୍ରାପଡାକୁ ରାଜ୍ୟର ଏକ ବିକଶିତ ଜିଲାରେ ପରିଣତ କରିବା ପାଇଁ ସେ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ଜିଲାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ହରିଦାସପୁର- ପାରାଦୀପ ରେଳପଥକୁ ଦୋହରିକରଣ କରାଯିବ। ଏଥିନିମନ୍ତେ ସେ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦେଇଛନ୍ତି। ଖୁବ ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଥିଲେ। ସେ କହିଥିଲେ କେନ୍ଦ୍ରାପଡା ଜିଲାରେ ଶିଳ୍ପ କାରାଖାନା ନଥିବାରୁ କର୍ମ ଅନ୍ୱେଷଣରେ ଯୁବକମାନେ ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଉଛନ୍ତି। ଫଳରେ ଜିଲାର ଅର୍ଥନୀତି ଆଶାତୀତ ଅଭିବୃଦ୍ଧି ଘଟୁନାହିଁ। ମହାକାଳପଡାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ପରେ ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିବ। ଏକ ବୃହତ୍ତ ଶିଳ୍ପ ହେବା ପରେ ଏହାର ଆଖପାଖରେ ଅନେକ କ୍ଷୁଦ୍ର ଶିଳ୍ପ ଗଢି ଉଠିଥାଏ। ତେଣୁ ଇସ୍ପାତ କାରଖାନା ହେଲେ ତାହାର ଆବଶ୍ୟକତା ଅନୁଯାୟୀ ଜିଲାର ଚତୁପାର୍ଶ୍ୱରେ କ୍ଷୁଦ୍ର କାରାଖାନା ଗଢି ଉଠିବ।

ତାହାଦ୍ୱାରା ବେକାରୀ ସମସ୍ୟା ଦୂର ହୋଇପାରିବ ବୋଲି ସାଂସଦ ଶ୍ରୀ ପଣ୍ଡା କହିଥିଲେ। ଦିଲ୍ଲୀ ନିର୍ବାଚନରେ ରାଷ୍ଟ୍ରୀୟ ଉପସଭାପତି ଭାବେ ନିର୍ବାଚନ ପରିଚାଳନାରେ ଶ୍ରୀ ପଣ୍ଡା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଦଳକୁ ଶାସନ କ୍ଷମତାକୁ ଫେରାଇ ଆଣିବାରେ ସହାୟକ ହୋଇଥିବାରୁ ଦଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡା, ମହମ୍ମଦ ସଲିମ ଖାନ୍, ଗୀତାଞ୍ଜଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ସୁନାକର ବେହେରା, ତେଜେଶ୍ୱର ପରିଡା, ଉପିନ ରାଉତ, ନେହେରୁ ସାହୁ, ଧର୍ମଦର୍ଶୀ କର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସୈନିକ ସଂଘ ଦ୍ୱାରା ପୁଲୱାମା ସହିଦ ଦିବସ



କେନ୍ଦ୍ରାପଡା, (ପିପିଏସ୍): ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡାର ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ରଙ୍କ ସଭାପତିତ୍ୱରେ ପୁଲବାମା ସହିଦ ଦିବସ କାର୍ଯ୍ୟକ୍ରମ ତିନିମୁହାଣ ଛକସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଏବଂ ସୁବେଦାର ମେଜର ହନରାରି ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ ସହିଦ ସ୍ତମ୍ଭରେ ସାମୁହିକ ରିତ ଅର୍ପଣ କରିଥିଲେ ଓ ଦୀପକ ପ୍ରଜ୍ୱଳନ କରିଥିଲେ। ସହ ସମ୍ପାଦକ ସର୍ଜେଣ୍ଟ ଅକ୍ଷୟ କୁମାର ସାହୁ , ଉପଦେଷ୍ଟା ଆଇନଜୀବୀ ମହେଶ୍ୱର କର, ଗୌରାଙ୍ଗ ଚରଣ ସ୍ୱାଇଁ, ଗୌରାଙ୍ଗ ଚରଣ ପ୍ରଧାନ, ସମାଜସେବୀ ରଣଜିତ ସିଂହ ଏବଂ ଏବିଭିପି ଛାତ୍ର ସଂଘର ବହୁ ଛାତ୍ର ଓ କାଳିଆ ସେବା ଫାଉଣ୍ଡେସନ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ସହିଦ ଯବାନମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପାର୍ଥନା କରିଥିଲେ। ଏହାପରେ ଭାରତ ମାତାର ଜୟଗାନ, ସହିଦ ଯବାନ ଅମର ରହେ ସ୍ଲୋଗାନ ଦେଇଥିଲେ। ସୁବେଦାର ମେଜର ହନିନାରି ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ ପୁଲବାମା ଘଟଣାର ବୀର ସହିଦ ଯବାନମାନଙ୍କ ବଳିଦାନ ଉଦ୍ଦେଶ୍ୟରେ ବିଶେଷ ଆଲୋକପାତ ସହିତ ଉପସ୍ଥିତ ଯୁବବର୍ଗଙ୍କୁ ଦେଶଭକ୍ତି ବିଷୟରେସ୍ୱ ଜ୍ଞାନ ପ୍ରଦାନ କରିଥିଲେ।

## ଭଗବତୀ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ କଳସଯାତ୍ରା

ରଘୁନାଥପୁର (ପିପିଏସ): ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ପଞ୍ଚାୟତ ବେହେରା ସାହିର ସମସ୍ତ ଶ୍ରଦ୍ଧାଳୁ ସହଯୋଗରେ ନିର୍ମାଣ କରାଯାଇଥିବା ମା' ଭଗବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ୧୪ତାରିଖ ଠାରୁ ୧୮ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯାଉଛି। ଏହି ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶନିବାରଦିନ କଳସ ଯାତ୍ରା ଅନୁଷ୍ଠିତହୋଇଥିଲା। ଗ୍ରାମର ୧୦୮ଜଣ ମହିଳା କଳସ ଯାତ୍ରାରେ ସାମିଲହୋଇ ନିକଟସ୍ଥ ବିଲୁଆଖାଇ ନଦୀର ସଙ୍ଗମ ସ୍ଥଳ ଅର୍ଜୁନ ଘାଟରୁ ପୂଜାର୍ଚ୍ଚନା କରି ପାଣି ଉଠାଇ ଯଜ୍ଞ




ସ୍ଥଳରେ ପହଞ୍ଚି କଳସ ସ୍ଥାପନ କରାଯାଇଥିଲା । ପରେ ମୁଖ୍ୟ ପଣ୍ଡିତ ପ୍ରକାଶ ଚନ୍ଦ୍ର ଦାଶ ଓ ସହଯୋଗୀ ବିଷ୍ଣୁ ମିଶ୍ର, ଦୀପ୍ତି କର, ଯଶୋବନ୍ତ ଦାଶ, ଶଶାଙ୍କ ଶେଖର ଦାଶ ଓ ଅଲେଖ ନାୟକ ପ୍ରମୁଖ ଅଗ୍ନି ସ୍ଥାପନ କରି ଯଜ୍ଞକ୍ଷହୁତି ଦେଇଥିଲେ। ଏଥିରେ କାଳନ୍ଦୀ ବେହେରା ଓ ତାଙ୍କ ଧର୍ମପତ୍ନୀ କାଞ୍ଚନ ବେହେରା କର୍ତାଭାବେ କାର୍ଯ୍ୟ ସମାପନ କରିଥିବାବେଳେ ବେହେରା ସାହିର ସଅମସ୍ତ ସଦସ୍ୟ ଧର୍ମୀୟ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଚୌଦ୍ୱାର କଲେଜର ରସାୟନ ବିଜ୍ଞାନ ବିଭାଗର ସେମିନାର

ଚୌଦ୍ୱାର,(ପିପିଏସ୍):ଚୌଦ୍ୱାର କଲେଜର ରସାୟନ ବିଜ୍ଞାନ ବିଭାଗର ଏକ ସେମିନାର ଶନିବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ରଶ୍ମୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁର୍ଲା ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳର ରସାୟନ ବିଜ୍ଞାନ ପ୍ରଫେସର ଡ. ଶରତ କୁମାର ସ୍ୱାଇଁ ବକ୍ତା ଭାବେ ଯୋଗଦେଇ 'ପ୍ରକୃତିରୁ ବିଜ୍ଞାନ' ଶୀର୍ଷକ ବିଷୟବସ୍ତୁ ଉପରେ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ । ବିଭାଗୀୟ ମୁଖ୍ୟ ଡ.ପ୍ରମିଳାରାଣୀ ବେହେରା ଅତିଥି ପରିଚୟ ଓ ଅଧାପିକା ଡ. ମମତା ସାହୁ ବିଷୟବସ୍ତୁ ସମ୍ପର୍କିତ ଧାରଣା ପ୍ରଦାନ କରିଥିଲେ । ବିଜ୍ଞାନାଗାର ଅଧାପକ ଦୀଲ୍ଲିପ କୁମାର ସାମଲ ବିଜ୍ଞାନର ଉପକାରିତା ଉପରେ ଆଲୋକପାତ କରିଥିଲେ। ପ୍ରାଧାପକ ମୋହିତ କର ଧନ୍ୟବାଦ ଅର୍ପଣ କରିଥିଲେ।

## ପହଞ୍ଚିଲା ଯୁକ୍ତ ୨ ପରୀକ୍ଷା ପ୍ରଶ୍ନପତ୍ର

ଚୌଦ୍ୱାର,(ପିପିଏସ୍):ଆସନ୍ତା ୧୮ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଛି +୨ ପରୀକ୍ଷା । ଏନେଇ ସମସ୍ତ ପ୍ରକ୍ରିୟା ଏକରକମ ଚୁଡାନ୍ତ ହୋଇଥିବା ଜଣାପଡିଛି । ଚୌଦ୍ୱାର କଲେଜକୁ ଅଞ୍ଚଳରେ ଥିବା ବିଭିନ୍ନ କଲେଜ ପରୀକ୍ଷା ପାଇଁ ପ୍ରଶ୍ନପତ୍ରର ହବ୍ ସେଣ୍ଟର କରାଯାଇଛି । ଶୁକ୍ରବାର ଦିନ ପ୍ରଶ୍ନପତ୍ର ଆସି ପୋଲିସ ପହରା ଭିତରେ ସେଣ୍ଟରରେ ରଖାଯାଇଛି । ଚୌଦ୍ୱାର କଲେଜରୁ ସ୍ଥାନୀୟ ଚୌଦ୍ୱାର ମହିଳା ମହାବିଦ୍ୟାଳୟ, ଶଙ୍କରପୁର ଗୋଖଲେ ଆଦର୍ଶ ମହାବିଦ୍ୟାଳୟ, ଭଗତପୁର କଲେଜ,ଏସ୍ଏସ୍ଡି ମହାବିଦ୍ୟାଳୟ ବାଲି, ଏସ୍ଏସ୍ଡି ମହାବିଦ୍ୟାଳୟ ଗୁରୁଡିଝାଟିଆ ଓ ଖୁଣ୍ଟୁଣୀସ୍ଥିତ ରାଧାନାଥ



ରଥ ବିଜ୍ଞାନ ମହାବିଦ୍ୟାଳୟକୁ ପ୍ରତେକ ପରୀକ୍ଷା ଦିନ ପୋଲିସ ସୁରକ୍ଷାରେ ସକାଳ ୬ଟା୩୦ମି ସମୟରୁ ପ୍ରଶ୍ନପତ୍ର କଲେଜ ମାନଙ୍କୁ ପଠାଇବାର ବ୍ୟବସ୍ଥା କରାଯାଇଥିବା ଅଧକ୍ଷା ରଶ୍ମୀ ରାଉତରାୟ ପ୍ରକାଶ କରିଛନ୍ତି। ମୋଟ ୨୦୧୩ଜଣ ଛାତ୍ରଛାତ୍ରୀ ଏହି କେନ୍ଦ୍ର ମାନଙ୍କରେ ପରୀକ୍ଷା ଦେବେ । ଏହିକ୍ରମରେ ଚୌଦ୍ୱାର କଲେଜରେ ଚଳିତ ବର୍ଷ କଳାରେ ୨୫୩, ବାଣିଜ୍ୟରେ ୬୯ ଓ ବିଜ୍ଞାନରେ ୧୨୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଏଥି ସହିତ ଚୌଦ୍ୱାର କଲେଜ ପରୀକ୍ଷା କେନ୍ଦ୍ରରେ ସ୍ଥାନୀୟ ଘରୋଇ ଶିକ୍ଷାନୁଷ୍ଠାନ ଓଡିଶା ସାଇନ୍ସ କଲେଜ,ଡ୍ରିମ୍ସ ସାଇନ୍ସ କଲେଜ ଓ ଶକ୍ତି ଜୁନିୟର କଲେଜର ମୋଟ ୪୪୩ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

## ରାଜସୁନାଖଳା ବୋମା ମାଡ଼ ଘଟଣା, ଦୁଇ ଗିରଫ

ନୟାଗଡ଼ (ପିପିଏସ) ରାଜସୁନାଖଳା ବୋମାମାଡ଼ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୭ ତାରିଖରେ ଦୁଇ ଜଣ ବ୍ୟକ୍ତି ରାଜସୁନାଖଳା ବଜାରରେ ସନ୍ତୋଷ ସାହୁ ନାମକ ଜଣେ ବ୍ୟବସାୟୀଙ୍କ ଉପରକୁ ବୋମାମାଡ଼ କରିଥିଲେ। ଏହି ଘଟଣାରେ ସନ୍ତୋଷଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ପୁଲିସ ବୋଲଗଡ଼ ଥାନା ଗୌଡ଼ସାହିର ଦିବ୍ୟଜ୍ୟୋତି ରାଉତ ଏବଂ ବିକାଶ କୁମାର ଜେନା। ପୁଲିସ ସୂଚନା ଅନୁସାରେ, ସନ୍ତୋଷ ସାହୁଙ୍କ ଦୋକାନରେ ବିକାଶଙ୍କ ପତ୍ନୀ ସେଲସ୍ ମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଦୋକାନରୁ ବାହାର କରି ଦେବା ପାଇଁ ବିକାଶ ବାରମ୍ବାର ସନ୍ତୋଷଙ୍କୁ ଦାବି କରୁଥିଲେ। ସନ୍ତୋଷ ଏଭଳି ନକରିବାରୁ ବିକାଶ ତାଙ୍କୁ ରାସ୍ତାରୁ ହଟାଇବା ଯୋଜନା କରି ଦିବ୍ୟଜ୍ୟୋତିଙ୍କ ସହଯୋଗ ଲୋଡ଼ିଥିଲେ। ସେ ଦିନ ରାତିରେ ଦୋକାନ ବନ୍ଦ ସମୟରେ ଦିବ୍ୟଜ୍ୟୋତି ଓ ବିକାଶ ଏକ ବାଇକରେ ଆସି ବୋମାମାଡ଼ କରିଥିଲେ। ଏହି ବୋମା ଦିବ୍ୟଜ୍ୟୋତି ନିଜେ ପ୍ରସ୍ତୁତ କରିଥିଲେ। ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦିବ୍ୟଜ୍ୟୋତିଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ପୁଲିସ ନିକଟରୁ ସୂଚନା ମିଳିଛି।


ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ ରାଉରକେଲା

**OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA**
**Phone No. 0661-266-4637, Fax No. 0661-2664638, e-mall-dforourkela.od@gov.in**
**Order No. 147/Dtd. 14.02.2025**
**INVITATION FOR BIDS (IFB)**
**E-Procurement Bid Identification No. RKL-F.E & C.C/2024-25 Dtd.**

1. Name of work : Construction of Water Body at near village Mundajore Forest Block: North Chirobeda Beat: Barkani Section: Bondamunda Forest Range: Panposh of Rourkela Forest Division, District Sundargarh.
2. No. of works : 01 Nos.
3. No. of covers : Single Cover
4. Estimated Cost : Rs.6,09,169.00
5. Period of Completion :01 Calendar Months
6. Date & Time of availability of bid documents in portal From 11:00 A.M of date 17.02.2025 to 05:00 P.M. of dated 24.02.2025
7. Last date/time for receipt of bids in the portal : Up to 05:00 P.M. of dated 24.02.2025
8. Date of opening of bid documents : At 11:00 A.M. of date 25.02.2025
9. Class of Contractor : "D" & "C" Class Contractor
10. Name and address of officer inviting Divisional Forest Officer, Bid : Rourkela Forest Division.

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.

**Sd:/- Divisional Forest Oficer**
**Rourkela Forest Division.**

**MM-485** OIPR-**08044/11/0024/2425**



**CUTTACK MUNICEPAL CORPORATION**
**"e" PROCUREMENT NOTICE**
**Tender Call Notice No. 2313 (PW)Date. 15.02.2025**

**Tender ID: 2024 ORULB 110028**
**Civil work-12 No.**
**Bid Value Rs.16.79 Lakhs to Rs.49.62 Lakhs**
**&**
**Tender ID: 2024 ORULB 109891 (Two Bid)**

Civil work-3 No. Bid Value: Rs.50.53 Lakhs to Rs.66.78 Lakhs
Date and Time schedule:

| Start | End | Opening |
|---|---|---|
| 11.00 AM on 18.02 2025 | dt. 5:00 PM on dt. 27.02.2025 | 11:00 A.M. dt.03.03.2025 |

Tender Details can be seen from the procurement portai. www.tendersorissa.gov.in

**Sd:/- Executive Engineer**
**City Division-III,CMC**

**C-1669** OIPR-**13031/11/0146/2425**



**FOREST DEPARTMENT OFFICE OF THE DIVISIONAL FOREST OFFICER, KARANJIA FOREST DIVISION**
**e-mail-dfo,karanjia@odisha.gov.in.**
**Government of Odisha "e" Procurement Notice Bid Identification No.-DFO-KRJ-02/2024-25**

1. Name of the work - Creation of Water body.
2. Number of works-5 (Five numbers of work)
3. Approximate estimated cost: -8.45202 lakh to 855064 lakh.
4. Class of Contractor:- "D" & "C" Class (As per Annexure)
5. Period of Completion: 20 days.
6. Tender paper cost: Rs. 4000/- (Rupees Four Thousand )only.
7. Date & Time of availability of bid documents in the portal: Dt.18.02.2025 to 25.02.2025.
8. Last Date/Time of receipt of bid in the portal: Dt.25.02.2025 up to 5.00 PM
9. Date of Opening of bid: Dt.27.02.2025 at 11.00 ?.?.
10. Name & address of the Office inviting bid:- O/o the Divisional Forest Officer, Karanjia Forest Division, Karanjia, Mayurbhanj.

Further details can be seen from the e-procurement portal http://www.tendersodisha.gov.in

**Sd:/-Divisional Forest Officer**
**Karanjia Forest Division**

**MM-483** OIPR-**08019/11/0002/2425**



**ଜଗତସିଂହପୁର ପୌରପରିଷଦ, ଜଗତସିଂହପୁର**
**OFFICE OF THW JAGATSINGHPUR MUNICIPALITY, JAGATSINGHPOUR**
**ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା**
**NOTICE**

No. 1494 Date: 14.02.2025
It is hereby infoirmed that due ot unavaidable circumstances the work SL.No. 55 & 56 of E-Procurement Notice no 1356 dt.05.02.2025 is hereby cancelled until further order.

**Sd:/-Execitove4 Pfficer**
**Jagatsinghpur**

**C-1662** OIPR-**13087/11/0015/2425**



**GOVERNMENT OF ODISHA**
**Panchayat Samiti, Junagarh**
**E-Procurement Notice**
**Bid Identification No. PS-JNG-T-2/2024-25**

| | | |
|---|---|---|
| 1. | No. of the work: | Building works 12 nos. |
| 2. | Estimated cost: | Rs. 13.67 lakh to Rs. 24.73 lakh |
| 3. | Class of Contractor: | "C & D" |
| 4. | Period of completion: | 6 months |
| 5. | Date and time of availability of bid document in the portal: | 11.00 hrs of 13.02.25 to 17.00 hrs of 28.02.25 |
| 6. | Last date/Time for receipt of bid in the portal: | 17.00hour of 28.02.25 |
| 7. | Name and address of the Officer Inviting Bid: | : Block Development Officer, Junagarh |

8. Date & Venue of Opening of the Single Cover: Bid and Technical Bid (Cover 1).: On 01.03.2025 at 11.00 AM in the Office of the Panchayat Samiti, Junagarh

Further details can be seen from the e-procurement portal https://tendersodisha.gov.in

**Sd/-:Block Development Officer**
**Junagarh**

**i-490** OIPR-**19180/11/0002/2425**



GOVERNMENT OF ODISHA
OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK
**E-MAIL:eefedcuttack@gmail.com**
**Bid identification No. 356/Dt. 12.02.2025//**

1. No. of works :06 (SIX) Number of Civil works.
2. Type of works : Civil works.
3. Approximate Estimated Cost : Rs. 65.62 Lakhs to Rs. 81.53 Lakhs
4. Class of Contractor : B
5. Period of Completion :06 [SIX] Calendar months.
6. Date of Sale & Receipt: Dt. 18.02.2025 to 2.00 PM of Dt. 04.03.2025. (Working days only).
7. Date of Opening : Dt. 06.03.2025 at 11:00 AM.
8. Name of Office inviting Bid : Executive Engineer (C), Directorate of Fisheries, Odisha, Cuttack.

Further details can be seen in the bidding documents & can be down loaded from the Government of Odisha website (http//www.odisha.gov.in). Authority reserves the right to reject any or all the tenders without assigning any reasons thereof.

**Sd/-: Executive Engineer(C)**
**Directorate of Fisheries,**
**Odisha. Cuttack**

**M-67** OIPR-**06030/11/0027/2425**

## ମହିଳା ପ୍ରିମିୟର ଲିଗ୍-୨୦୨୫

# ମ୍ୟାଚ୍ ଆରମ୍ଭରୁ ଭାଙ୍ଗିଲା ରେକର୍ଡ



ନୂଆଦିଲ୍ଲୀ: ମହିଳା ପ୍ରିମିୟର ଲିଗ୍-୨୦୨୫ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ହିଁ ଅନେକ ରେକର୍ଡ ଭାଙ୍ଗି ଯାଇଛି। ସିଜିନର ପ୍ରଥମ ମ୍ୟାଚ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦୧ ରନ୍ ? କରିଥିଲା। ଜବାବରେ, ଆରସିବି ୧୮.୩ ଓଭରରେ ଲକ୍ଷ୍ୟ ହାସଲ କରିଥିଲା। ଆରସିବି ହିରୋ ରିଚା ଘୋଷ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଏକ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ।

ଗୁଜରାଟ ପାଇଁ ଅଧିନାୟକ ଆଶଲି ଗାର୍ଡନର ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୩୭ ବଲ୍‌ରେ ଅପରାଜିତ ୭୯ ରନ୍ କରିଥିଲେ। ଏହି ସମୟରେ ସେ ୩ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ବେଥ୍ ମୁନି ୫୬ ରନର ଇନିଂସ ଖେଳିଥିଲେ। ଏହିପରି ଦଳ ୨୦ ଓଭରରେ ୫ ୱିକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ବେଙ୍ଗାଲୁରୁ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ମୋଟ ୪୦୩ ରନ୍ ହୋଇଥିଲା।

ଏହା ମହିଳା ପ୍ରିମିୟର ଲିଗ୍ ଇତିହାସରେ ଏକ ମ୍ୟାଚ୍‌ରେ ସର୍ବାଧିକ ମୋଟ ସ୍କୋର। ରେକର୍ଡ ଦୃଷ୍ଟିରୁ ଏହି ମ୍ୟାଚ୍ ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେଲା। ମହିଳା ପ୍ରିମିୟର ଲିଗ୍ ଇତିହାସରେ ଆରସିବି ସର୍ବାଧିକ ସ୍କୋର ପିଛା କରିଛି। ତାଙ୍କୁ ଜିତିବା ପାଇଁ ୨୦୨ ରନ୍ କରିବାକୁ ପଡିଥିଲା। ଆରସିବି ସହଜରେ ଏହି ସଫଳତା ହାସଲ କରିଛି। ପୂର୍ବରୁ, ୨୦୨୪ ମସିହାରେ ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୯୧ ରନକୁ ପିଛା କରାଯାଇଥିଲା।

ଏହି ମ୍ୟାଚ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ ରେକର୍ଡ ମଧ୍ୟ ସୃଷ୍ଟି ହୋଇଥିଲା। ଆରସିବିର ରିଚା ଘୋଷ ଏବଂ କେଏସ ଆହୁଜାଙ୍କ ମଧ୍ୟରେ ୯୩ ରନର ଭାଗୀଦାରି ହୋଇଥିଲା।

ଆରସିବି ଖେଳାଳି ରିଚା ଘୋଷ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। ସେ ୨୭ଟି ବଲ୍ ସାମ୍ନା କରି ଅପରାଜିତ ୬୪ ରନ୍ କରିଥିଲେ। ସେ ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଯେତେବେଳେ କନିକା ଆହୁଜା ୧୩ ବଲ୍‌ରେ ୩୦ ରନ୍ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୪ଟି ଚୌକା ସାମିଲ ଥିଲା। ଦଳ ପକ୍ଷରୁ ଆଲିସ୍ ପେରି ୩୪ ବଲ୍‌ରେ ୫୭ ରନ୍ କରିଥିଲେ। ସେ ୬ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

# ପଙ୍କଜ ମହାନ୍ତି ଓସିଏ ସଭାପତି ନିର୍ବାଚିତ



କଟକ, (ପିପିଏସ୍): ପଙ୍କଜ ଲୋଚନ ମହାନ୍ତି ହେଲେ ଓସିଏ ସଭାପତି। ଓସିଏ ସଭାପତି ପଦରେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ପଙ୍କଜ। ଗତ ଡିସେମ୍ବର ୧୯ରେ ପ୍ରଣବ ପ୍ରକାଶ ଦାଶ ଓସିଏ ସଭାପତି ପଦରୁ ଇସ୍ତଫା ଦେବା ପରେ ଏହି ପଦ ଖାଲି ପଡ଼ିଥିଲା। ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କୁ ଇସ୍ତଫା ପତ୍ର ଦେଇଥିଲେ ପ୍ରଣବ। ତାଙ୍କ ଇସ୍ତଫା ପତ୍ର ଓସିଏ ତୁରନ୍ତ ଗ୍ରହଣ କରି ନେଇଥିଲା। ଏନେଇ ବାର୍ଷିକ ସାଧାରଣ ପରିଷଦ ବୈଠକରେ ସଞ୍ଜୟ ବେହେରା ସୂଚନା ଦେଇଥିଲେ। ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବ ବୋଲି ମଧ୍ୟ ସେ କହିଥିଲେ।

ତେବେ ଫେବୃଆରୀ ୨୩ରେ ଓସିଏ ସଭାପତି ନିର୍ବାଚନ ହେବାର ଥିଲା। କିନ୍ତୁ କେହି ନାମାଙ୍କନ ଦାଖଲ ନକରିବାରୁ ପଙ୍କଜ ମହାନ୍ତି ଓସିଏ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ୧୨ ତାରିଖରେ ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ପଙ୍କଜ। ୧୪ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୫ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୬ ତାରିଖରେ ଚୂଡାନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା ହେବାର ଥିଲା। ପ୍ରଣବ ପ୍ରକାଶ ଦାସଙ୍କ ଇସ୍ତଫା ପରେ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ ପଙ୍କଜ ଲୋଚନ ମହାନ୍ତି।

ଶେଷ ଥର ୨୦୨୨ ଅକ୍ଟୋବର ୨୮ରେ ଓସିଏ ନିର୍ବାଚନ ହୋଇଥିଲା। ସଭାପତି ପଦ ଲାଗି ନିର୍ବାଚିତ ହୋଇଥିଲେ ପ୍ରଣବ ପ୍ରକାଶ ଦାସ। ତେବେ କାର୍ଯ୍ୟକାଳ ଶେଷ ହେବାର ୧୦ ମାସ ପୂର୍ବରୁ ସେ ଇସ୍ତଫା ଦେଇଥିଲେ। ପୂର୍ବରୁ ୨୦୧୯ରୁ ୨୨ ପର୍ଯ୍ୟନ୍ତ ଓସିଏର ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି ପଙ୍କଜ ଲୋଚନ ମହାନ୍ତି।

# ମାଷ୍ଟର୍ସ ଲିଗ୍ ଲାଗି ସଚିନଙ୍କ ସଜବାଜ



ମୁମ୍ବାଇ: ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ପୁଣି ଥରେ ଭାରତୀୟ ଜର୍ସି ପିନ୍ଧିବେ। ତାଙ୍କ ସହ ଶ୍ରୀଲଙ୍କାର ପୂର୍ବତନ ୱିକେଟ୍ ରକ୍ଷକ କୁମାର ସାଙ୍ଗାକାରା ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିବେ। ଉଭୟ ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଯଥାକ୍ରମେ ଭାରତ ଓ ଶ୍ରୀଲଙ୍କା ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ଚଳିତମାସ ୨୨ ତାରିଖରୁ ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ, ବଡ଼ୋଦରା ଓ ରାୟପୁରରେ ଖେଳାଯିବ।

ଭାରତୀୟ ମାଷ୍ଟର୍ସ ଦଳରେ ସଚିନଙ୍କ ସହ ବିଶ୍ୱକପ୍ ବିଜୟୀ ଯୁବରାଜ ସିଂହ, ସୁରେଶ ରାଇନା, ପୂର୍ବତନ ଅଲରାଉଣ୍ଡର୍ ଇର୍ଫାନ୍ ପଠାନ, ଅମ୍ବାତି ରାୟୁଡୁଙ୍କ ଭଳି ଖେଳାଳିଙ୍କୁ ଦେଖିବାକୁ ମିଳିବ। ସଚିନ ଏଥିନେଇ ଅଭ୍ୟାସ ଆରମ୍ଭ କରି ସାରିଲେଣି। ଶୁକ୍ରବାର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମାଷ୍ଟର୍ସ ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣକୁ ନେଇ ସେ କହିଛନ୍ତି, ଅନ୍ତର୍ଜାତୀୟ ମାଷ୍ଟର୍ସ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତୀୟ ମାଷ୍ଟର୍ସ ଦଳର ଅଧିନାୟକ ନିଯୁକ୍ତ ହୋଇ ମୁଁ ବେଶ୍ ଉଲ୍ଲସିତ।

# ୪୬ ପଦକ ସହ ଓଡ଼ିଶା ଦ୍ୱାଦଶ

## ପୁରସ୍କାର ଘୋଷଣା କଲେ ରାଜ୍ୟ ସରକାର, ସ୍ୱର୍ଣ୍ଣ-୬, ରୌପ୍ୟ-୪, କାଂସ୍ୟ ବିଜେତାଙ୍କୁ ୩ ଲକ୍ଷ


ଭୁବନେଶ୍ୱର (ପିପିଏସ୍): ଉତ୍ତରାଖଣ୍ଡରେ ଆୟୋଜିତ ୩୮ତମ ଜାତୀୟ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ୧୪ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୭ କାଂସ୍ୟ ସହ ମୋଟ ୪୬ ପଦକ ସହ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ଗତ ସଂସ୍କରଣଗୁଡ଼ିକ ଅପେକ୍ଷା ଓଡ଼ିଶାର ଶ୍ରେଷ୍ଠ ସଫଳତା। ଗତ ସଂସ୍କରଣରେ ଓଡ଼ିଶା ୫୮ (୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୩୦ କାଂସ୍ୟ) ପଦକ ପାଇ ଷୋଡ଼ଶ ସ୍ଥାନରେ ଥିଲା। ଚଳିତ ବର୍ଷ ପଦକ ସଂଖ୍ୟା କମିଥିଲେ ମଧ୍ୟ ସ୍ୱର୍ଣ୍ଣ ବଢ଼ିଥିବାରୁ ଓଡ଼ିଶା ଦ୍ୱାଦଶ ସ୍ଥାନରେ ଅଭିଯାନ ଶେଷ କରିଛି। ସର୍ଭିସେସ୍ ୧୨୧ (୬୮ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୭ କାଂସ୍ୟ) ପଦକ ଶୀର୍ଷରେ ରହିଥିଲା। ସର୍ଭିସେସ୍‌ଠୁ ମହାରାଷ୍ଟ୍ର (୨୦୧ ପଦକ, ୫୪ ସ୍ୱର୍ଣ୍ଣ, ୭୧ ରୌପ୍ୟ, ୭୬ କାଂସ୍ୟ) ଏବଂ ହରିୟାଣା ୧୫୩ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ କାଂସ୍ୟ) ଅଧିକ ପଦକ ପାଇଥିଲେ ମଧ୍ୟ ସ୍ୱର୍ଣ୍ଣରେ ପଛରେ ପଡ଼ି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାକୁ ସର୍ବାଧିକ ୭ ପଦକ ଜିମ୍ନାଷ୍ଟିକ୍ସରୁ ଆସିଥିଲା। ଏଥିରେ ୩ ସ୍ୱର୍ଣ୍ଣ ଏବଂ ୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ରହିଥିଲା। ଏହା ପଛକୁ ସାଇକ୍ଲିଂ (୧ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ କାଂସ୍ୟ) ଏବଂ କାନୋଇଂ-କାୟାକିଂ (୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୪ କାଂସ୍ୟ)ରୁ ୬ ଲେଖାଏଁ ପଦକ ମିଳିଥିଲା। ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ୩ ସ୍ୱର୍ଣ୍ଣ (୧୦୦ ମିଟର ରିଲେ, ୧୦୦ ଓ ୨୦୦ ମିଟର ଦୌଡ଼)ରେ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ତାଙ୍କ ପଛକୁ ଜିମ୍ନାଷ୍ଟ ରାକେଶ ପାତ୍ର ୨ ସ୍ୱର୍ଣ୍ଣ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଓଡ଼ିଶା ସରକାର ରାଜ୍ୟ ଦଳର ସ୍ୱର୍ଣ୍ଣ ବିଜେତାଙ୍କୁ ୬ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୪ ଲକ୍ଷ ଏବଂ କାଂସ୍ୟ ବିଜେତାଙ୍କ ଲାଗି ୩ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରିଛନ୍ତି।

ହଲ୍‌ଦିୱାନୀ ଷ୍ଟାଡିୟମ୍‌ରେ ଆୟୋଜିତ ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଗୃହମନ୍ତ୍ରୀ ଅମିତ ଶାହ, ମେଘାଳୟ ମୁଖ୍ୟମନ୍ତ୍ରୀ କୋନାରଡ ସାଙ୍ଗ୍‌ମା, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ସଭାପତି ପିଟି ଉଷା, କିଂବଦନ୍ତି ମୁଷ୍ଟିଯୋଦ୍ଧା ଏମ୍‌ସି ମେରିକମ୍ ଓ ଅଲିମ୍ପିକ୍ ପଦକ ବିଜେତା ସୁଟର ଗଗନ ନାରଙ୍ଗଙ୍କ ସହ ଉତ୍ତରାଖଣ୍ଡ ସରକାରଙ୍କ ଅନେକ ମନ୍ତ୍ରୀ, ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ପିଟି ଉଷା ୩୯ତମ ଜାତୀୟ କ୍ରୀଡ଼ା ଆୟୋଜନ ଲାଗି ମେଘାଳୟ ମୁଖ୍ୟମନ୍ତ୍ରୀ ଶ୍ରୀ ସାଙ୍ଗମାଙ୍କୁ ପତାକା ହସ୍ତାନ୍ତର କରିଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୬ ଫେବୃଆରୀ-୨୨ ଫେବୃଆରୀ ୨୦୨୫ ଦିଲ୍ଲୀରେ ଫୁଟିଲା ପଦ୍ମ




ବିଜେପିକୁ ଦିଲ୍-ଖୋଲା ସମର୍ଥନ ଦେଇଛନ୍ତି ଦିଲ୍ଲୀବାସୀ। ପଦ୍ମଝଡ଼ରେ ଚିତ୍ ଟାଙ୍ଗ ମାରିଛି ଝାଡୁ। କାମଦେଲାନି କେଜ୍ରିୱାଲଙ୍କ କ୍ରେଜ୍। ଧ୍ୱସ୍ତହେଲା ଆପ୍‌ଗଡ଼। ଦୀର୍ଘ ୨୭ବର୍ଷ ପରେ ପୁଣି ଥରେ ରାଜଧାନୀରେ ଫୁଟିଛି ପଦ୍ମ। ସତ୍ତାକୁ ଫେରିଛି ଭାରତୀୟ ଜନତା ପାର୍ଟି। ଏକଜିଟ୍ ପାଲ୍ ଏକ୍‌ଜାଟ ପ୍ରମାଣିତ ହୋଇଥିବା ବେଳେ ବିଜେପି କ୍ୟାମ୍ପ୍‌ରେ ନାହିଁନଥିବା ଉତ୍ସାହ।

**ଜାତୀୟ:** ପଞ୍ଜାବରେ ଭାଙ୍ଗିଯିବ ଆପ୍ ସରକାର ?

**ସ୍ୱତନ୍ତ୍ର ପ୍ରସଙ୍ଗ:** କୁମ୍ଭମେଳାରେ ଭିଡ଼ର ଇତିହାସ

**ନାରୀ:** ଚାଉଳ ପାଣିରେ କେଶପାଇଁ ଚମତ୍କାରିତା

**କ୍ଷୁଦ୍ରଗଳ୍ପ:** ଦଙ୍ଗା

**ଚଳଚ୍ଚିତ୍ର:** ଅରିଜିତଙ୍କୁ ପଦ୍ମଶ୍ରୀ, ମହାକୁମ୍ଭରେ ବୁଡ଼ ପକାଇଲେ ସୁନିଲ, ମେଲ୍ ଜରିଆରେ କପିଲଙ୍କୁ ହତ୍ୟା ଧମକ, ଚିନ୍ତାରେ ପରିବାର, 'ଗଲି ବୟ-୨'ରୁ ବାଦ୍ ଦ୍ରିବେ ଆଲିଆ-ରଣବୀର, ସାହିଦଙ୍କ ସଂଘର୍ଷ ପୂର୍ଣ୍ଣ କାହାଣୀ, ପଦ୍ମ ।ଇଁ ରାଗିଲେ ସୋନୁ..., ଏମର୍ଜେନ୍ସିକୁ ବ୍ରିଟେନ୍‌ରେ ବିରୋଧ, ମହାରାଣୀ ୟେସୁବାଇ ଭୂମିକାରେ ରଶ୍ମିକା

**ଖେଳ:** ବିଶ୍ୱରେକର୍ଡ ତିଳକ ବମ । ଭାଙ୍ଗିଲେ, ମହଙ୍ଗା ହେଲା ନେଟ୍ ଫ୍ଲିକ୍ସ ସବସ୍କ୍ରି ସନ୍.., ୨୦୧୯ ବିଶ୍ୱକପ୍‌ରେ କ'ଣ ଘଟିଥିଲା ?, ବୁମ୍ ବୁମ୍ ବୁମ୍‌ରା..., ୧୩ ବର୍ଷ ପରେ ରଣ୍‌ଜୀ ଖେଳିବେ କୋହଲ, ଧୋନି କ'ଣ ଜାଣିଶୁଣି ହରାଇଥିଲେ ୨୦୧୯ ବିଶ୍ୱକପ୍, ୧୦ହଜାର ଟେଷ୍ଟ ରନ୍ କ୍ଲବ୍‌ରେ ସ୍ମିଥ୍,

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ

# ଦୁବାଇ ଅଭିମୁଖେ ଟିମ୍ ଇଣ୍ଡିଆ, ସାଥିରେ ଗଲେନି ପରିବାର




ମୁମ୍ବାଇ: ଭାରତୀୟ କ୍ରିକେଟ ଦଳ ଶନିବାର ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଦୁବାଇ ଗସ୍ତ କରିଛି। ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀର ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ସମେତ କିଛି ଖେଳାଳି ମୁମ୍ବାଇରୁ ଯାଇଛନ୍ତି। ଟିମ ଇଣ୍ଡିଆ ଦୁଇଟି ଭାଗରେ ଦୁବାଇ ପହଞ୍ଚିବ। ଦଳର ଦ୍ୱିତୀୟ ବ୍ୟାଚ ମଧ୍ୟ ଖୁବ୍‌ଶୀଘ୍ର ଯିବ।

ଭାରତର ପ୍ରଥମ ମ୍ୟାଚ ବାଂଲାଦେଶ ସହିତ ୨୦ ଫେବୃଆରୀରେ ଖେଳାଯିବ। ମୁଖ୍ୟ କୋଚ ଗମ୍ଭୀର, ଅଧିନାୟକ ରୋହିତ, ବିରାଟ କୋହଲି, ୱାଶିଂଟନ ସୁନ୍ଦର, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଶୁଭମନ ଗିଲ ଶ୍ରେୟସ ଆୟର ଏବଂ ଅକ୍ଷର ପଟେଲଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଏହି ସମସ୍ତ ଖେଳାଳି ଟିମ ଇଣ୍ଡିଆର ପ୍ରଥମ ବ୍ୟାଚ୍‌ର ଅଂଶ ଅଛନ୍ତି।

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତାର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃଆରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଟିମ ଇଣ୍ଡିଆର ସମସ୍ତ ମ୍ୟାଚ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଏଥର ଟିମ୍ ଇଣ୍ଡିଆର ଖେଳାଳିମାନେ ପରିବାରବର୍ଗଙ୍କୁ ସାଥିରେ ନେଉ ନାହାଁନ୍ତି। ବିସିସିଆଇର ନୂତନ ନିୟମ ଯୋଗୁ ଏହା ଘଟିଛି।

ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି ଟିମ ଇଣ୍ଡିଆର କୌଣସି ଗସ୍ତ ୪୫ ଦିନ କିମ୍ବା ତା'ଠାରୁ ଅଧିକ ସମୟର ହୋଇଥାଏ, ତେବେ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ୨ ସପ୍ତାହ ପାଇଁ ଗସ୍ତରେ ରହିପାରିବେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା।

# କଳିଙ୍ଗରେ ପ୍ରୋ ଲିଗ୍ ହକି: ଯୋଗ୍ୟତା ଲକ୍ଷ୍ୟରେ ଭାରତୀୟ ପୁରୁଷ ଓ ମହିଳା ଦଳ

ଭୁବନେଶ୍ୱର: ହକି ଇଣ୍ଡିଆ ଲିଗ୍ ଶେଷ ହେବାର ୧୫ ଦିନ ପରେ ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତା ଓଡ଼ିଶାକୁ ଫେରିଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାରଠୁ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଭାରତ ଲିଗ୍ ଆରମ୍ଭ ହେବାକୁ ଯାଉଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଆସନ୍ତାକାଲିଠାରୁ ଘରୋଇ ପଡ଼ିଆରେ ନିଜନିଜର ଅଭିଯାନ ଆରମ୍ଭ କରିବେ। ଏହି ପ୍ରତିଯୋଗିତାର ବିଜେତା ଦଳ ସିଧାସଳଖ ୨୦୨୬ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଦୁଇଟି ଯାକ ଦଳ ଏହି ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ଭାରତୀୟ ପୁରୁଷ ଦଳ ସ୍ପେନ୍ ବିପକ୍ଷରେ ଶନିବାର ଓ ରବିବାର ଦୁଇଟି ମ୍ୟାଚ୍ ଖେଳିବ। ଏହାପରେ ୧୮ ଓ ୧୯ରେ ଜର୍ମାନୀ ଏବଂ ୨୧ ଓ ୨୨ରେ ଆୟର୍ଲାଣ୍ଡ ଏବଂ ୨୪ ଓ ୨୫ରେ ଇଂଲଣ୍ଡ ବିପକ୍ଷରେ ଖେଳି ଘରୋଇ ଲିଗ୍ ଶେଷ କରିବ। ଏହାପରେ ବିଦେଶ ମାଟିରେ ଜୁନ୍ ୭ରୁ ୨୨ ପର୍ଯ୍ୟନ୍ତ ଖେଳିବ। ଏହି ଲେଗ୍ ?ରେ ନେଦରଲାଣ୍ଡ୍‌ସ ଓ ଆର୍ଜେଣ୍ଟିନା ବିପକ୍ଷରେ ଆମଷ୍ଟରଡାମ୍ ଏବଂ ଅଷ୍ଟ୍ରେଲିଆ ଓ ବେଲ୍‌ଜିୟମ୍ ବିପକ୍ଷରେ ଅନ୍ତୱର୍ପରେ ଖେଳି ପ୍ରୋ ଲିଗ୍ ଅଭିଯାନ ଶେଷ କରିବ। ତେବେ ଯୋଗ୍ୟତା ହାସଲ ଲକ୍ଷ୍ୟରେ ଭାରତୀୟ ପୁରୁଷ ଓ ମହିଳା ଦଳ ରହିଥିବା ସୂଚନା ମିଳିଛି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583